୬ ଅରେଞ୍ଜ କ୍ୟାପ୍ ରେସ୍ : ବୈଭବ ସୂର୍ଯ୍ୟବଂଶୀ ନଂ-୧, ଟପ୍-୫ ଦୌଡ଼ରୁ ବାହାରିଲେ କୋହଲି




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୧୮ ● ୨୯ ମଇ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-118 ● 29th May 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ଭାରତ-ଚୀନ୍ ସୀମା ଡବ୍ଲ୍ୟୁଏମ୍ସିସି ବୈଠକ

# ଦ୍ୱିପାକ୍ଷିକ ସମ୍ପର୍କ ସ୍ୱାଭାବିକ କରିବା ଉପରେ ଗୁରୁତ୍ୱ

**ନୂଆଦିଲ୍ଲୀ/ବେଜିଂ, ୨୮।୫**

ଭାରତ ଏବଂ ଚୀନ୍ ମଧ୍ୟରେ ସୀମା ବ୍ୟାପାର ଉପରେ ପରାମର୍ଶ ଏବଂ ସମନ୍ୱୟ ପାଇଁ କାର୍ଯ୍ୟ ପ୍ରଣାଳୀ (ଡବ୍ଲ୍ୟୁଏମ୍ସିସି)ର ୩୫ତମ ବୈଠକ ବେଜିଂରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ସମାପ୍ତ ହୋଇଛି। ଚୀନରେ ହେବାକୁ ଥିବା ସ୍ୱତନ୍ତ୍ର ପ୍ରତିନିଧି (ଏସ୍ଆର) ଙ୍କ ଆଗାମୀ ବୈଠକ ପାଇଁ ଏକ ଦୃଢ଼ ମୂଳଦୁଆ ପକାଇବା ଲାଗି ଉଭୟ ପକ୍ଷ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ସଂକଳ୍ପ ନେଇଥିଲେ।



ଗୁରୁବାର ଏଠାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତ୍ତି ଅନୁଯାୟୀ, ବୈଠକରେ ଉଭୟ ଦେଶ ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବାରେ ହୋଇଥିବା ଅଗ୍ରଗତି ଉପରେ ସନ୍ତୋଷ ବ୍ୟକ୍ତ କରିଛନ୍ତି, ଯାହା ଦ୍ୱିପାକ୍ଷିକ ସମ୍ପର୍କକୁ ଧୀରେ ଧୀରେ ସ୍ୱାଭାବିକ କରିବା ପାଇଁ ପଥ ପରିଷ୍କାର କରିଛି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ପୂର୍ବ ଏସିଆ) ସୁଜିତ ଘୋଷ। ଚୀନ୍ ପ୍ରତିନିଧିମଣ୍ଡଳର ନେତୃତ୍ୱ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୀମା ଏବଂ ମହାସାଗରୀୟ ବ୍ୟାପାର ବିଭାଗର ମହାନିର୍ଦ୍ଦେଶକ ସୁଶ୍ରୀ ହୋ ୟାଙ୍କି ନେଇଥିଲେ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ଏହି ବୈଠକରେ ଉଭୟ ପକ୍ଷ ମଧ୍ୟରେ ଅତ୍ୟନ୍ତ ଗଠନମୂଳକ ଏବଂ ଦୂରଦୃଷ୍ଟିସମ୍ପନ୍ନ ଆଲୋଚନା ହୋଇଥିଲା। ଦୁଇ ଦେଶର କୂଟନୀତିଜ୍ଞମାନେ ଭାରତ-ଚୀନ୍ ସୀମା କ୍ଷେତ୍ରର ବର୍ତ୍ତମାନର ପରିସ୍ଥିତିର ବିସ୍ତୃତ ସମୀକ୍ଷା କରିଥିଲେ। ସୀମାରେ ସ୍ଥିରତା ଏବଂ ଶାନ୍ତି ବଜାୟ ରଖିବା ପ୍ରୟାସ ସକାରାତ୍ମକ ଫଳାଫଳ ଦେଉଛି ବୋଲି ଉଭୟ ପକ୍ଷ ସହମତ ହୋଇଥିଲେ।

ଏହି ବୈଠକରେ ତିନୋଟି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମୁଖ୍ୟତଃ ସୀମା ନିର୍ଦ୍ଧାରଣ, ସୀମା ପରିଚାଳନା, ବ୍ୟବସ୍ଥା ନିର୍ମାଣ ଏବଂ ସୀମାପାର ସହଯୋଗ ସମ୍ବନ୍ଧୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସୀମାପାର ନଦୀ ବିଷୟରେ ଯଥାଶୀଘ୍ର ପରବର୍ତ୍ତୀ ବିଶେଷଜ୍ଞସ୍ତରୀୟ ବ୍ୟବସ୍ଥା ବୈଠକ ଆୟୋଜନ କରିବାର ଆବଶ୍ୟକତା ଉପରେ ଭାରତୀୟ ପକ୍ଷ ଗୁରୁତ୍ୱାରୋପ କରିଥିଲେ। ଏହା ବ୍ୟତୀତ, ୨୪ତମ ସ୍ୱତନ୍ତ୍ର ପ୍ରତିନିଧି ସ୍ତରୀୟ ଆଲୋଚନାର ନିଷ୍ପତ୍ତି ଅନୁଯାୟୀ କୂଟନୈତିକ ଏବଂ ସାମରିକ ସ୍ତରରେ ନିୟମିତ ଯୋଗାଯୋଗ ଏବଂ ସମ୍ପର୍କ ବଜାୟ ରଖିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

## ଅନୁପ୍ରବେଶକାରୀଙ୍କୁ ଅମିତ ଶାହଙ୍କ ଚେତାବନୀ

# ତୁରନ୍ତ ନିଜ ଦେଶକୁ ଫେରିଯାଅ

**ନୂଆଦିଲ୍ଲୀ, ୨୮।୫**

ଭାରତ-ବାଂଲାଦେଶ ସୀମାରେ ପୋଷ୍ଟ ନିର୍ମାଣ ଏବଂ କଣ୍ଟା ତାର ବାଡ଼ ସ୍ଥାପନ ପାଇଁ ପଶ୍ଚିମବଙ୍ଗ ସରକାର ସୀମା ସୁରକ୍ଷା ବଳକୁ ଜମି ହସ୍ତାନ୍ତର କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର କହିଛନ୍ତି ଯେ ପଶ୍ଚିମବଙ୍ଗରେ ନବଗଠିତ ବିଜେପି ସରକାର ବାଂଲାଦେଶ ସୀମାରେ ତାରବାଡ଼ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ସାତ ଦିନ ମଧ୍ୟରେ ବିଏସଏଫକୁ ୬୦୦ ହେକ୍ଟର ଜମି ହସ୍ତାନ୍ତର କରିଛି।



ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ବିଜେପି ରାଜ୍ୟର ସୀମାରେ ବାଡ଼ ଦେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କର ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିଛି। ସେ କହିଛନ୍ତି, 'ଆମେ ନିର୍ବାଚନ ପ୍ରଚାର ସମୟରେ ପ୍ରତିଶ୍ରୁତି ଦେଇଥିଲୁ ଯେ ଯଦି ଆପଣ ଆମକୁ କ୍ଷମତା ଦିଅନ୍ତି, ତେବେ ଆମେ କିଛି ଦିନ ମଧ୍ୟରେ ବାଂଲାଦେଶ ସୀମାରେ ବାଡ଼ ଦେବା ଆରମ୍ଭ କରିବୁ।'ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ବିଜେପି ରାଜ୍ୟର ସୀମାରେ ବାଡ଼ ଦେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କର ନିର୍ବାଚନୀ ପ୍ରତିଶ୍ରୁତି ସେ ପୂରଣ କରିଛି। ଆମେ ନିର୍ବାଚନ ପ୍ରଚାର ସମୟରେ ପ୍ରତିଶ୍ରୁତି ଦେଇଥିଲୁ ଯେ ଯଦି ଆପଣ ଆମକୁ କ୍ଷମତା ଦିଅନ୍ତି, ତେବେ ଆମେ କିଛି ଦିନ ମଧ୍ୟରେ ବାଂଲାଦେଶ ସୀମାରେ ବାଡ଼ ଦେବା ଆରମ୍ଭ କରିବୁ।' ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇ ଶାହ କହିଛନ୍ତି 'ମାତ୍ର ସାତ ଦିନ ମଧ୍ୟରେ ୬୦୦ ହେକ୍ଟର ଜମି ବିଏସଏଫକୁ ହସ୍ତାନ୍ତର କରିବା ପାଇଁ ମୁଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବାକୁ ଚାହୁଁଛି।'

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ପଦକ୍ଷେପକୁ ବିଜେପିର ବ୍ୟାପକ ଜାତୀୟ ସୁରକ୍ଷା ଏଜେଣ୍ଡା ସହିତ ଯୋଡ଼ିଛନ୍ତି ଏବଂ ଦାବି କରିଛନ୍ତି ଯେ ବଙ୍ଗଳାରେ ସରକାର ପରିବର୍ତ୍ତନ ପରେ ବାଂଲାଦେଶ ସୀମା ଦେଇ ଅନୁପ୍ରବେଶ ହ୍ରାସ ପାଇଛି। ପୂର୍ବରୁ, ମମତା ବାନାର୍ଜୀଙ୍କ ଶାସନ ସମୟରେ, ପ୍ରତିଦିନ ଅନୁପ୍ରବେଶ ହେଉଥିଲା, କିନ୍ତୁ ବର୍ତ୍ତମାନ ଅନୁପ୍ରବେଶକାରୀମାନେ ନିଜେ ଫେରିବା ଆରମ୍ଭ କରିଛନ୍ତି। ମୁଁ ଅନୁପ୍ରବେଶକାରୀମାନଙ୍କୁ କହିବାକୁ ଚାହୁଁଛି ସମୟ ଥାଉ ଥାଉ ନିଜ ଦେଶକୁ ଫେରି ଯାଅ।'

ଶାହ କହିଛନ୍ତି, 'ଆଜି ବିଜେପି ଦେଶର ଭୌଗୋଳିକ କ୍ଷେତ୍ରର ୮୦ ପ୍ରତିଶତ ଉପରେ ଶାସନ କରୁଛି। ନିକଟରେ ବଙ୍ଗଳାରେ ନିର୍ବାଚନ ହୋଇଥିଲା, ଯେଉଁଠାରେ ଦିଦିଙ୍କ ସରକାର ସମ୍ପୂର୍ଣ୍ଣ ମୂଳପୋଛ ହୋଇଛି। ଗୃହମନ୍ତ୍ରୀ ଅମିତ ଶାହ ଏହା *(ପୃଷ୍ଠା ୭ରେ)*

## ପିଏମ୍ଏୱାଇ-ଜି ଅଧୀନରେ ୧୨ ରାଜ୍ୟକୁ ୧୦,୦୨୧ କୋଟି ଟଙ୍କା

**ନୂଆଦିଲ୍ଲୀ, ୨୮।୫**

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗୁରୁବାର ଦିନ ଭିଡିଓ କନଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମ୍ଏୱାଇ-ଜି) ଅଧୀନରେ ୧୨ଟି ରାଜ୍ୟକୁ ୧୦,୦୨୧.୪୨ କୋଟି ଟଙ୍କାର ପାଣ୍ଠି ପ୍ରଦାନ କରିଛନ୍ତି । ଏହି ଅବସରରେ କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଚନ୍ଦ୍ରଶେଖର ପେମ୍ମାସାନୀ ମଧ୍ୟ ଉପସ୍ଥିତ ଥିଲେ । ଯେଉଁ *(ପୃଷ୍ଠା ୭ରେ)*



ଭୁବନେଶ୍ୱର : ପବିତ୍ର ଇଦ୍-ଉଜ୍-ଜୁହା ପାଳନ ଅବସରରେ ଯଦୁପୁର ମସ୍ଜିଦ୍‌ରେ ମୁସଲମାନ ଭାଇମାନଙ୍କ ସମୂହ ନମାଜପାଠ (ଫଟୋ-ସମ୍ବାଦ କଳିକା)

## ସିବିଏସ୍ଇ ଓ ଓଏସ୍ଏମ୍ ବିବାଦ

# କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଲେ ତ୍ରୁଟି ପାଇଁ ମୁଁ ଦାୟୀ

**ନୂଆଦିଲ୍ଲୀ, ୨୮।୫**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ଅନ୍-ସ୍କ୍ରିନ୍ ମାର୍କିଂମୂଲ୍ୟାଙ୍କନ ପ୍ରକ୍ରିୟା ସହିତ ଜଡ଼ିତ ଅନିୟମିତତାର ଦାୟିତ୍ୱ ଗୁରୁବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନେଇଛନ୍ତି । ସେ ଏହା ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରୁଥିବା ଅନିୟମିତତା ପାଇଁ ଜାଣିଶୁଣି ଦାୟୀ ଥିବା ଯେକୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ପୁନଃମୂଲ୍ୟାୟନ ଏବଂ ଯାଞ୍ଚ ପ୍ରକ୍ରିୟା ସମୟରେ ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହେଉଥିବା ବୈଷୟିକ ଏବଂ ଦେୟ-ସମ୍ବନ୍ଧୀୟ ସମସ୍ୟାର



ସମାଧାନ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିବିଏସ୍ଇ ମୁଖ୍ୟାଳୟରେ ସିବିଏସ୍ଇ ଅଧିକାରୀଙ୍କ ସହିତ ଏକ ବୈଠକର ଅଧ୍ୟକ୍ଷତା କରିଥିଲେ । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ବୋର୍ଡ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ମୂଲ୍ୟାଙ୍କନ ଏବଂ ପୁନଃମୂଲ୍ୟାୟନ ସମ୍ପର୍କରେ ସମସ୍ତ ଛାତ୍ରଛାତ୍ରୀଙ୍କ ଚିନ୍ତାର ସମାଧାନ ପାଇଁ କାର୍ଯ୍ୟ କରୁଛି । ବୈଠକରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଏଥିପାଇଁ ହିଁ ଆମେ ଏକାଠି ହୋଇଛୁ, କାରଣ ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପୁନଃମୂଲ୍ୟାୟନ ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବ। ସତର ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଏବଂ ଆମ ପାଖରେ ଅଠନବେ ଲକ୍ଷ ଉତ୍ତର ପତ୍ର ଅଛି । ପ୍ରତ୍ୟେକ ଉତ୍ତର ପତ୍ରରେ ଅତି କମ୍ ରେ ଚାଳିଶ ପୃଷ୍ଠା ଅଛି । ତେଣୁ, ପ୍ରାୟ ଚାଳିଶ କୋଟି ପୃଷ୍ଠା ସ୍କାନ କରାଯାଇଛି।

ମନ୍ତ୍ରୀ କହିଛନ୍ତି ଯେ, ଏହା ପ୍ରଥମ ଥର ପାଇଁ ସିବିଏସ୍ଇ ଅନ୍-ସ୍କ୍ରିନ୍ ମାର୍କିଂ ମୂଲ୍ୟାଙ୍କନ ପ୍ରକ୍ରିୟା ବ୍ୟବହାର *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ସେପ୍ଟେଜ୍ ଟାଙ୍କିରୁ ନବଜାତ ଶିଶୁ କନ୍ୟାର ମୃତଦେହ ଉଦ୍ଧାର।
- ସୌମ୍ୟ ହତ୍ୟା ଘଟଣାରେ ଆହୁରି ୧୦ ଫେରାର।
- ପୁରୀକୁ ୬ଲେନ୍ ରାସ୍ତା ପାଇଁ ଆରମ୍ଭ ହେବ ପ୍ରକ୍ରିୟା।
- ଅବସରପ୍ରାପ୍ତ ବିଚାରପତି ଗିରିବାଳା ସିଂହଙ୍କୁ ଗିରଫ କଲା ସିବିଆଇ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୬୦୬ (-୨୨୩)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୦୫ (-୨୦୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୦୪ (-୧୬୮)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୭୫ (-୧୦)

## ଦ୍ୱାଦଶ ଶ୍ରେଣୀ ମୂଲ୍ୟାୟନରେ ପ୍ରଥମ ଥର ପାଇଁ ଡିଜିଟାଲ୍ ବ୍ୟବସ୍ଥା

**ଭୁବନେଶ୍ୱର, ୨୮।୫**

**ନ୍ୟୁଜ୍ ବ୍ୟୁରୋ**

ଦ୍ୱାଦଶ ଶ୍ରେଣୀ ମୂଲ୍ୟାୟନରେ ପ୍ରଥମ ଥର ପାଇଁ ଡିଜିଟାଲ୍ ବ୍ୟବସ୍ଥା କରାଯାଇଛି । କେହି ବି ସନ୍ତୁଷ୍ଟ ନହେଲେ ଦେଖିପାରିବେ ଖାତା । ସିବିଏସଇ ଅଧିକାରୀଙ୍କ ସହ ବୈଠକ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ, ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ପୁନଃମୂଲ୍ୟାୟନ ଚାଲିଛି । ପରୀକ୍ଷାରେ ପ୍ରାୟ ୧୭ ଲକ୍ଷ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସ୍ୱଚ୍ଛତା ଏବଂ ଛାତ୍ର କୈନ୍ଦ୍ରିକ ସୁଧାରକୁ ଦୃଷ୍ଟିରେ ରଖି ଡିଜିଟାଲ୍ ମୂଲ୍ୟାୟନ କରାଯାଉଛି । ଏବେ ସୁଦ୍ଧା ୪ ଲକ୍ଷ ଛାତ୍ରଛାତ୍ରୀ ଉତ୍ତର ଖାତା ଫେରିପାଇଛନ୍ତି ।

# ୨ବର୍ଷ ଶାସନ ପୂର୍ତ୍ତିର ପ୍ରାକ୍ ପ୍ରସ୍ତୁତି ବୈଠକ

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ଆଲୋଚନା



**ଭୁବନେଶ୍ୱର, ୨୮।୫**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପ୍ରଥମଥର ପାଇଁ ଗଠିତ ବିଜେପି ସରକାରଙ୍କ ଶାସନର ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଜୁନ ୧୨ ତାରିଖରୁ ୧୦ ଦିନ ଧରି ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଛି। ଏହି ଉପଲକ୍ଷେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ *(ପୃଷ୍ଠା ୭ରେ)*

## ବରିଷ୍ଠ ଆଇପିଏସ୍ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୨୮।୫**

**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ରାଜ୍ୟସରକାର ଭାରତୀୟ ପୁଲିସ ସେବାର ଦୁଇ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି।

ରାଜ୍ୟ ସରାକରଙ୍କ ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଏସ୍ଆଇଡବ୍ଲୁ (ସ୍ୱତନ୍ତ୍ର ଗୁଇନ୍ଦା ଶାଖା)ର ଡିଆଇଜି ଭାବେ ଦାୟିତ୍ୱ ତୁଲାଉଥିବା ୨୦୦୯ ବ୍ୟାଚର ଅଖିଳେଶ୍ୱର ସିଂହଙ୍କୁ ଏସଡବ୍ଲୁଆର୍ (ଦକ୍ଷିଣ-ପଶ୍ଚିମ ରେଞ୍ଜ)ର ଡିଆଇଜି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ସେହିଭଳି ଦକ୍ଷିଣ ପଶ୍ଚିମ ରେଞ୍ଜର ଡିଆଇଜି ଡା କନ୍ୱର ବିଶାଳ ସିଂହଙ୍କୁ ଏସଟିଫ୍ (ସ୍ପେସାଲ୍ ଟାସ୍କ୍ ଫୋର୍ସ)ର *(ପୃଷ୍ଠା ୭ରେ)*




## ଏକାଳ ପଖାଳ




ଆଉ ରହିଲାନି ଭୟ ପିଲାଏ
ଓଡ଼ିଆରେ ପାଠ ହେବ
କଲେଜରେ ଏବେ ବିଜ୍ଞାନ ପୁସ୍ତକ
ଓଡ଼ିଆରେ ଲେଖା ହେବ
ଲେଖା ହେଲା ନାହିଁ ଲେଖା ହେଲା
ବୁଝିବ ପଢ଼ିବ ଖୁସି ମନେ ଆଉ
ପରୀକ୍ଷା ଟେନସନ ଗଲା।।

# ୨୦୩୦ ସୁଦ୍ଧା ସର୍ବକାଳୀନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ



**ନ୍ୟୁୟର୍କ, ୨୮।୫**

ଜଳବାୟୁ ପରିବର୍ତ୍ତନକୁ ନେଇ ମିଳିତ ଜାତିସଂଘ ପକ୍ଷରୁ ସମଗ୍ର ବିଶ୍ୱ ପାଇଁ ଏକ ଅତ୍ୟନ୍ତ ଚିନ୍ତାଜନକ ତଥା ଜରୁରୀକାଳୀନ ଚେତାବନୀ ଜାରି କରାଯାଇଛି। ଜାତିସଂଘର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଆସନ୍ତା ୨୦୩୦ ମସିହା ସୁଦ୍ଧା ପୃଥିବୀବାସୀଙ୍କୁ ସର୍ବକାଳୀନ ରେକର୍ଡ ଭାଙ୍ଗିବା ଭଳି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ସାମ୍ନା କରିବାକୁ ପଡ଼ିବ। ବର୍ତ୍ତମାନ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ଆଗାମୀ ଦିନରେ ଏହି ସ୍ଥିତି ଆହୁରି ଜଟିଳ ହେବ। ଜଳବାୟୁ ସଙ୍କଟର ଏହି ପରିବର୍ତ୍ତିତ ରୂପ ଯୋଗୁଁ ସମଗ୍ର ବିଶ୍ୱରେ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ ଏବଂ ଏହାର ତୀବ୍ରତା ବହୁ ଗୁଣିତ ହୋଇଯିବ ବୋଲି ବୈଜ୍ଞାନିକମାନେ ଆଶଙ୍କା ପ୍ରକଟ କରିଛନ୍ତି।

ଜାତିସଂଘର ପରିବେଶ ବିଶେଷଜ୍ଞଙ୍କ ମତରେ, ପୃଥିବୀ ପୃଷ୍ଠ କ୍ରମାଗତ ଭାବେ ଅତିଶୟ ଗରମ ହେବା ପଛରେ ଦୁଇଟି ମୁଖ୍ୟ କାରଣ ରହିଛି। ପ୍ରଥମ କାରଣ ହେଉଛି ଗ୍ରୀନ୍‌ହାଉସ୍ ଗ୍ୟାସର ଅନିୟନ୍ତ୍ରିତ ନିର୍ଗମନ। ଶିଳ୍ପାୟନ, ଜଙ୍ଗଲ କ୍ଷୟ ଏବଂ ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାର ଯୋଗୁଁ ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡ୍ ଏବଂ ମିଥେନ୍ ଭଳି କ୍ଷତିକାରକ *(ପୃଷ୍ଠା ୭ରେ)*

# ଆମେରିକା ଆକ୍ରମଣର ଜବାବ ଦେଲା ଇରାନ

**ତେହେରାନ, ୨୮।୫**

ପୁଣି ଥରେ ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ଶାନ୍ତି ଆଲୋଚନା ବିଫଳ ହୋଇ ଥିବାରୁ ଏବେ ଆକ୍ରମଣ ଓ ପ୍ରତି ଆକ୍ରମଣ ଆରମ୍ଭ ହୋଇ ଯାଇଛି। ଇରାନର ଇସଲାମିକ ରେଭ୍ୟୁଲେସନାରୀ ଗାର୍ଡ କ୍ରପ୍ସ(ଆଇଆରଜିସି) ପକ୍ଷରୁ ଆମେରିକା ଗୋଟିଏ ଏୟାର ବେସ୍ ଉପରେ କରାଯାଇଛି ହମଲା।



ସ୍ଥାନୀୟ ସମୟ ଭୋର ୪.୫୦ରେ ଆଇଆରଜିସି ଏପରି ଆକ୍ରମଣ କରିଥିବା କହିଛି। ଏହାପୂର୍ବରୁ ଆମେରିକା ସେନା ଇରାନର ବନ୍ଦର ଆବାସ ଏୟାରପୋର୍ଟ ନିକଟରେ ଆକ୍ରମଣ କରିଥିଲେ। ଏହାର ବଦଲା ନେବାକୁ ଆଇଆରଜିସି ଆମେରିକା ବେସ୍‌କୁ ଟାର୍ଗେଟ କରିଛି।

ଇରାନୀୟ ଗଣମାଧ୍ୟମରେ ଆକ୍ରମଣର ଖବର ପ୍ରକାଶ ପାଇଛି। କିନ୍ତୁ ଆମେରିକାର କେଉଁ ଏୟାର ବେସ୍‌କୁ *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ମଇ ୨୦୨୬ ଶୁକ୍ରବାର





# ବ୍ରହ୍ମପୁର-ଗୋପାଳପୁର ରାସ୍ତା ଅନ୍ଧାର:ଅଚିନ୍ତାରେ କର୍ତ୍ତୃପକ୍ଷ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗୋପାଳପୁର ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଏଠାରେ ବର୍ଷସାରା ରାଜ୍ୟ ଓ ରାଜ୍ୟ ବାହାର ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ଏଥିପାଇଁ ପ୍ରଶାସନ ଗୋପାଳପୁର ବେଳାଭୂମିର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦେଉଛି। କିନ୍ତୁ ପର୍ଯ୍ୟଟକଙ୍କ ଗମନାଗମନ ସୁବିଧା ପାଇଁ ଶତ ପ୍ରତିଶତ ଉଦ୍ୟମ ହେଉନଥିବା ଦେଖିବାକୁ ମିଳୁଛି। ଗୋପାଳପୁର ବେଳାଭୂମିକୁ ସଂଯୋଗ କରୁଥିବା ମୁଖ୍ୟ ସଂଯୋଗ ପଥ ବ୍ରହ୍ମପୁର-ଗୋପାଳପୁର ରାସ୍ତା ବର୍ତ୍ତମାନ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛି। ଫଳରେ ସାମାନ୍ୟ ଅସାବଧାନତାରୁ ଦୁର୍ଘଟଣା ଘଟିବା ଆଶଙ୍କା ରହୁଛି। ଗତ ଜାନୁଆରୀ ମାସରେ ଏହି ରାସ୍ତାରେ ଲାଗିଥିବା ଅନେକ ଲାଇଟ୍ ଜଳୁନଥିବା ଯୋଗୁ ପ୍ରାୟ ସମସ୍ତ ରାସ୍ତା ଅନ୍ଧାରରେ ବୁଡ଼ି ରହୁଥିଲା। ଜାନୁଆରୀ ୨୭ ତାରିଖରୁ ଗୋପାଳପୁର ବେଳାଭୂମି ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଏହି ରାସ୍ତା ଆଲୁଅକୁ ଯୁଦ୍ଧକାଳୀନ ଭିତ୍ତିରେ ଗୋଟିଏ ଦିନରେ ସଜାଡ଼ି ଦେଇଥିଲେ। କିନ୍ତୁ ଅଳ୍ପ ଦିନ ପରେ ଅର୍ଥାତ୍ ମାର୍ଚ୍ଚ ମାସ ଠାରୁ ପୁଣିଥରେ ଧିରେ ଧିରେ ଅନେକ ଲାଇଟ୍ ଜଳିବା ବନ୍ଦ ହେବା ଆରମ୍ଭ ହୋଇଯାଇଥିଲା। ଏବେ ଏପରି ସ୍ଥିତି ହୋଇଛି ଯେ, ବାହାଦୂରପେଟା ଛକ ଠାରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛକ ପ୍ରାୟ ୪ କି.ମି. ରାସ୍ତା ଏବଂ କରାପଲ୍ଲୀ ଛକ ଠାରୁ ପାର୍ବତୀପୁର ଛକ ପର୍ଯ୍ୟନ୍ତ ପ୍ରାୟ ୧ କି.ମି. ରାସ୍ତା ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇଯାଇଛି। ରାସ୍ତା ଅନ୍ଧାର ରହିବା ଯୋଗୁ ଅନେକ ସମୟରେ ଉକ୍ତ ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ସୂଚନାଯୋଗ୍ୟ ଯେ, ୨୦୨୧-୨୨ରେ ତତ୍କାଳୀନ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ସାଂସଦ ପାଣ୍ଠିରୁ ପ୍ରାୟ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ଡୁରା ଛକ ଠାରୁ ଗୋପାଳପୁର ପର୍ଯ୍ୟନ୍ତ ୧୦ କିମି ରାସ୍ତାରେ ଆଲୋକୀକରଣ ବ୍ୟବସ୍ଥା ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। କିନ୍ତୁ ୨୦୨୪ ପରଠାରୁ ବିଡ଼ିଏ ପକ୍ଷରୁ ଲାଇଟ୍ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ନିମନ୍ତେ କୌଣସି ଏଜେନ୍ସି ସହ ଚୁକ୍ତି କରାଯାଇନଥିବାରୁ ଗତ ୨ ବର୍ଷ ହେଲା ରାସ୍ତାର ଅନେକ ଲାଇଟ୍ ଜଳୁନାହିଁ। ଜଳୁନଥିବା ଲାଇଟ୍ ଗୁଡ଼ିକର ମରାମତି ନେଇ ସ୍ଥାନୀୟ ଜନସାଧାରଣ ବିଡ଼ିଏକୁ ଅବଗତ କରିଥିଲେ ସୁଦ୍ଧା ପାଣ୍ଠିର ଅଭାବ ଥିବା ଦର୍ଶାଇ ମରାମତି କରାଯାଉନଥିବା ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ ବ୍ରହ୍ମପୁର-ଗୋପାଳପୁର ରାସ୍ତା ଆଲୁଅକୁ ତୁରନ୍ତ ସଜାଡ଼ିବାକୁ ସାଧାରଣରେ ଦାବି ହେଉଛି।



## କପିଳେଶ୍ୱରରେ ବିଧାୟକ ବାବୁ ସିଂହଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କପିଳେଶ୍ୱର ଏନ୍‌କ୍ଲେଭ୍ ୱେଲଫେୟାର୍ ସୋସାଇଟି ମାଣିପାଳ ହସ୍ପିଟାଲ୍‌ର ବ୍ୟାକ୍ ସାଇଡ୍ ୱାର୍ଡ ୨୩ ଅନ୍ତର୍ଗତ ଭୁବନେଶ୍ୱର ତରଫରୁ ଏକ ଅଭିନନ୍ଦନ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଏକାମ୍ର ବିଧାୟକ ବାବୁ ସିଂହ, ସମାଜସେବୀ ଇତିଶ ଚନ୍ଦ୍ର ଭୂୟାଁ, ସୋସାଇଟି ସଭାପତି ଆଦିତ୍ୟ ପଣ୍ଡା, ସମ୍ପାଦକ ରାମପ୍ରସାଦ ଚ୍ୟାଉପଟ୍ଟନାୟକ ଅନ୍ୟାନ୍ୟ ସଦସ୍ୟଙ୍କ ସହ ସମସ୍ତ ବାସିନ୍ଦା ପ୍ରାୟ ୨୫୦ ଲୋକ ଉପସ୍ଥିତ ଥିଲେ। ବିଧାୟକ ମହୋଦୟ ସୋସାଇଟିର ପରିସରକୁ ସମସ୍ତ ସଦସ୍ୟଙ୍କ ସହ ପରିଭ୍ରମଣ କରିଥିଲେ। ବିଧାୟକ ବାବୁ ସିଂହ ଆଶ୍ୱସ୍ତିକର ଆଶ୍ୱାସନା ଦେଇଥିଲେ ଯେ, ଯଦିଓ ଏହା ମୋର ପ୍ରଥମ ପରିଦର୍ଶନ । ଭବିଷ୍ୟତରେ ଆପଣମାନଙ୍କ ସହଯୋଗରେ ସୋସାଇଟିର ଉନ୍ନତିମୂଳକ କାମରେ ସଦାସର୍ବଦା ମୁଁ ଆପଣମାନଙ୍କ ସହିତ ରହିବି।

## ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ କୁଲର ପ୍ରଦାନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଅତ୍ୟଧିକ ତାତିରୁ ସାମାନ୍ୟ ଆଶ୍ୱସ୍ତି ପାଇଁ ସାମାଜିକ କର୍ମୀ ନନ୍ଦିକେଶ ଶେଜପଡା ୨ଟି ବଡ କୁଲର ପ୍ରଦାନ କରିଛନ୍ତି। ମଙ୍ଗଳବାର ଅପରାହ୍ଣରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିସରରେ ଏହି କୁଲର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଡିଏମ୍‌ଓ ଡା. ଧନୁର୍ଜୟ ମହାନ୍ତ, ଡିପିଏମ୍ ଅନୀଲ କୁମାର ମହାନ୍ତି, ହସ୍ପିଟାଲ୍ ମ୍ୟାନେଜର ଶ୍ରୀରାମ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଛନ୍ତି। ଗ୍ରୀଷ୍ମ ଋତୁର ତୀବ୍ର ତାପ ମଧ୍ୟରେ ରୋଗୀ, ସହଯୋଗୀ ଓ ଡାକ୍ତରଖାନା କର୍ମଚାରୀଙ୍କ ପାଇଁ ଏହା ଏକ ଅତ୍ୟନ୍ତ ଉପଯୋଗୀ ଓ ମାନବିକ ଉଦ୍ୟମ ବୋଲି ବିବେଚନା କରାଯାଉଛି। ନନ୍ଦିକେଶ କହିଛନ୍ତି, ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ଗରମରେ ସେମାନଙ୍କୁ ଅଧିକ ଅସୁବିଧା ହେଉଥିଲା। ତାପକୁ କିଛି ମାତ୍ରାରେ କମ୍ କରିବା ପାଇଁ ଏହି ଛୋଟ ଉଦ୍ୟମ କରିଛି। ଭବିଷ୍ୟତରେ ଆହୁରି ଅନ୍ୟାନ୍ୟ ସହାୟତା ମଧ୍ୟ ଜାରି ରଖିବି। ଏହା ସହିତ ଏକ ଟିମ୍ ପ୍ରତିଦିନ ଡାକ୍ତରଖାନା ପରିଦର୍ଶନ କରି ରୋଗୀମାନଙ୍କ ସମସ୍ୟାର ସମାଧାନ ପାଇଁ ସହଯୋଗର ହାତ ବଢାଇବେ ବୋଲି କହିଛନ୍ତି। ତେବେ ଗରମ ଗୁଳୁଗୁଳିରୁ ରକ୍ଷା ପାଇଁ ଡାକ୍ତରଖାନାରେ ସେଣ୍ଟ୍ରାଲ ଶୀତତାପ ନିୟନ୍ତ୍ରିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ଭାଜପା ରାଜ୍ୟସଭାପତି ମନମୋହନ ସାମଲଙ୍କ ନିକଟରେ ଦାବି ଉପସ୍ଥାପନ କରିବି। ଜିଲ୍ଲା ମୁଖ୍ୟ ଡାକ୍ତରଖାନା କର୍ତ୍ତୃପକ୍ଷ ଏହି ସହାୟତା ପାଇଁ ନନ୍ଦିକେଶଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କୁଲର ଗୁଡ଼ିକ ଆଉଟ୍‌ଡୋର୍ ରୋଗୀ ବିଭାଗ, ଏମର୍ଜେନ୍ସି ଓ ସାଧାରଣ ୱାର୍ଡରେ ଲଗାଯିବ ବୋଲି ଜଣାପଡ଼ିଛି। ସମାଜର ବିଭିନ୍ନ କ୍ଷେତ୍ରରେ ନନ୍ଦିକେଶଙ୍କ ଏପରି ସେବାମୂଳକ କାର୍ଯ୍ୟ ପ୍ରଶଂସନୀୟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ଏସ୍‌ଆଇଆର୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ସଦର ସ୍ଥିତ ଆଦି କବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଏସ୍‌ଆଇଆର୍ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପ୍ରଶିକ୍ଷଣ ଶିବିର ଜରିଆରେ ବିଏଲ୍‌ଓ ଓ ବିଏଲ୍‌ଓ ସୁପରଭାଇଜର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଜଗତସିଂହପୁର ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ତତ୍ତ୍ୱାବଧାନରେ ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର, ସହକାରୀ ଜିଲ୍ଲାପାଳ ତୃପ୍ତିମୟୀ ପ୍ରଧାନ, ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ଦୀପ ସିଂ, ଜଗତସିଂହପୁର ତହସିଲଦାର ଅଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଏଲ୍‌ଓ ଓ ବିଏଓ ସୁପରଭାଇଜର ଘର ଘର ବୁଲି ସର୍ଭେ କରିବେ। ଏଥିରେ ଅଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା, ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ଯୋଡ଼ିବା, ଭୋଟର ତାଲିକା ସଂଶୋଧନ କରିବା ଆଦି କାର୍ଯ୍ୟଗୁଡିକୁ ସୁଚାରୁ ରୂପେ ସମ୍ପାଦନ କରିବେ । କୌଣସି ଯୋଗ୍ୟ ଭୋଟର ଯେମିତି ବାଦ ନପଡ଼ନ୍ତୁ ସେଥିପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ବ୍ୟାସନଗରରେ ନାରୀ ଅଧିକାର ଅଭିଯାନର ମହା ସମାବେଶ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରେଇ ବିଜୁ ଜନତା ଦଳ ପକ୍ଷରୁ ବ୍ୟାସନଗର ସ୍ଥିତ ଟାଉନ୍ ହଲ୍ ଠାରେ ନାରୀ ଅଧିକାର ଅଭିଯାନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ଭବପ୍ରକାଶ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ସବୁ ପଞ୍ଚାୟତ ଓ ୱାର୍ଡରୁ ହଜାର ହଜାର ମହିଳା ଯୋଗଦେଇ ମହିଳା ସଂରକ୍ଷଣ ବିଲ୍, ନାରୀ ସୁରକ୍ଷା ଓ ସଶକ୍ତି କରଣ ଉପରେ ବର୍ଷିବା ସହିତ ସରକାରଙ୍କୁ ଟାର୍ଗେଟ୍ କରି ରଙ୍ଗ ବୋଳା ସରକାର କହି ସମାଲୋଚନା କରିଥିଲେ। ନବୀନ ସରକାରଙ୍କ ସମୟରେ ନାରୀମାନେ ସୁରକ୍ଷିତ ରହିବା ସହ ସ୍ୱାବଲମ୍ବୀ ହୋଇଥିବା ବେଳେ ବର୍ତ୍ତମାନ ସରକାରଙ୍କ ସମୟରେ ଏହାର ବିପରୀତ ଦେଖିବାକୁ ମିଳୁଛି। ଅତିଥି ଭାବେ ବିଜୁ ଜନତା ଦଳ ପୂର୍ବତନ ସାଂସଦ ସୁଲତା ଦେଓ, ଶର୍ମିଷ୍ଠା ସେଠି, ଯାଜପୁର ବିଧାୟିକା ସୁଜାତା ସାହୁ, ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ପ୍ରମୁଖ ଯୋଗଦେଇ ଡବଲ ଇଞ୍ଜିନ ସରକାର ସମୟରେ ନାରୀ ନିର୍ଯାତନା, ନାରୀ ଅତ୍ୟାଚାର ବଢ଼ୁଥିବା ସହିତ ଚାଷୀ, ଯୁବକ ଓ ମହିଳାମାନେ ନିଜ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ବେଳେ ଏ ଡବଲ ଇଞ୍ଜିନ ସରକାର ବିକାଶ ଦିଗରେ ଦୁଇଗୁଣା ପଛକୁ ଫେରିଯାଉଥିବା ଶ୍ରୀ ଦାସ କହିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ରୋକ୍ ଠୋକ୍ ଜବାବ ଦିଆଯିବ ବୋଲି କର୍ମୀମାନେ ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ ଅନେକ ବିଜେଡି ଜିଲ୍ଲା ପରିଷଦ, ସରପଞ୍ଚ, ସମିତିସଭ୍ୟ ଓ ସଭ୍ୟା ଓ ପୌରପାରିଷଦ ଗଣଙ୍କ ସମେତ ଶହ ଶହ ମହିଳା କର୍ମୀ ଉପସ୍ଥିତ ରହିଥିଲେ।

## ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ପ୍ରଶିକ୍ଷଣ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୩୦ ତାରିଖରୁ ରାଜ୍ୟରେ ଆରମ୍ଭ ହେବାକୁ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ବା ଏସ୍‌ଆଇଆର୍ ସୁଚାରୁ ରୂପରେ ସମ୍ପାଦନ ପରିପ୍ରେକ୍ଷୀରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଓ ବିଏଲ୍‌ଓ ସୁପରଭାଇଜରମାନଙ୍କର ଦୁଇ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାନପୋଷ ଆଇଟିଡିଏ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ୨୫ ଓ ୨୬ ମେରେ ଆୟୋଜିତ ପ୍ରଶିକ୍ଷଣରେ ରାଉରକେଲା ଓ ବିରମିତ୍ରପୁର ବିଧାନସଭା କ୍ଷେତ୍ରର ବୁଥ୍ ସ୍ତରୀୟ ଅଧିକାରୀମାନେ, ବିଏଲ୍‌ଓ ସୁପରଭାଇଜରମାନେ ଓ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ। ପ୍ରଶିକ୍ଷଣରେ ଭୋଟର ସମ୍ବନ୍ଧୀୟ ଫର୍ମ କିପରି ପୂରଣ କରାଯିବ ଏବଂ ଏହାକୁ ୱେବ୍‌ସାଇଟ୍‌ରେ କିପରି ଅପ୍‌ଲୋଡ୍ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ପ୍ରାୟୋଗିକ ତାଲିମ୍ ପ୍ରଦାନ କରାଯାଇଥିଲା। ୩୦ ମଇରୁ ୨୮ ଜୁନ୍ ୨୦୨୬ ମଧ୍ୟରେ ବୁଥ୍ ସ୍ତରୀୟ ଅଧିକାରୀ ବା ବିଏଲ୍‌ଓମାନେ ଘରକୁ ଘର ପରିଦର୍ଶନ କରି ଫର୍ମ ବଣ୍ଟନ କରିବେ ଏବଂ ଭୋଟର ସମ୍ବନ୍ଧୀୟ ସୂଚନା ସଂଗ୍ରହ କରିବେ। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପାନପୋଷ ଚନ୍ଦ୍ରକାନ୍ତ ମଲ୍ଲିକ୍, ଡେପୁଟି କଲେକ୍ଟର ସାଧବି ଦେହୁରୀଆ, ଡେପୁଟି କମିଶନର ଚନ୍ଦ୍ରକାନ୍ତ, ଅତିରିକ୍ତ ତହସିଲଦାର ସୁଦକ୍ଷ ପଟେଲ ପ୍ରମୁଖ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



## ରାଇରଙ୍ଗପୁରରେ ପାଳିତ ହେଲା ଇଦ୍ ଉଲ୍ ଜୁହା



**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଇଦ୍ ଉଲ୍ ଜୁହା ପାଳିତ ହୋଇଯାଇଛି । ଇସ୍‌ଲାମ୍ ଧର୍ମର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପର୍ବ ହେଉଛି ଇଦ୍ ଉଲ୍ ଜୁହା । ପ୍ରତି ବର୍ଷ ହଜ୍ ପରେ ଏହି ପବିତ୍ର ପର୍ବ ପାଳନ ହୋଇଥାଏ। ଯେଉଁଦିନ ଆଲ୍ଲାଙ୍କୁ ଆନନ୍ଦର ସହ ତ୍ୟାଗ ଓ ବଳିଦାନରେ ଭକ୍ତି ସମର୍ପଣ କରାଯାଏ । ମୁସଲମାନ ଭାଇମାନେ ଏହି ଦିନରେ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହିତ ନମାଜ ପାଠ କରିଥାନ୍ତି। ବାମନଘାଟି ଉପଖଣ୍ଡର ରାଇରଙ୍ଗପୁର ବ୍ଲକ ଅଧିନ ନାଗଭଣ, ଭାଲୁବସା, ସମରଦଫା, ରାଇରଙ୍ଗପୁର ମ୍ୟୁନିସିପାଲିଟି ଅଧିନ ଠାକୁରାଣୀବେଡା ଓ ଇଟିଣ୍ଡା, କୁସୁମୀ ବ୍ଲକ ଅଧିନ ବାଦାମ ପାହାଡ଼, କୁସୁମୀ, ଦେଉଁଗା, ବଡାମକୁରାଡ଼ି, ଟେଣ୍ଟପୋଷି, ବିଶୋଇ ବ୍ଲକ ଅଧିନ ଲୁହାକାନୀ ଓ ବିଜାତଳା ବ୍ଲକର ଯୋଡ଼ାମହୁଲ, ବହଳଦା ବ୍ଲକ ଅଧିନ ବିଝୁଆ, ଗମ୍ଭାରିଆ, କାଦୁଆଣି, ଜାମଦା ବ୍ଲକ ଅଧିନ କାଣ୍ଡସର, ବଡଦୁଦୁ, ତାରଣୀ ମସ୍‌ଜିଦ୍‌ରେ ଅଳ୍ପ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଦ୍ୱାରା ସାମୁହିକ ନମାଜ ପାଠ ହୋଇଥିବା ଜଣାପଡିଛି। ଉପଖଣ୍ଡର ପ୍ରତ୍ୟେକଟି ଇଦ୍‌ଗାହାରେ ବିଶ୍ୱ ଶାନ୍ତି ଓ ଭାଇଚାରା ପାଇଁ ପ୍ରାର୍ଥନା କରାଯାଇଥିଲା । ଇମାମମାନେ ଭିନ୍ନ ଭାଷାଭାଷୀ ଓ ଭିନ୍ନ ଧର୍ମାବଲମ୍ବୀ ଲୋକଙ୍କ ସହ ମିଶି ଇଦ୍ ପାଳନ କରିବା ନେଇ ବାର୍ତ୍ତା ଦେଇଥିଲେ ।

## ବାଲେଶ୍ୱର ଜିଲ୍ଲା କଂଗ୍ରେସର ସମୀକ୍ଷା ବୈଠକ



**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଅଖିଳ ଭାରତୀୟ କଂଗ୍ରେସ କମିଟି ର ସମ୍ପାଦକ ମୟୂର ଏସ୍ ଜୟକୁମାର ତଥା ପିସିସି ଉପସଭାପତି ଡା ଦେବାଶିଷ ପଟ୍ଟନାୟକ ଓ ପିସିସି ସମ୍ପାଦକ ଦେବାଶିଷ ମହାପାତ୍ରଙ୍କ ଉପସ୍ଥିତିରେ ବାଲେଶ୍ୱର ଜିଲ୍ଲା କଂଗ୍ରେସର ସଭାପତି ସତ୍ୟଶିବ ଦାସଙ୍କ ଅଧକ୍ଷତାରେ ଜିଲ୍ଲା କଂଗେସର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଭାପତି ସତ୍ୟଶିବ ଦାସ ଜିଲ୍ଲାର ସମସ୍ତ ବ୍ଲକ୍, ପୌରାଞ୍ଚଳ ଓ ନିର୍ବାଚନ ମଣ୍ଡଳୀ ସ୍ତରୀୟ ନେତାଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟପନ୍ଥା ଓ କାର୍ଯ୍ୟଶୈଳୀର ବିବରଣୀ ରଖିଥିଲେ। ପର୍ଯ୍ୟବେକ୍ଷକ ଜୟ କୁମାର ଏସ୍‌ଆଇଆର୍ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ତାଙ୍କ ଅଭିଭାଷଣରେ ସମସ୍ତ କର୍ମକର୍ତ୍ତା ମାନଙ୍କୁ ଜଣାଇଥିଲେ ଏବଂ ଆଗକୁ ବିଜେପି ଓ ଆର୍‌ଏସ୍‌ଏରର ଚକ୍ରାନ୍ତରୁ କେମିତି ଜନସାଧାରଣଙ୍କୁ ବଞ୍ଚାଇହେବ ସେ ଆହ୍ୱାନ୍ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି କଂଗ୍ରେସ ତାର ରଣନୀତି କେମିତି ପ୍ରସ୍ତୁତ କରିବ ସେ ନେଇ ଉକ୍ତ ବୈଠକରେ ଆଲୋଚନା କରଯାଇଥିଲା। ମଞ୍ଚରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠି, ବିଧାୟକ ପ୍ରାର୍ଥୀ ଯଥା ହିମାଂଶୁ ବେହେରା, ସୁବ୍ରତ ଧଡ଼ା, ସୁଦର୍ଶନ ଦାସ (ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ଯୋଜନାର ରାଜ୍ୟ ଅଧକ୍ଷ) ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବିଜନ ନାୟକ, ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚଣ୍ଡ ଓ ପୂର୍ବତନ ଜିଲ୍ଲା ସଭାପତି ସଞ୍ଜୀବ ଗିରିଙ୍କ ସମେତ ନୂତନ ଜିଲ୍ଲା ମହିଳା ସଭାନେତ୍ରୀ ଆଇନଜୀବୀ ଉର୍ମିଳା ମାଝୀ ଓ ସରୋଜ ଲେଙ୍କା, ଜିଲ୍ଲା ସାଧାରଣ ସମ୍ପାଦକ ନିଶିତ ବାରିକ, ଦେବଦତ୍ତ ଦାସ, ତୁଷାରକାନ୍ତି ତାପସ୍ୱି, ଆଶିଷ ପଟ୍ଟନାୟକ, ବିଜୟ ମହାନ୍ତିଙ୍କ ସମେତ ସମସ୍ତ ବ୍ଲକ ଓ ପୌରାଞ୍ଚଳର ସଭାପତି ତଥା ଜିଲ୍ଲାର ସମସ୍ତ ପଦାଧିକାରୀମାନେ ଉପସ୍ଥିତ ରହି ଏଆଇସିସି ଓ ପିସିସିର ପର୍ଯ୍ୟବେକ୍ଷକଙ୍କ ଅଭିବ୍ୟକ୍ତିକୁ ଶୃଙ୍ଖଳାର ସହ ଆଗାମୀ କାର୍ଯ୍ୟପନ୍ଥାରେ ସାମିଲ କରିବ ନେଇ ସଂକଳ୍ପବଦ୍ଧ ହେଇ ନିଜ ନିଜ ବ୍ଲକ ଓ ଅଞ୍ଚଳକୁ ପ୍ରତ୍ୟାବର୍ତ୍ତନ କଲେ।

## ପାଣି ପାଇଁ ଦେଢମାସ ହେଲା ଅସୁବିଧାରେ ତାଳପଦର ଗ୍ରାମବାସୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଅସହ୍ୟ ତାତିରେ ବୌଦ୍ଧ ଜିଲ୍ଲା ଥରହର ହେଉଥିବା ବେଳେ ତାପମାତ୍ରା ୪୪.୨ ଡିଗ୍ରୀରେ ପହଞ୍ଚିଛି । ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉଗ୍ର ରୂପ ନେଇଛି । ଏହି ପରିସ୍ଥିତିରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଲୁଣିବହାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତାଳପଦର ଗ୍ରାମର ପ୍ରାୟ ୪୫ଟି ପରିବାର ଦେଢ଼ ମାସ ଧରି ପାଣି ନପାଇ ଦୁର୍ଦ୍ଦଶା ଭୋଗୁଛନ୍ତି । ଗ୍ରାମର ପ୍ରାୟ ୪୫ଟି ପରିବାର ଦୀର୍ଘଦିନ ଧରି ପିଇବା ପାଣି ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ କରୁଥିବା ବେଳେ ପ୍ରଶାସନର ନିରବତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଗ୍ରାମବାସୀଙ୍କ କହିବା ଅନୁସାରେ, ଗ୍ରାମରେ



ଥିବା ପାନୀୟ ଜଳ ପ୍ରକଳ୍ପ ଗତ ଦେଢ଼ ମାସ ଧରି ଅଚଳ ହୋଇପଡ଼ିଛି । ଫଳରେ ଲୋକମାନେ ଦୂରଦୂରାନ୍ତରୁ ପାଣି ଆଣିବାକୁ ବାଧ୍ୟ ହେଉଛନ୍ତି। ବିଶେଷ କରି ମହିଳାମାନେ ଭୋର୍ ସକାଳୁ ପାଣି ପାଇଁ ଘରୁ ବାହାରୁଥିବା ଦେଖିବାକୁ ମିଳୁଛି । ଖରା ଦିନରେ ଏଭଳି ପରିସ୍ଥିତି ଗ୍ରାମବାସୀଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଇଛି। କେତେକ ପରିବାର ନିକଟସ୍ଥ କୂଅ ଓ ଅନ୍ୟ ଗ୍ରାମରୁ ପାଣି ସଂଗ୍ରହ କରୁଥିବା ବେଳେ ଅନେକ ସମୟରେ ସେହି ପାଣି ଶୁଦ୍ଧ ନଥିବାରୁ ରୋଗ ବ୍ୟାପିବା ଆଶଙ୍କା ମଧ୍ୟ ସୃଷ୍ଟି ହେଉଛି । ପାଣି ଅଭାବରୁ ରନ୍ଧନ, ସ୍ନାନ ଓ ଦୈନନ୍ଦିନ କାର୍ଯ୍ୟରେ ମଧ ଗ୍ରାମବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛି। ଏନେଇ ଗ୍ରାମର ସଞ୍ଜୟ ନାଏକ, ପ୍ରଫୁଲ୍ଲ ନାଏକ, ପ୍ରତାପ ଦେହୁରୀ, ସୁବାସ ଦେହୁରୀ ଓ ମଧୁସୂଦନ ନାଏକଙ୍କ ସମେତ ବହୁ ଗ୍ରାମବାସୀ ପ୍ରମୁଖ ଅଭିଯୋଗ କରିଛନ୍ତି। ସ୍ଥାୟୀ ଜଳ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଓ ପାନୀୟ ଜଳ ବିଭାଗ ତତ୍କାଳ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ବିଜେପିରେ ଜିଲ୍ଲା ପରିଷଦ ସଭ୍ୟାଙ୍କ ଯୋଗଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ପୂର୍ବତନ ସରପଞ୍ଚ ତଥା ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ସାହୁ ବିଜେଡି ଛାଡି ବିଜେପିରେ ଯୋଗ ଦେଇଛନ୍ତି। ଏହି ଅବସରରେ ବିଜେଡିର ବରିଷ୍ଠ ନେତା ତଥା ବଗଡା ପଞ୍ଚାୟତର ସଭାପତି ସୁରେନ୍ଦ୍ର ସାହୁ ମଧ ବିଜେପିରେ ଯୋଗଦେଇଛନ୍ତି। ଶ୍ରୀମତୀ ସାହୁ ଓ ସୁରେନ୍ଦ୍ର ସାହୁ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଜେପିରେ ଯୋଗ ଦେଇଥିବା ପ୍ରକାଶ କରିଛନ୍ତି। ଏଥିସହ ରାଜ୍ୟରେ ବିଜେପି ସରକାର ସ୍ୱଚ୍ଛ ଶାସନ ଚଳାଉଥିବାରୁ ସେମାନେ ଏଥିରୁ ଅନୁପ୍ରାଣିତ ହେଉଥିବା ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଡକ୍ଟର ଜ୍ୟୋସ୍ନାରାଣୀ ଜେନାଙ୍କ ମୁଖ୍ୟ ପରାମର୍ଶ ଦାତା ଅମୀୟ ଜେନାଙ୍କ ଉପସ୍ଥିତିରେ ବିଜେପିରେ ଯୋଗଦେଇଛନ୍ତି। ତୃଣମୂଳସ୍ତରରେ ବିଜେପିକୁ ଅଧିକ ସକ୍ରିୟ ମଜବୁତ କରିବା ପାଇଁ ତାଙ୍କର ପ୍ରୟାସ ଜାରି ରହିବ ବୋଲି କହିଛନ୍ତି। ଆଗାମୀ ଦିନରେ ହଜାର ହଜାର ବିଜେଡି ନେତା ଓ କର୍ମୀ ବିଜେପିରେ ଯୋଗ ଦେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଥିବା ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେପି ଜିଲ୍ଲା କାର୍ଯ୍ୟନିର୍ବାହୀ ସଦସ୍ୟ ମନୋରଞ୍ଜନ ସାମଲ, ଜିଲ୍ଲା ଏସ୍.ସି ମୋର୍ଚ୍ଚା ଉପସଭାପତି ସ୍ୱରାଜ ମଲ୍ଲିକ୍, ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଭାତ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଯୋଜନାରେ ହିତାଧିକାରୀଙ୍କୁ ମିଳୁନି ଭତ୍ତା:ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରେ ଏପରିକି ପୌରାଞ୍ଚଳରେ ଏକ ରକମର ଅଚଳାବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସେମାନଙ୍କୁ ଭତ୍ତା ରାଶି ଗତ ଦୁଇ ମାସ ଧରି ପ୍ରଦାନ କରାଯାଇନଥିବା ଜଣାପଡ଼ିଛି। ଫଳରେ ଭିନ୍ନକ୍ଷମ, ବରିଷ୍ଠ ନାଗରିକ ଓ ବିଧବା ହିତାଧିକାରୀମାନଙ୍କୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ହିତାଧିକାରୀଙ୍କ ବ୍ୟାଙ୍କ ଜମା ସହିତ ସଂଯୋଗ କରାଯାଇଥିବା କାରଣରୁ ସମସ୍ୟା ବଢୁଛି। ଏପରିକି ହିତାଧିକାରୀମାନେ ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ନିୟମିତ ବ୍ୟବଧାନରେ ଭତ୍ତା ଅର୍ଥ ପାଇବା ଆଶାରେ ନିକଟତମ ବ୍ୟାଙ୍କକୁ ଯାଇ ନିରାଶ ହୋଇ ଫେରିବାକୁ ପଡୁଛି। ବିଭିନ୍ନ କ୍ଷେତ୍ରରେ ଏହି ଭତ୍ତା ରାଶି ସ୍ୱଳ୍ପ ହୋଇଥିଲେ ହେଁ ଏହା ଉପରେ ନିର୍ଭର କରି ଚଳୁଥିବା ହିତାଧିକାରୀ ଓ ସେମାନଙ୍କ ପରିବାର ବର୍ଗଙ୍କ ସମସ୍ୟା ବଢିଯାଇଛି। ଏଭଳି ପରିସ୍ଥିତିକୁ ନେଇ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ୍. ଡ଼ମ୍ବରୁ ରେଡ୍ଡୀ ଦୁଃଖ ପ୍ରକାଶ କରିବା ସହିତ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତିଭାସନ୍‌ଙ୍କୁ ଏକ୍ସ ମାଧ୍ୟମରେ ନିଜର ଅଭିଯୋଗ ଓ ଦାବି ପତ୍ର ସଂଲଗ୍ନ କରି ତୁରନ୍ତ ଏହାର ସମାଧାନର ବାଟ ବାହାର କରିବାକୁ ଡମ୍ବରୁ ନିବେଦନ କରିଛନ୍ତି।

## ଜଗତସିଂହପୁରରେ ବିଜେଡ଼ିର ମହିଳା ସମାବେଶ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଜୁ ମହିଳା ଜନତା ଦଳ ତରଫରୁ ବିଶାଳ ମହିଳା ସମାବେଶ ଆୟୋଜିତ ହୋଇଯାଇଛି। ରାଜ୍ୟରେ ନାରୀମାନଙ୍କ ପ୍ରତି ଅତ୍ୟାଚାର ଓ ବିପର୍ଯ୍ୟସ୍ତ ଆଇନ୍ ବ୍ୟବସ୍ଥାରେ ନାରୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ବିଜୁ ମହିଳା ଜନତା ଦଳ ତରଫରୁ ଆୟୋଜିତ ସମାବେଶରେ ଜିଲ୍ଲା ମହିଳା ବିଜେଡ଼ି ସଭାନେତ୍ରୀ ଲୋରା ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭାପତି ପ୍ରଶାନ୍ତ କୁମାର ମୁଦୁଲି, ରାଜ୍ୟ ମହିଳା ବିଜେଡ଼ି ସଭାପତି ସ୍ନେହାଙ୍ଗିନୀ ଛୁରିଆ, ପ୍ରୀତି ନନ୍ଦା ରାଉତରାୟ, ପୂର୍ବତନ ସାଂସଦ ଡକ୍ଟର ରାଜଶ୍ରୀ ମଲ୍ଲିକ୍, ଉଭୟ ବ୍ଲକ ମହିଳା ବିଜେଡ଼ି ସଭାପତି, ସମସ୍ତ କାଉନସିଲର, ଜିଲ୍ଲାପରିଷଦ ସଭ୍ୟା, ସମସ୍ତ ପଞ୍ଚାୟତର ମହିଳା ବିଜେଡ଼ି ସଭାପତି, ସରପଞ୍ଚ ଓ ସମିତି ସଭ୍ୟା ଓ ସମସ୍ତ ମାନ୍ୟଗଣ୍ୟ ମହିଳା ବିଜେଡ଼ିର ନେତୃତ୍ୱମାନେ ସାମିଲ୍ ହୋଇଥିଲେ।

## କେନ୍ଦୁଝରଗଡ଼ ପୌରପାଳିକାରେ ଭୋଟର ତାଲିକା ସଂଶୋଧନ ସମୀକ୍ଷା



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରଗଡ଼ ପୌରପାଳିକା ଅଞ୍ଚଳରେ ଆଗାମୀ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ଲକ୍ଷ୍ୟରେ ପୌରପାଳିକା କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୌରପାଳିକାର ଉପ-ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ୱାର୍ଡର କାଉନସିଲର, ବିଭିନ୍ନ ରାଜନୈତିକ ଦଳର ବୁଥ୍ ସ୍ତରୀୟ ଏଜେଣ୍ଟ ଏବଂ ସୁପରଭାଇଜରମାନେ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବିଶେଷ କରି ପ୍ରତିଟି ୱାର୍ଡରେ ଯୋଗ୍ୟ ନୂତନ ଭୋଟରଙ୍କ ନାମ ସାମିଲ କରିବା, ଦ୍ୱିବାର ନାମ ଥିବା କିମ୍ବା ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମକୁ ଚିହ୍ନଟ କରି ତାଲିକାରୁ ବାଦ୍ ଦେବା ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ଏହି ସାଂଗଠନିକ କାର୍ଯ୍ୟକୁ ସଫଳ କରିବା ପାଇଁ ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ଏବଂ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ଓ ଦୈନିକ ରିପୋର୍ଟିଂ ଉପରେ ଗୁରୁତ୍ୱ ଦିଆଯାଇଛି। ଭୋଟର ତାଲିକାକୁ ଶତପ୍ରତିଶତ ସଠିକ୍ କରିବା ପାଇଁ କାଉନ୍‌ସିଲର ଏବଂ ବିଭିନ୍ନ ଦଳର ବୁଥ୍ ସ୍ତରୀୟ ଏଜେଣ୍ଟମାନେ ସ୍ଥାନୀୟ ବୁଥ୍ ସ୍ତରୀୟ ଅଧିକାରୀ ସୁପରଭାଇଜର ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବେ। ବୁଥ୍ ସ୍ତରୀୟ ଅଧିକାରୀ ସୁପରଭାଇଜର ମାନେ ପ୍ରତିଟି ବୁଥର କାର୍ଯ୍ୟକ୍ଷେତ୍ରକୁ ନିୟମିତ ଭାବେ ପରିଦର୍ଶନ କରି ତଦାରଖ କରିବେ। ପୌରପାଳିକା ଅଞ୍ଚଳରେ କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟ୍ ଦେବାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ୱାର୍ଡ ସ୍ତରରେ ସଚେତନତା ସୃଷ୍ଟି କରାଯିବ। ପୌରପାଳିକାର ବରିଷ୍ଠ ଅଧିକାରୀମାନେ ବୈଠକ ପରିଚାଳନା କରିବା ସହ ଉପସ୍ଥିତ ସମସ୍ତ ପ୍ରତିନିଧିମାନଙ୍କ ଠାରୁ କାର୍ଯ୍ୟକ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ନେଇ ମତାମତ ଗ୍ରହଣ କରିଥିଲେ। ଶେଷରେ ଏହି ସରକାରୀ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ସମସ୍ତେ ପ୍ରତିଶ୍ରୁତି ଦେଇଥିଲେ।

## ‘ୱେଲ୍‌ଥ ଦିବସ’ ଅବସରରେ ପୋଲିସର ସାଇକେଲ ଶୋଭାଯାତ୍ରା




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ପୋଲିସ୍ ପକ୍ଷରୁ କମନ୍ ୱେଲ୍‌ଥ୍ ଦିବସ ଅବସରରେ ସମସ୍ତ ପୋଲିସ କର୍ମଚାରୀ ସାଇକେଲ ଶୋଭାଯାତ୍ରା କରିଥିଲେ। ସ୍ୱାସ୍ଥ୍ୟ, ଏକତା ଓ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ବଲାସିଙ୍ଗା ପୋଲିସ ରିଜର୍ଭ ପଡିଆ ଠାରୁ ବାହାରି ପୋଲିସ୍ କର୍ମଚାରୀମାନେ ସାଇକେଲରେ ଆଦର୍ଶ ଥାନା ପର୍ଯ୍ୟନ୍ତ ଆସିଥିଲେ । ଆଦର୍ଶ ଥାନାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ ସବୁଜପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି ଆନନ୍ଦ ଡୁମ୍‌ଡୁମ୍ ଓ ଆଦର୍ଶ ଥାନା ଅଧିକାରୀ ନଳିନୀକାନ୍ତ ଦାଶ ଉପସ୍ଥିତ ଥିଲେ। ଏହାପରେ ସେଠାରୁ ସମସ୍ତେ ବାହାରି ସହର ପରିକ୍ରମା କରିଥିଲେ। ସେହିପରି ଜିଲ୍ଲାର ସମସ୍ତ ଥାନାରେ ପୋଲିସ୍ କର୍ମଚାରୀମାନେ ସାଇକେଲ ଯାତ୍ରା କରିଥିବା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ଛାତ୍ରଛାତ୍ରୀଙ୍କ ସାମଗ୍ରିକ ଉନ୍ନତି ହେଲେ ଶିକ୍ଷାର ବିକାଶ ହେବ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ମହାନଦୀ ଧାରା ଶିକ୍ଷାନୁଷ୍ଠାନ ସୋନପୁର ପ୍ୟାଲେସ୍ ଗାର୍ଡେନ୍ ଅଫିସ୍ କାର୍ଯ୍ୟାଳୟ ଠାରେ ‘ଅଭ୍ୟୁଦୟ ଉତ୍ସବ’ ପାଳନ କରାଯାଇଛି । ଏହି ଉତ୍ସବରେ ୨୦୨୫/୨୬ ଚଳିତ ବର୍ଷର ଯୁକ୍ତ ଦୁଇ କଳା ପରୀକ୍ଷାର ଟପ୍ ଇଲେଭେନ୍ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏଥିରେ ଅତିଥି ଭାବରେ ସୋନପୁର କଲେଜର ପ୍ରାକ୍ତନ ଅଧକ୍ଷ ଡଃ ସନ୍ତୋଷ ପାଢୀ ଓ ପ୍ରଧାପକ ଉମାକାନ୍ତ ନାଗ ଯୋଗଦେଇ ଟପ୍ ଇଲେଭେନ୍ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ହେଲେ ଶିକ୍ଷାର ବିକାଶ ହେବ ବୋଲି କହିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ପ୍ଲାବନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବର ଶେଷ ଭାଗରେ ନିମନ୍ତ୍ରିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଯୋଗଦେଇ



ମହାନଦୀ ଧାରାର ଏ ସମ୍ବର୍ଦ୍ଧନା ଛାତ୍ରଛାତ୍ରୀଙ୍କୁ ଖୁବ୍ ଆଗକୁ ନେବ ବୋଲି ଉତ୍ସାହିତ କରି ଅନୁଷ୍ଠାନର ସଫଳତାକୁ ପ୍ରଶଂଶା କରିଥିଲେ ଏବଂ ଏ ଛାତ୍ରଛାତ୍ରୀ ସଧାରଣ ବେଗ ରାଉଣ୍ଡରୁ ଆସି ସଫଳତାର ଶୀର୍ଷକୁ ଆସିଛନ୍ତି ବୋଲି ଡ. ସାହୁ ମତ ପ୍ରକାଶ କରିଥିଲେ। ଅଧକ୍ଷା ଆଭା ପୂଜାହାରୀ ଧନ୍ୟବାଦ ଅର୍ପଣ କରିଥିଲେ । ୯୨%, ୫୫୨ ମାର୍କ ରଖିଥିବା ଅନୁଷ୍ଠାନର ଓମ୍ ପ୍ରକାଶ ଝାଙ୍କର, ୯୧.୩୩% ମାର୍କ ରଖିଥିବା ଅନୁଷ୍ଠାନର ଶ୍ରୁତି ମିଶ୍ର, ୯୦.୬୭% ମାର୍କ ରଖିଥିବା ଲଳିତା କର୍ମୀ, ୮୯.୮୩% ମାର୍କ ରଖିଥିବା ରିତେଶ ରଥ, ୮୮.୧୭% ମାର୍କ ରଖିଥିବା ଅର୍ପିତା ମିଶ୍ର, ୮୮% ମାର୍କ ରଖିଥିବା ପାୟଲ ମେହେର, ୮୭.୮୩% ମାର୍କ ରଖିଥିବା ଲିଜାରାନି ବାରିକ, ୮୬.୧୭% ମାର୍କ ରଖିଥିବା ପ୍ରବୀଣ ପଧାନ, ୮୪.୬୭% ମାର୍କ ରଖିଥିବା ଉଭୟ ଛାତ୍ରୀ ସାଇନା ପ୍ରଧାନ, ପ୍ରିୟମ୍ବଦା ସାହୁ, ୮୪% ମାର୍କ ରଖିଥିବା ଅନୁଷ୍ଠାନର ସୋନାଲି ପ୍ରଧାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପ୍ରକାଶଥାଉ କି ଯେ ଏ ବର୍ଷ ଏହି ଅନୁଷ୍ଠାନରୁ ଯୁକ୍ତ ଦୁଇ କଳା ପରୀକ୍ଷାରେ ୭୩ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୪ ଜଣ ଛାତ୍ରଛାତ୍ରୀ ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖି ଅନୁଷ୍ଠାନ ତଥା ସୁବର୍ଣ୍ଣପୁର ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି ଏବଂ ଗତ ବର୍ଷ ୨୦୨୪/୨୫ କଳା ପରୀକ୍ଷାରେ ଏ ମହାନଦୀ ଧାରା ଶିକ୍ଷା ଅନୁଷ୍ଠାନରୁ ୯୪.୩୩% ମାର୍କ ରଖି ଦେବେନ୍ଦ୍ର ଖମାରୀ ଓଡ଼ିଶା ଟପ୍ପର, ୯୨.୩୩% ମାର୍କ ରଖି ପ୍ରିତିମୟୀ ମିଶ୍ର ଓଡ଼ିଶାରେ ୬ ନମ୍ବର ସ୍ଥାନ ଅଧିକାର କରି ଅନୁଷ୍ଠାନ ତଥା ଜିଲ୍ଲାର ଗୌରବ ବୃଦ୍ଧି କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ସାମ୍ବାଦିକ ଓ ଅନେକ ବୁଦ୍ଧିଜୀବୀ ଯୋଗଦେଇଥିଲେ।





# ଗର୍ଭବତୀ ମହିଳାଙ୍କୁ କାନ୍ଧରେ ବୋହିଲେ ଦେଢ଼ କି.ମି.



**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ଏବେ ମଧ୍ୟ ଗାଁକୁ ରାସ୍ତାଟିଏ ନାହିଁ। ପିଇବା ପାଣିର ସୁବିଧା ନାହିଁ । ବିଜୁଳି ମଧ୍ୟ ନାହିଁ କି ସ୍ୱାସ୍ଥ୍ୟ ପରୀକ୍ଷାର ସୁବିଧା ମଧ୍ୟ ନାହିଁ। ଏହି ସବୁ ଦେଖିବାକୁ ମିଳୁଛି ବର୍ତ୍ତମାନ ବଲାଙ୍ଗୀର ଜିଲ୍ଲାର ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଅର୍ନ୍ତଗତ ଘୁନସର ପଞ୍ଚାୟତ କୌଶଳପଡା ଗାଁରେ। ଏହିସବୁ ସରକାରୀ ସୁବିଧା ଏଠାରେ ରହୁଥିବା ଲୋକଙ୍କ ପାଇଁ ସାତପନ ପାଲଟିଛି। ଜଣେ ଗର୍ଭବତୀ ମହିଳାଙ୍କୁ କାନ୍ଧ ଭାରରେ ବୋହି ନେବାକୁ ପଡିଛି। ଏପରି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ଘୁନସର ପଞ୍ଚାୟତର ଚଚରାଭଟା ଗ୍ରାମର କୌଶଳ ପଡା ଠାରେ । ଜଣେ ଗର୍ଭବତୀ ମହିଳା ସିମା ଧରୁଆଙ୍କର ପ୍ରସବ ଯନ୍ତ୍ରଣା ଆରମ୍ଭ ହେବା ପରେ ତାଙ୍କୁ ଡାକ୍ତରଖାନାକୁ ନେବାକୁ ପଡିଲା । ପରିବାର ଲୋକେ ୧୦୮ ଆମ୍ବୁଲେନକୁ ଖବର ଦେଇଥିଲେ ହେଲେ ଗାଁକୁ ରାସ୍ତା ନଥିବାରୁ ଅଧବାଟରେ ଆମ୍ବୁଲାନ୍ସ ଗାଡିଟି ଅଟକି ରହିଥିଲା । ଗାଁଲୋକେ ମିଶି ଏକ ଖଟିଆ ଏବଂ ଡଲାଭାର ସାହାଯ୍ୟରେ ପ୍ରାୟ ଦେଢ଼ କିଲୋମିଟର ବୋହି ନେଇଥିଲେ । ଏପରି ସ୍ଥଳେ ମହିଳାଟି ଗର୍ଭ ଯନ୍ତ୍ରଣା ଭୋଗୀ ଖପ୍ରାଖୋଲ ଡାକ୍ତରଖାନା ପୁଣି ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା । ଖପ୍ରାଖୋଲରେ ଗୋଟେ ଏବଂ ଅଧବାଟରେ ଆମ୍ବୁଲାନ୍ସରେ ଆଉ ଗୋଟେ ସନ୍ତାନ ଜନ୍ମ ହୋଇଥିଲା । ପରେ ସେହି ଦୁଇଟି ସନ୍ତାନ ନଷ୍ଟ ହୋଇଯାଇଥିବା ସୂଚନା ମିଳୁଛି । ଏହିପରି ଅସୁବିଧା ସତ୍ତ୍ୱେ ସରକାର ନିରବ କାହିଁକି ? ସେଠାକୁ ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଉନଥିବା ଜଣାପଡୁଛି । ସେଠାରେ ରହୁଥିବା ଜନସାଧାରଣଙ୍କୁ ସରକାରୀ ଯୋଜନା ଯୋଗାଇଦେବା ନିତାନ୍ତ ଜରୁରୀ ।

# ସୁରକ୍ଷିତ ଯାତ୍ରା ଓ ସଡ଼କ ଦୁର୍ଘଟଣା ହ୍ରାସ ଉପରେ ଗୁରୁତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାପାଳ କାର୍ଯ୍ୟାଳୟର କ୍ଷୁଦ୍ର ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ ଆୟୋଜିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝି ଅଧ୍ୟକ୍ଷତା କରିଥିଲେ ଏବଂ ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି ବୈଠକକୁ ପରିଚାଳନା କରିଥିଲେ। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜିଲ୍ଲା ହାଇୱେ ସୁରକ୍ଷା ଟାସ୍କ ଫୋର୍ସ ଗଠନ କରିବା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସାମ୍ନାରେ ରାସ୍ତା ପାର୍ଶ୍ୱରେ ରାସ୍ତା ବିକାଳୀଙ୍କୁ ହଟାଇବା, ଯଦ୍ୱାରା ଚିକିତ୍ସାଳୟ ସାମ୍ନାରେ ଟ୍ରାଫିକ୍ ସମସ୍ୟା ନହେବ, ମ୍ୟୁନିସିପାଲିଟି ଦ୍ୱାରା ଡିମାର୍କେସନ୍ କାମ ସମ୍ପନ୍ନ କରାଯାଇଥିବା କଥା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଶ୍ରୀ ଋଷି ମାଝୀ ସୂଚନା ଦେଇଛନ୍ତି । ଜିଲ୍ଲା ପ୍ରଶାସନ ବଢୁଥିବା ସଡ଼କ ଦୁର୍ଘଟଣାକୁ କମାଇବା ଏବଂ ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବା କଥା ବୈଠକରେ ଆଲୋଚନା ହୋଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଥିଲେ ଯେ, ଏପ୍ରିଲ୍ ମାସରେ ବୀରମହାରାଜପୁର, ବିନକା ଏବଂ ସୁବଳୟାରେ ରେସ୍ ଡ୍ରାଇଭିଂ କାରଣରୁ ୩ଟି ମୃତ୍ୟୁ ଦୁର୍ଘଟଣା ଘଟିଥିଲା। ଏହି ବର୍ଷରେ ମୋଟ୍ ୧୩ଟି ଦୁର୍ଘଟଣାରେ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ଏପ୍ରିଲ୍‌ରେ ୬୯୩ଟି ଚାଲାନ୍ ଜାରି ହୋଇଥିଲା, ୧୩୨ଟି ସମାଧାନ ହୋଇଛି ଏବଂ ୫୬୧ଟି ବକିଆ ରହିଛି। ଆଦାୟ ହୋଇଥିବା ରାଶି ୧୦,୬୮,୭୬୦ ଏବଂ ବକିଆ ରାଶି ୨୩, ୨୮, ୪୨୯। ସଭାରେ ଭାରୀ ଯାନବାହନକୁ ସହରରେ ପ୍ରବେଶ ନିଷେଧ ପାଇଁ ସଠିକ୍ ସାଇନେଜ୍, ସହରରେ ଯାତାୟାତ ଜାମ୍ କମାଇବା ପାଇଁ ସଡ଼କ ପ୍ରସାରଣ, ସ୍କୁଲ୍‌ଗୁଡ଼ିକରେ ସଚେତନତା ଅଭିଯାନ ଏବଂ ଅପରାଧ, ଲୁଟ୍ ଓ ଦୁର୍ଘଟଣାକୁ ନିୟନ୍ତ୍ରଣ ପାଇଁ ସିସିଟିଭି କ୍ୟାମେରା ସ୍ଥାପନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ସିଡିଏମ୍‌ଓ ପ୍ରତିନିଧି, ଏନ୍‌ଏଚ୍‌ଏଆଇ ପ୍ରତିନିଧି, ବସ୍ ଏସୋସିଏସନ୍, ଟ୍ରକ୍ ଏସୋସିଏସନ୍, ପିଡବ୍ଲୁଡି କର୍ମଚାରୀ, ଏନ୍‌ଏଚ୍‌ଏଆଇ କର୍ମଚାରୀ ଏବଂ ମୋଟର ଯାନ ଇନ୍‌ସ୍ପେକ୍ଟର ଉପସ୍ଥିତ ଥିଲେ।



## ଦୋକାନ ଘରେ ପଶିଗଲା ପିକ୍‌ଅପ୍ ଭ୍ୟାନ୍:ଜଣେ ମୃତ

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥର ବାନାଡୁଙ୍ଗୁରି ଗ୍ରାମରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଦ୍ରୁତଗାମୀ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଏକ ଦୋକାନ ଘର ଭିତରକୁ ମାଡ଼ିଯିବା ଫଳରେ ଜଣେ ମହିଳାଙ୍କର ଅକାଳ ବିୟୋଗ ଘଟିଛି। ମୃତ ମହିଳା ଜଣକ ସ୍ଥାନୀୟ ଅଞ୍ଚଳର ଏବଂ ଉକ୍ତ ଦୋକାନର ମାଲିକ ଛବିରାଣି ଦତ୍ତ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ବାନାଡୁଙ୍ଗୁରି ଗ୍ରାମ ଦେଇ ଯାଇଥିବା ଜାତୀୟ ରାଜପଥରେ ଏକ ପିକ୍‌ଅପ୍ ଭ୍ୟାନ୍ ଅତ୍ୟନ୍ତ ଦ୍ରୁତଗତିରେ ଆସୁଥିଲା। ତେବେ ହଠାତ୍ ଗାଡ଼ିଟି ନିଜର ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଛବିରାଣିଙ୍କ ଦୋକାନ ଗୃହ ଭିତରକୁ ମାଡ଼ିଯାଇଥିଲା। ଦୁର୍ଘଟଣାଟି ଏତେ ଭୟାବହ ଥିଲା ଯେ ଦୋକାନ ଭିତରେ ଥିବା ଛବିରାଣି ଗୁରୁତର ଭାବେ ଆହତ ହୋଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଛବିରାଣିଙ୍କୁ ଉଦ୍ଧାର କରାଯାଇ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଉପସ୍ଥିତ ଥିବା କର୍ତ୍ତବ୍ୟରତ ଡାକ୍ତର ତାଙ୍କୁ 'ମୃତ' ବୋଲି ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅପରପକ୍ଷରେ, ଦୁର୍ଘଟଣା ଘଟାଇବା ପରେ ଗାଡ଼ି ଚାଳକ ଜଣକ ସେଠାରୁ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବରପାଇ ବହଳଦା ଥାନା ପୋଲିସ ତୁରନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଫେରାର୍ ଚାଳକକୁ ଧରିବା ପାଇଁ ଅଧିକ ତଦନ୍ତ ଜାରି ରଖିଛି।

# ରକ୍ଷଣା ବେକ୍ଷଣ ଅଭାବରୁ ନଷ୍ଟହେଲା 'ଜାଗା ମିଶନ' ପାର୍କ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମହାନଗର ନିଗମ ତରଫରୁ ଜାଗା ମିଶନରେ ସହରାଞ୍ଚଳ ବସ୍ତିଗୁଡ଼ିକ ଉନ୍ନତିକରଣ ଦିଗରେ ପଦକ୍ଷେପ ନିଆଯାଇଛି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯାଇଛି । କିନ୍ତୁ ଦୂରଦର୍ଶିତା ଏବଂ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଏବେ ଜାଗା ମିଶନରେ ତିଆରି ହୋଇଥିବା ପ୍ରକଳ୍ପ ନଷ୍ଟ ହେବାରେ ଲାଗିଛି । ଅଯଥାରେ ଟଙ୍କା ଅପଚୟ ହେଉଛି । ମହାନଗର ନିଗମର ୨ ନମ୍ବର ୱାର୍ଡ଼ରେ ଜାଗା ମିଶନରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପକୁ ଦେଖିଲେ ଏହା ସ୍ପଷ୍ଟ ପ୍ରମାଣ ମିଳୁଛି। ଏହି ୱାର୍ଡ଼ର ଆନନ୍ଦ ନଗର ଠାରେ ଜାଗା ମିଶନରେ ଗୋଟିଏ ପଥପାର୍ଶ୍ୱର ଶିଶୁ ଉଦ୍ୟାନ ନିର୍ମାଣ ହୋଇଛି । ସେଠାରେ ଲାଗିଥିବା ଫଳକରୁ ସୂଚନା ମିଳୁଛି ଯେ, ଆନନ୍ଦନଗର ବସ୍ତିର ଉନ୍ନତିକରଣ ନାମରେ ଏହି ପ୍ରକଳ୍ପ ରହିଛି। ୨୦୨୦ ମସିହା ମାର୍ଚ୍ଚ ୪ ତାରିଖରେ ପ୍ରକଳ୍ପ କାମ ହାତକୁ ନିଆଯାଇଥିଲା । ସେହି ମାସ ୨୫ ତାରିଖରେ ପ୍ରକଳ୍ପ ନିର୍ମାଣ ଶେଷ ହୋଇଥିଲା । ପ୍ରକଳ୍ପର ବ୍ୟୟ ଅଟକଳ ରହିଥିଲା ୧୦ ଲକ୍ଷ ୪୩ ହଜାର ୪୫୯ ଟଙ୍କା କୁହାଯାଇଥିଲା। ଏହି ଉଦ୍ୟାନ ଦ୍ୱାରା ୪୯୫ ଜଣ ଲୋକ ଉପକୃତ ହେବେ । ୩ ହଜାର ୮୭୦ ବର୍ଗଫୁଟ୍ ଖୋଲା ଜାଗାର ଉନ୍ନତିକରଣ କରାଯାଇଛି। ପେଭର ବ୍ଲକ୍‌ରେ ସମତଳ କରାଯିବା ସହ ପିଲାମାନଙ୍କ ପାଇଁ ଖେଳପଡ଼ିଆ ନିର୍ମାଣ ହୋଇଥିଲା । ଚିତ୍ରକଳା ମାଧ୍ୟମରେ ସୌନ୍ଦର୍ଯ୍ୟକରଣ କରାଯାଇଥିଲା । ଗଛ ଗୁଡ଼ିକରେ ବିଭିନ୍ନ ରଙ୍ଗର ଆଲୋକ ଲଗାଯାଇଥିଲା। ଗଛ ଚାରିପାଖରେ ପିଣ୍ଡି ନିର୍ମାଣ ହୋଇଥିଲା । ତେବେ ପ୍ରକଳ୍ପ ଯାହା ସବୁ ଲେଖାଯାଇଛି, ବାସ୍ତବରେ ସେସବୁ ଦେଖିବାକୁ ମିଳୁନି । ଶିଶୁଙ୍କ ପାଇଁ ମାତ୍ର ହାତ ଗଣତି ୩ରୁ ୪ଟି ଖେଳ ସାମଗ୍ରୀ ଲଗାଯାଇଥିଲା । କାନ୍ଥରେ ଅଳ୍ପ କିଛି ଚିତ୍ର ଅଙ୍କା ଯାଇଥିଲା। ପେଭର ଟାଇଲ୍ ଭାଙ୍ଗି ଗଲାଣି । ତେବେ ଏହି ଉଦ୍ୟାନ ଏକ ଡ୍ରେନ୍ ଉପରେ ନିର୍ମାଣ କରାଯାଇଥିଲା । ଗତ କିଛି ମାସ ପୂର୍ବେ ଡ୍ରେନ୍‌ର ମରାମତି କରାଯାଇଛି। ସବୁ ଟାଇଲ୍ ବାହା କରି ଦିଆଯାଇଛି । ଫଳରେ ଉଦ୍ୟାନ ନଷ୍ଟ ହୋଇଯାଇଛି। କୌଣସି ଗୋଟିଏ ଖେଳଣା ଉପକରଣ ଆଉ ନାହିଁ । ଭାଙ୍ଗିରୁଜି ଗଲାଣି। ମାତ୍ର କିଛି ବର୍ଷ ପୂର୍ବେ ତିଆରି ହୋଇଥିବା ଏହି ପାର୍କର ଏବେ ଆଉ ଚିହ୍ନବର୍ଣ୍ଣ ନାହିଁ । ଉଦ୍ୟାନକୁ ଅସ୍ଥାୟୀ ଆବର୍ଜନା ରହଣି ସ୍ଥଳରେ ପରିଣତ ହୋଇଛି । ସର୍ବଦା କୁଡ଼କୁଡ଼ ଆବର୍ଜନା ଜମି ରହୁଛି । ସାମାନ୍ୟ ବର୍ଷାରେ ପାଣି ଜମି ରହୁଛି । ରାସ୍ତା ଉପରେ ମଧ୍ୟ ପାଣି ଜମି ରହୁଛି। ନିୟମିତ ସଫେଇ ହେଉନଥିବା କାରଣରୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ବ୍ରହ୍ମପୁର ମହାନଗର ନିଗମ ତରଫରୁ ସହରର ବିଭିନ୍ନ ସ୍ଥାନରେ ବସ୍ତି ଉନ୍ନତିକରଣ ଯୋଜନାରେ ଅନେକ ବସ୍ତି ହାତକୁ ନିଆଯାଇଛି। ଅଧିକାଂଶ ସ୍ଥାନରେ ଜାଗା ମିଶନରେ ନିର୍ମିତ ପ୍ରକଳ୍ପଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇପଡ଼ିଛି ।

# ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପ୍ରତିବାଦରେ ଯୁବ ଛାତ୍ର କଂଗ୍ରେସର ବିକ୍ଷୋଭ

**ରାଉରକେଲା, ନ୍ୟୁଜ୍**




ନିଟ୍ ପ୍ରଶ୍ନପତ୍ରର ବାରମ୍ବାର ପ୍ରଘଟକୁ ବିରୋଧ କରି ରାଉରକେଲା ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ଇସ୍ତେହାର ମୋହମ୍ମଦଙ୍କ ନେତୃତ୍ୱରେ ସ୍ଥାନୀୟ ଉଦିତନଗର ଆମ୍ବେଦକର ଛକ ଠାରେ ଏକ ବିକ୍ଷୋଭ ପ୍ରତିବାଦ ସଭା କରାଯାଇଥିଲା । ଏହି ଅବସରରେ ନିଜର ଭବିଷ୍ୟତ ଅନ୍ଧକାର ମନେକରି ମାନସିକ ଚାପରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀ ମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାର ଉତ୍ତରଦାୟିତ୍ୱ ନେଇ ନୈତିକତା ଦୃଷ୍ଟିରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନଦେଲେ ଛାତ୍ର କଂଗ୍ରେସ ଏବଂ ଯୁବ କଂଗ୍ରେସ ତରଫରୁ ଏହି ଆନ୍ଦୋଳନକୁ ତୀବ୍ର ଏବଂ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୁପେ ରାଉରକେଲା ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ଜ୍ଞାନେନ୍ଦ୍ର ଦାସ ଏବଂ ବିଶିଷ୍ଟ ଅତିଥି ରୂପେ ପ୍ରଦେଶ ଛାତ୍ର କଂଗ୍ରେସ ସଂଯୋଜକ ବିଭୁତି ଭୂଷଣ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ହେଉଥିବା ଅବହେଳା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ହରପ୍ରସାଦ ସାମଲ, ସୁନୀଲ ପଟ୍ଟନାୟକ, ସୁଧୀର ନାଥ, ଲକ୍ଷ୍ମୀପ୍ରିୟା ରାଉତ, ରଘୁନାଥ ଦାସ, ରବୀନ୍ଦ୍ର କୁମାର ନାୟକ, ସିକନ୍ଦର ଅହମ୍ମଦ, ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ବିଜୟ ଆପଟ, ବିନୋଦ ରାଉତ, ସୁଦନ ତନ୍ତୀ, ସୁଧୀର ଚୌହାନ, ସାଧାରଣ ସମ୍ପାଦକ ନିରଞ୍ଜନ ଭଞ୍ଜ, ଅନମୋଲ ରାୟ, ଇମ୍ତିଆଜ ମୋହମ୍ମଦ, ବୀରେନ୍ଦ୍ର ବଳିୟାରସିଂ, ବରିଷ୍ଠ ନେତା ଇଜାଜ ଅଖତାର, ନିହାର ଦାସ, ନାରୀନେତ୍ରୀ ରଞ୍ଜିତା ମଲ୍ଲିକ୍, ମହିଳା କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦିକା ସୁନିତା ଲାକ୍ରା ବୈଲୋଚନ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ସରକାରୀ ଆମ୍ବୁଲାନ୍ସ ସେବା ବ୍ୟାହତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ରାତ୍ରି ସମୟରେ ମାଗଣା ସରକାରୀ ଆମ୍ବୁଲାନ୍ସ ସେବାରେ ଦେଖାଦେଉଥିବା ଅନିୟମିତତା ଓ ଅବ୍ୟବସ୍ଥାକୁ ନେଇ ଯୁବ ସମାଜସେବୀ ବାଜି ସିଂଙ୍କ ନେତୃତ୍ୱରେ ସୁନାରାମ ସିଂ କାର୍କି, ଅନିଲ ସିଂ, ସନ୍ତୋଷ ସିଂ, ବୁଧୁରାମ ସିଂ, ରବିନ୍ଦ୍ରନାଥ ସିଂ, ଗଣେଶ୍ୱର ସିଂ, ସୁନାରାମ ସିଂ କୁକୁଲୁ ଓ ଅନ୍ୟ ଯୁବ ସମାଜସେବୀମାନେ ହସ୍ପିଟାଲ୍ ସୁପରିଣ୍ଟେଣ୍ଡେଣ୍ଟ ଓ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୨୫ ତାରିଖ ରାତିରେ ଗୁରୁତର ଅସୁସ୍ଥ ଅବସ୍ଥାରେ ଭର୍ତ୍ତି ହୋଇଥିବା ଜଣେ ମହିଳା ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ କଟକ ସ୍ଥିତ ଏସ୍‌ସିବି ମେଡିକାଲ୍ କଲେଜ୍‌କୁ ସ୍ଥାନାନ୍ତର କରିବା ସମୟରେ ତାଙ୍କ ପରିବାର ମାଗଣା ଆମ୍ବୁଲାନ୍ସ ସେବା ପାଇବାରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅଭିଯୋଗ ଅନୁସାରେ, ରାତି ୧୨ଟା ପରେ ଆମ୍ବୁଲାନ୍ସ କର୍ମଚାରୀମାନେ ଜରୁରୀ ଫୋନ୍ କଲ୍ ରିସିଭ୍ କରୁନାହାନ୍ତି ଏବଂ ରାତ୍ରି ସମୟରେ ଏସ୍‌ସିବି ମେଡିକାଲ୍, କଟକକୁ ଯିବାକୁ ମନା କରୁଛନ୍ତି । ଫଳରେ ଗରିବ ଓ ଜରୁରୀକାଳୀନ ରୋଗୀମାନେ ଭୟଙ୍କର ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ କେତେକ କ୍ଷେତ୍ରରେ ରୋଗୀଙ୍କ ଜୀବନ ମଧ୍ୟ ବିପଦରେ ପଡୁଥିବା ଅଭିଯୋଗ ହୋଇଛି । ଯୁବ ସମାଜସେବୀ ମାନଙ୍କ କହିବା ଅନୁସାରେ, ଏହା କେବଳ ଗୋଟିଏ ଦିନର ଘଟଣା ନୁହେଁ, ପ୍ରାୟ ପ୍ରତିଦିନ ରାତିରେ ଏପରି ସମସ୍ୟା ଦେଖାଦେଉଛି । ଏତେ ଗୁରୁତର ସମସ୍ୟା ସତ୍ତ୍ୱେ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲାର ଜନପ୍ରତିନିଧିମାନଙ୍କ ଭୂମିକାକୁ ନେଇ ଜନସାଧାରଣରେ ପ୍ରଶ୍ନ ଉଠିଛି ଓ ଦାବିଗୁଡିକ- ଘଟଣାର ସଠିକ ତଦନ୍ତ। ମାଗଣା ଆମ୍ବୁଲାନ୍ସ ସେବା ସୁନିଶ୍ଚିତ କରିବା । ଦାୟିତ୍ୱରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ । ସଠିକ୍ ମନିଟରିଂ ବ୍ୟବସ୍ଥା କରିବା । ଉକ୍ତ ଦାବିପତ୍ରର ନକଲ ଜିଲ୍ଲାପାଳ ମୟୂରଭଞ୍ଜ, ସିଡିଏମ୍‌ଓ ମୟୂରଭଞ୍ଜ, ସ୍ୱାସ୍ଥ୍ୟ ବିଭାଗର କମିଶନର-କମ୍-ସଚିବ ଏବଂ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।

## ଅଭିନେତା ଅଶ୍ରୁମୋଚନ ପାଇବେ 'ରବି ଲାବଣ୍ୟ ଗୌରବ' ସମ୍ମାନ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ୮୯ତମ ଜନ୍ମ ଜୟନ୍ତୀ ଉତ୍ସବ ଆସନ୍ତା ୩୦ ତାରିଖ ଶନିବାର ଅନୁଷ୍ଠିତ ହେବାକୁ ଥିବାବେଳେ ଏ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଛି । ଅନୁଷ୍ଠାନର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ରାଜନେତା, ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ କଳାକ୍ଷେତ୍ରରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ଏବଂ ଶିକ୍ଷା କ୍ଷେତ୍ରରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମନାଭ ସାହୁଙ୍କୁ ରବି ଲାବଣ୍ୟ ଗୌରବ ସମ୍ମାନରେ ସମ୍ମାନିତ କରାଯିବ । ସେହିପରି ଧର୍ମଶାଳା ବ୍ଲକର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ –୧ ପାଇଥିବା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ରବି ଲାବଣ୍ୟ ଛାତ୍ର ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମରେ ଉପସ୍ଥାପକ ଭାବେ ଯୋଗଦେବା ସହିତ କଟକ ନବ କଳିକା ଅନୁଷ୍ଠାନ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯିବ ବୋଲି ଜଣାଯାଇଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ଆର୍‌ବିଆଇ ପକ୍ଷରୁ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ଭୁବନେଶ୍ୱର ପକ୍ଷରୁ ବାଲେଶ୍ୱର ଠାରେ ୨୭ ମଇ ୨୦୨୬ ଦିନ ଏକ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ (ଏଫ୍‌ଏଲ୍‌ଏଫ୍‌ଏଲ୍‌ଇ) ଅନୁଷ୍ଠିତ ହୋଇଯାଇଛି। ଆର୍‌ବିଆଇ କ୍ଷେତ୍ରୀୟ ନିର୍ଦ୍ଦେଶକ ଡା. ସାରଦା ପ୍ରସନ ମହାନ୍ତି, ମହାପ୍ରବନ୍ଧକ ଅନିତା ପଟ୍ଟନାୟକ, ଏସ୍‌ଏଲ୍‌ବିସି ଓଡ଼ିଶାର ଆବାହକ ତଥା ମହାପ୍ରବନ୍ଧକ ପ୍ରଣବ ବିଶ୍ୱାସ, ଏସ୍‌ବିଆଇ ଉପ ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ପ୍ରବନ୍ଧକ ପ୍ରଭାତ କୁମାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡା. ମହାନ୍ତି ମୁଖ୍ୟ ବକ୍ତବ୍ୟ ପ୍ରଦାନ କରି ଆର୍ଥିକ ସାକ୍ଷରତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ସାଇବର ଫ୍ରଡ ଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଜନସାଧାରଣଙ୍କୁ ପ୍ରୋତ୍ସାହନ କରିଥିଲେ। ଏହାସହ ସେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ସରଳୀକରଣ ଉପରେ ଗୁରୁତ୍ୱ ପ୍ରଦାନ କରି ବ୍ୟାଙ୍କ ଖାତାରେ କେୱାଇସି ଓ ନୋମିନେସନ୍‌ର ଆବଶ୍ୟକତା ଉପରେ ସଚେତନ କରିଥିଲେ। ଶ୍ରୀମତୀ ପଟ୍ଟନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି ରିଜର୍ଭ ବ୍ୟାଙ୍କ ତରଫରୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦିଗରେ କରାଯାଇଥିବା ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷକ, ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ ଓ ବରିଷ୍ଠ ନାଗରିକଙ୍କ ଭଳି ବିଭିନ୍ନ ବର୍ଗରୁ ପ୍ରାୟ ୧୫୦ ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କର ଅଧିକାରୀମାନେ ଆର୍ଥିକ ଯୋଜନା, ସଞ୍ଚୟ, ଋଣ, ନିବେଶ, ବୀମା ସମେତ ସାମାଜିକ ସୁରକ୍ଷା ଯୋଜନା, ପେନ୍‌ସନ୍ ଏବଂ ଦାବିହୀନ ଜମା ରାଶି ପ୍ରାପ୍ତ କରିବାର ପ୍ରଣାଳୀ ଆଦି ବିଷୟ ଉପରେ ସେମାନଙ୍କର ଅଧିବେଶନ ରଖିଥିଲେ । ପ୍ରତିଭାଗୀ ମାନଙ୍କୁ ନକଲିନୋଟ୍ ଚିହ୍ନଟ, ବ୍ୟାଙ୍କ ଦ୍ୱାରା ନୋଟ୍ ବିନିମୟ ସୁବିଧା ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ପ୍ରକାର ସାଇବର ଠକେଇ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ଆର୍‌ବିଆଇର ଅଭିଯୋଗ ସମାଧାନ ବ୍ୟବସ୍ଥା ଏବଂ ଅଭିଯୋଗ ଦାଖଲ ପ୍ରକ୍ରିୟା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ସର୍ବଶେଷରେ ଅଂଶଗ୍ରହଣକାରୀଙ୍କ ପ୍ରଶ୍ନରଉତ୍ତର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ଏଲ୍‌ଡିଏମ୍, ଡିଡିଏମ୍, ଏଫ୍‌ଏଲ୍‌ସି, ସିଏଫ୍‌ଏଲ୍ ଏବଂ ବାଲେଶ୍ୱର ଅଞ୍ଚଳର ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ବ୍ୟାଙ୍କର ଏହି ପ୍ରୟାସଟି ଜିଲ୍ଲା ପ୍ରଶାସନ ଓ ସାଧାରଣ ଲୋକଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୯।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୫ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୦୮।୫୯ ଚନ୍ଦ୍ରୋଦୟ- ଦିଘ ୪।୪୭।୧୧**

**ତ୍ରୟୋଦଶୀ-** ଦିଘ ୯।୫୩ ପର୍ଯ୍ୟନ୍ତ। ସ୍ୱାତୀ ନକ୍ଷତ୍ର ଦିଘ ୧୦।୫୦ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୯।୫୩ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୫ ଗତେ ଦିଘ ୬।୫୮ ମଧ୍ୟେ। ଦିଘ ୧୨।୧୨ ଗତେ ଦିଘ ୧୨।୪୯ ମଧ୍ୟେ। **ପର୍ବୋତ୍ସବ-** ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା।



**ମେଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଶୁଭ କାର୍ଯ୍ୟ ପାଇଁ ଦିନଟି ଉତ୍ତମ ଅଟେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପରିବାରରେ ଖୁସିର ମାହୋଲ ରହିବ। ଉତ୍ତମ ଭୋଜନ କରିପାରନ୍ତି।



**ବୃଷ:** ଶତ୍ରୁ ଆପଣଙ୍କର ନାଶ ହେବେ। କାର୍ଯ୍ୟକ୍ଷେତ୍ରରେ ଶୁଭଫଳ ପାଇବେ। ପରୋପକାର କରି ଆନନ୍ଦିତ ହେବେ। ଆୟରେ ଉନ୍ନତି ଦେଖାଦେବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ମିଥୁନ:** ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ। ଖର୍ଚ୍ଚର ମାତ୍ରା ଅଧିକ ହେବ। ଦେବ ଦର୍ଶନ ସହ ସେବା ପୂଜାର ସୁଯୋଗ ସୃଷ୍ଟି ହେବ। ଘରେ ସୁଖ ଶାନ୍ତି ଲାଭ ହେବ ।



**କର୍କଟ:** ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ପରିଶ୍ରମର ମାତ୍ରା ଅଧିକ ହେବ। ଘରେ ଅଶାନ୍ତି ଓ କଳହ ଦେଖାଦେବ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ।



**ସିଂହ:** ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ। ଦେବ ଦର୍ଶନ ମଧ୍ୟ କରିପାରନ୍ତି। ବ୍ୟବସାୟରେ ଲାଭବାନ୍ ହେବେ। ପାରିବାରିକ ଶାନ୍ତି ଅବ୍ୟାହତ ରହିବ। ରୋଜଗାର ଭଲ ହେବ ।



**କନ୍ୟା:** ସାମାଜିକ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଆତ୍ମସନ୍ତୋଷ ଲାଭ ହେବ। ଆୟ ସ୍ଥିର ରହିବ। ଘରେ ଖୁସିର ଲହରୀ ଖେଳିବ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବ ।



**ତୁଳା:** ଶରୀର ସୁସ୍ଥ ରହିବ। ବ୍ୟବସାୟରେ ଲାଭବାନ୍ ହେବେ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଶୁଭ ଖବର ପାଇ ଆନନ୍ଦିତ ହେବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ପାରିବାରିକ ଜୀବନ ସୁଖମୟ ହେବ।



**ବିଛା:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ଅଯଥାରେ ଭ୍ରମଣ କରିବାକୁ ପଡ଼ିପାରେ। ଘରେ ଅଶାନ୍ତି ଓ କଳହ ଦେଖାଦେବ। ମହିଳାମାନେ କଠୋରମନା ହେବେ।



**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ସତ୍ କର୍ମରେ ଲିପ୍ତ ରହିବେ। ଆୟ ବ୍ୟୟ ସମାନ ରହିବ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ସାପେକ୍ଷ ଜନିତ ହେବ।



**ମକର:** ନୂତନ କାର୍ଯ୍ୟମାନ ହାତକୁ ନେଇପାରନ୍ତି। ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ। ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ଘରେ ଖୁସିର ଲହରୀ ଖେଳିବ। ଦେହ ଓ ମନ ଭଲ ରହିବ।



**କୁମ୍ଭ:** ବ୍ୟବସାୟିକ କାର୍ଯ୍ୟ ନିମନ୍ତେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ। ଆୟ ଓ ବ୍ୟୟ ସମାନ ରହିବ। ହଠାତ୍ କୌଣସି ଖବର ପାଇ ଆନନ୍ଦିତ ହେବେ। ପାରିବାରିକ ଜୀବନରେ ଆନନ୍ଦ ଦେଖାଦେବ।



**ମୀନ:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ଶାରୀରିକ ପୀଡ଼ା ଦେଖାଦେବ। ଖର୍ଚ୍ଚର ମାତ୍ରା ଅଧିକ ହେବ। ଘରେ ଅଶାନ୍ତି ଦେଖାଦେବ। ପରିଶ୍ରମର ମାତ୍ରା ଅଧିକ ହେବ। ମନ ଅସ୍ଥିର ରହିବ।

## ନୂତନ ରେଳବାଇ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟରେ ଯୋଗଦାନ

**ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ**

ରାଉରକେଲା ରେଳବାଇ ପୋଲିସ ଜିଲ୍ଲାରେ କୃଷ୍ଣପ୍ରସାଦ ଦାସ ଓପିଏସ୍ (ଏସ୍) ରେଳବାଇ ଆରକ୍ଷୀ ଅଧିକ୍ଷକ ଭାବେ କାର୍ଯ୍ୟରେ ଯୋଗଦାନ କରି ଦାୟିତ୍ୱ ଗ୍ରହଣ କରିଛନ୍ତି । କେ.ପି. ଦାସ ଏହା ପୂର୍ବରୁ ସ୍ପେସିଆଲ ବ୍ରାଞ୍ଚ ଏସ୍‌ପି ଥିଲେ । ଶ୍ରୀ ଦାସ ଜଣେ ଦକ୍ଷ ପୋଲିସ ପ୍ରଶାସନିକ ଅଧିକାରୀ ଭାବେ ସୁନାମ ଅର୍ଜନ କରିଛନ୍ତି । ଶ୍ରୀ ଦାସ କାର୍ଯ୍ୟରେ ଯୋଗଦେବା ସମୟରେ ରାଉରକେଲା ରେଳବାଇ ପୋଲିସ କାର୍ଯ୍ୟାଳୟରେ ସମସ୍ତ କର୍ମଚାରୀ ସମେତ ରାଉରକେଲା ହେଡ୍‌କ୍ୱାଟର ଡ଼ିଏସ୍‌ଆର୍‌ପି ସରୋଜିନୀ ସାମଦ (ଓପିଏସ୍), ବିଜୟ କୁମାର ଓରାମ୍ (ଓପିଏସ୍), ଇସ୍ମାଇଲ୍ ଏକ୍କା (ଓପିଏସ୍), ଝାରସୁଗୁଡ଼ା ଏସ୍‌ଡ଼ିଆର୍‌ପିଓ ରମେଶ ଚନ୍ଦ୍ର ଦାସ (ଓପିଏସ୍), ପ୍ରଭାତ କୁମାର ତ୍ରିପାଠୀ (ଓପିଏସ୍) ରାୟଗଡ଼ା ଏସଡ଼ିଆର୍‌ପିଓ ଏବଂ ରେଳବାଇ ପୋଲିସ ଜିଲ୍ଲା ଅଧୀନରେ ଥିବା ଥାନାର ସମସ୍ତ ଆଇଆଇସି ଓ ଓଆଇସି ଏବଂ ରେଳବାଇ ଫାଣ୍ଡି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩୦।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୬ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୦୮।୫୦ ଚନ୍ଦ୍ରୋଦୟ- ସଂଘ ୫।୪୦।୨୨**

**ଚତୁର୍ଦ୍ଦଶୀ-** ଦିଘ ୧୧।୫୯ ପର୍ଯ୍ୟନ୍ତ। ବିଶାଖା ନକ୍ଷତ୍ର ଦିଘ ୧।୨୨ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ପ୍ରାଘ ୬।୪୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। ପ୍ରାଘ ୬।୪୦ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୧।୫୯ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୦୭ ଗତେ ଦିଘ ୧୨।୧୧ ମଧ୍ୟେ। ଦିଘ ୩।୦୨ ଗତେ ଦିଘ ୩।୪୧ ମଧ୍ୟେ। **ପର୍ବୋତ୍ସବ-** ପୌର୍ଣ୍ଣମୀ ବ୍ରତ, ଚନ୍ଦ୍ର ପୂଜା ଓ ଉପବାସ।

ସମ୍ପାଦକୀୟ

31 YEARS
ସମ୍ବାଦ କଳିକା

## ତରଳୁଛି ଗ୍ଲେସିୟର, କଳା ପଡୁଛି ବରଫ

ଭାରତ ସହିତ ବିଶ୍ୱବାସୀଙ୍କ ଚିନ୍ତା ବଢ଼ାଇ ଦେଲେ 'ନାସା' ରିସର୍ଚ୍ଚ । ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ଗତ ୨୫ ବର୍ଷର ସାଟେଲାଇଟ୍ ତଥ୍ୟରୁ ବିଶ୍ଳେଷଣ କରି ଯେଉଁ ରିପୋର୍ଟ ପ୍ରଦାନ କରିଛି ତାହା ଅତ୍ୟନ୍ତ ଚିନ୍ତାଜନକ । ବିହାର ସମେତ ପୂରା ଦେଶରେ ଥିବା ସମତଳ ରାଜ୍ୟ ଗୁଡ଼ିକ ଦ୍ୱାରା ବ୍ୟାପୁଥିବା ଭୟଙ୍କର ପ୍ରଦୂଷଣ ବିସ୍ତୀର୍ଣ୍ଣ ହିମାଳୟ ପର୍ବତମାଳାକୁ ଭିତରୁ ଖୋଳ କରୁଛି । ସମତଳ ଅଞ୍ଚଳରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ ସିଧା ହିମାଳୟର ଶେଷ ସ୍ତର ପର୍ଯ୍ୟନ୍ତ ପହଞ୍ଚୁଛି । ଯେଉଁଥି ପାଇଁ ବର୍ଷ ବର୍ଷ ଧରି ବରଫ ଚାଦର ଘୋଡେଇ ହୋଇରହିଥିବା ଗ୍ଲେସିୟର ଦ୍ରୁତଗତିରେ ତରଳିବାରେ ଲାଗିଛି । ଫଳରେ ହିମାଳୟ ଭୟଙ୍କର ଭାବେ କଳା ପଡ଼ି ଯାଉଛି । ମହାକାଶ ଗବେଷଣା ସଂସ୍ଥା 'ନାସା'ର ୨୫ ବର୍ଷର ସାଟେଲାଇଟ୍ ତଥ୍ୟ ଅଧ୍ୟୟନରେ ପ୍ରକାଶ ପାଇଛି ଯେ ୨୦୦୦ରୁ ୨୦୨୪ ମଧ୍ୟରେ ସିନ୍ଧୁ-ଗଙ୍ଗା ସମତ ?ଳ ଅଞ୍ଚଳ, ହିମାଳୟ କ୍ଷେତ୍ର ଏବଂ ଉତ୍ତର-ପୂର୍ବ ଭାରତରେ 'ପିଏମ୍' ବା ପାର୍ଟିକ୍ୟୁଲେଟ୍ ମ୍ୟାଟର କଣିକା ପ୍ରଦୂଷଣରେ ୨୦ ପ୍ରତିଶତରୁ ଅଧିକ ଭୟଙ୍କର ଭାବେ ବୃଦ୍ଧି ପାଉଥିବା ଦେଖାଯାଇଛି । ସେହିପରି ଗାଡ଼ି ଧୂଆଁ ଏବଂ ବାୟୋମାସ୍ ଜଳନର କାରଣରୁ ବାୟୁରେ ଅର୍ଗାନିକ୍ କାର୍ବନ ଏବଂ ସଲଫେଟ୍ ପରିମାଣ ୫୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଛି । ଯେତେବେଳେ ଏହି କାର୍ବନ ପବନରେ ଉଡ଼ି ଗ୍ଲେସିୟର ପାହାଡ଼ ଉପରେ ପଡୁଛିସ, ବରଫର ପୃଷ୍ଠ ଭାଗ କଳା ଏବଂ ଅନ୍ଧାରିଆ ହୋଇଯାଉଛି । ଏହି ଗବେଷଣା ପ୍ରସିଦ୍ଧ ଜର୍ଣ୍ଣାଲ୍ 'Atmospheric Environment' ରେ ମଧ୍ୟ ପ୍ରକାଶ ପାଇଛି । ବାୟୁ ପ୍ରଦୂଷଣ ସୂଚକାଙ୍କରେ ବିହାର ଏବଂ ପଶ୍ଚିମବଙ୍ଗ ସବୁଠାରୁ ଉପରେ ରହିଛି । ବୋସ୍ ଇନଷ୍ଟିଚ୍ୟୁଟ କୋଲକାତାରୁ ପ୍ରକାଶିତ ରିପୋର୍ଟରେ AOD (Aerosol Optical Depth) ମାପାଯାଇଛି, ଯାହା ବାୟୁରେ ଥିବା ପ୍ରଦୂଷଣ ଏବଂ ଧୂଆଁ କଣିକାକୁ ଦର୍ଶାଏ । ଏହି ସୂଚକାଙ୍କରେ ବିହାର ଏବଂ ପଶ୍ଚିମବଙ୍ଗର ବାୟୁ ପ୍ରଦୂଷଣ ସବୁଠୁ ଅଧିକ ଏବଂ ହାନିକାରକ କଣିକା ୦.୭୧ ଏବଂ ୦.୭୦ରେ ରେକର୍ଡ କରାଯାଇଛି, ଯାହା ଦେଶରେ ସର୍ବାଧିକ । ଏହା ତୁଳନାରେ, ଦିଲ୍ଲୀ, ପଞ୍ଜାବ ଏବଂ ହରିୟାଣାର ମୋଟ୍ ସ୍କୋର ୦.୫୧ ଥିଲା । ଏହି ସମୟରେ ଉତ୍ତର ପୂରବ ଭାରତରେ ସୂଚକାଙ୍କ ସ୍କୋର ୦.୪୦ ରହିଛି । ବିହାର ଏବଂ ବଙ୍ଗ ଏବେ ଦେଶର ସବୁଠାରୁ ବଡ଼ 'ପ୍ରଦୂଷଣ ହଟସ୍ପଟ୍' ହୋଇଯାଇଛି । ଗବେଷକଙ୍କ ମତାନୁସାରେ, ଏହି ପ୍ରଦୂଷଣ କଣିକାଗୁଡ଼ିକ ଗ୍ଲେସିୟର 'ଅଲ୍ବେଡୋ ଇଫେକ୍ଟ' ଉପରେ ଖରାପ ପ୍ରଭାବ ପକାଉଛି । ସ୍ୱଚ୍ଛ ଏବଂ ଧଳା ବରଫ ସୂର୍ଯ୍ୟ କିରଣକୁ ପୁନଃ ପ୍ରତିଫଳିତ କରିଥାଏ, ମାତ୍ର କଳା କାର୍ବନ ଜମିଲେ ବରଫ ପ୍ରତିଫଳିତ ନକରି ଉତ୍ତାପକୁ ଶୋଷଣ କରିଥାଏ । ଯାହା ଫଳରେ ଗ୍ଲେସିୟର ଦ୍ରୁତ କ୍ଷୟ ହେବାରେ ଲାଗିଛି । ଏହା ଆଗକୁ ଭୟଙ୍କର ରୂପ ଧାରଣ କରିଛି । ଭାରତରେ ପ୍ରଦୂଷଣ ମାତ୍ର ବଢ଼ିବା ସହିତ ତାପମାତ୍ରା ମଧ୍ୟରେ ଦ୍ରୁତଗତିରେ ବୃଦ୍ଧି ପାଇବ ବୋଲି ନାସା ଗବେଷଣାରେ କୁହାଯାଇଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

#### ଧନ

ଶ୍ରଦ୍ଧେୟ ଭକ୍ତବୃନ୍ଦ ପ୍ରକୃତ ଧନ ହେଉଛି ଆତ୍ମଜ୍ଞାନ, ଆତ୍ମାକୁ ବୁଝିବା, ଆତ୍ମାକୁ ଜାଣିବା, ଆତ୍ମାର ଗତିକୁ ବୁଝିବା ଏହାହିଁ ଭକ୍ତର ପ୍ରକୃତ ଧନ, ବିନା ଧନରେ(ଟଙ୍କା ପଇସା)ନଥାଇ ଯେଉଁ ଭକ୍ତ ଆତ୍ମଜ୍ଞାନ ପ୍ରାପ୍ତ କରିଥାଏ ଏ ପୃଥିବୀର ଯେ କୌଣସି ସ୍ଥାନକୁ ଅନ୍ୟାୟସରେ ଯାଇପାରିବେ ଏବଂ ସକଳ ସ୍ଥାନରୁ ତାକୁ ଖାଦ୍ୟ, ପେୟ, ବସ୍ତ୍ର, ଧନ, ରହିବା ପାଇଁ ସ୍ଥାନ ସବୁ ମିଳିପାରିବ । ତେଣୁ ବସ୍ତୁବାଦ ଜଗତକୁ ଲକ୍ଷ୍ୟ ଦେଇ ଯେ କୋଠା, ବାଡ଼ି, ଧନ, ସମ୍ପଦରେ ଅନ୍ଧ ହୋଇଥାଏ ସେ ଏହି ବିଶାଳ ପୃଥିବୀରେ ଯେତେ ଟଙ୍କା ରୋଜଗାର କଲେ ବି ତାକୁ ଅଣ୍ଟିବ ନାହିଁ । କି ତା ମନରେ ଶାନ୍ତି ମିଳିପାରିବ ନାହିଁ । ସେ ସବୁବେଳେ ମାୟାରୂପକ ଜାଲରେ ଆପେ ଆପେ ଛନ୍ଦି ହୋଇ ଯାଉଥିବ । ଏହାହିଁ ସତ୍ୟ, ଏହାହିଁ ସରଳତା, ପ୍ରକୃତରେ ସରଳତା ହିଁ ଚତୁରତାର ଚାବିକାଠି । ଏହି ସରଳ ମାର୍ଗରେ ଯିବାପାଇଁ ଆମକୁ ସତର୍କତାର କୌଶଳ ତାକୁ ଅବଲମ୍ବନ କରିବାକୁ ପଡିଥାଏ । ଭାଗବତରେ ଅଛି ସରଳ ମନେ କଲେ ଧ୍ୟାନ ନିଶ୍ଚେ ଭେଟିବେ ଭଗବାନ । ହରି ଓଁ ।

#### ସ୍ୱୀକୃତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ସାଧନାର ଶୀର୍ଷରେ ପହଞ୍ଚିଲେ ଯାଇ ଈଶ୍ୱରଙ୍କର ସ୍ୱୀକୃତି ପ୍ରାପ୍ତ ହୋଇଥାଏ । ଯେ ପର୍ଯ୍ୟନ୍ତ ସେଠାରୁ ସ୍ୱୀକୃତି ପ୍ରାପ୍ତ ନହୋଇଛି ସେ ପର୍ଯ୍ୟନ୍ତ ସାଧନା ସ୍ତରକୁ ପ୍ରତି ମୁହୂର୍ତ୍ତରେ ସମୀକ୍ଷା କରା ସନ୍ଦେହ ମନକୁ ପରିମାର୍ଜିତ କରି ମନକୁ ସରଳିକୃତ କରିଚାଲ, ଭକ୍ତି, ପ୍ରେମ, ଶ୍ରଦ୍ଧା, ସେବା ଉପରେ ନିୟନ୍ତ୍ରଣ ରଖ, ପ୍ରକୃତ ତୁମେ ସଚ୍ଚା ସେବକ ହେଲେବି ସେଥିପ୍ରତି ଧ୍ୟାନ ଦିଅ । ଅନ୍ତର ବାହାରର ଧ୍ୟାନକୁ କେନ୍ଦ୍ରୀଭୂତ କର । ଅଧର୍ଯ୍ୟତାକୁ ଧ୍ୟାନ ଦିଅ ନାହିଁ । ଧୈର୍ଯ୍ୟର ଲଗାମ ଧର । ସମୟ ଭିତରେ ଶକ୍ତିର ପରାକାଷ୍ଠା ନିଦର୍ଶନ କର । ସମୟ ବା ମୁହୂର୍ତ୍ତକୁ ଯିଏ ଜୟକରେ ସେହିଁ କାଳଜୟୀ ଭକ୍ତ । ସେହିଁ ପ୍ରକୃତରେ ଈଶ୍ୱରଙ୍କର ଦିବ୍ୟ ବିଭୂତି ରୂପକ ସ୍ୱୀକୃତି ପ୍ରାପ୍ତ ହୋଇଥାଏ । ଅନ୍ୟଥା ବୃଥା । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ସେଇ ଈଶ୍ୱର କ୍ଷେତ୍ରଜ୍ଞ୍ୟ ରୂପରେ ବସିଛନ୍ତି ତେଣୁ କ୍ଷେତ୍ରକୁ ଭୁଲିଯାଅନାହିଁ । କ୍ଷେତ୍ରର ମର୍ଯ୍ୟଦାକୁ ଅକ୍ଷୁର୍ଣ୍ଣ ରଖିବା ହିଁ ଶିଷ୍ୟର ଗୁରୁ ଦାୟିତ୍ୱ । (କ୍ରମଶଃ...)

# ବିବାହ କାନ୍ଦଣା ଥିଲା ନାରୀ ସଶକ୍ତିକରଣର ସ୍ୱର



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର, ଖୋର୍ଦ୍ଧା
ମୋ-୮୮୯୫୧୯୦୪୭୫

ନାରୀକୈନ୍ଦ୍ରିକ ଲୋକଗୀତ ଯଥା-ରଜଦୋଳି, କୁମାର ପୂର୍ଣ୍ଣିମାର ଫୁଲ ବଉଳବେଣୀ, ରସର୍କେଲି, ହୁମାବଉଳି ପ୍ରଭୃତିର ଲାଳିତ୍ୟ, ମାଧୁର୍ଯ୍ୟ ଓ ଆବେଦନ ଅତ୍ୟନ୍ତ ରସସିକ୍ତ, ହୃଦୟସ୍ପର୍ଶୀ, ମନୋଜ୍ଞ ଓ ପ୍ରେରଣାଦାୟୀ ଏହି ଲୋକଗୀତ ମାନଙ୍କରେ ସାମାଜିକ ଅବସ୍ଥା ଓ ବ୍ୟବସ୍ଥା ପ୍ରତିଫଳିତ ହେବା ସହିତ ନାରୀ ଅସ୍ମିତାର ସ୍ୱର ଅଧିକ ବାରି ହୋଇ ପଡୁଥାଏ । ତତ୍କାଳୀନ ସମୟରେ ନାରୀ ସମସ୍ୟା ଓ ତାର ସମାଧାନ ପାଇଁ ସେଭଳି କୌଣସି ନିର୍ଭର ଯୋଗ୍ୟ ସଂସ୍ଥା, ଅନୁଷ୍ଠାନ ବା ସଂଗଠନ ନଥିଲା, ନାରୀ ସମସ୍ୟାର ସ୍ୱର ଓ ଅନ୍ୟାୟର ପ୍ରତିବାଦ କରିବାର ଏକମାତ୍ର ପ୍ରଭାବଶାଳୀ ମାଧ୍ୟମ ଥିଲା ଲୋକଗୀତ । ବର୍ତ୍ତମାନର କୌଣସି ନାରୀ ଭିତ୍ତିକ ସମସ୍ୟାକୁ ତତ୍କ୍ଷଣାତ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମ ଲୋକ ଲୋଚନକୁ ଆଣୁଛନ୍ତି । ବହୁ ଦଶନ୍ଧି ପୂର୍ବେ ନାରୀମାନେ ଲୋକଗୀତ ମାଧ୍ୟମରେ ନିଜର ମାଧ୍ୟମ ସୃଷ୍ଟି କରିଥିଲେ । ବହୁବିବାହ, ବାଲ୍ୟବିବାହ, କନ୍ୟାଭ୍ରୁଣ ହତ୍ୟା, ଯୌତୁକ ବ୍ୟବସ୍ଥା, ସତୀଦାହପ୍ରଥା, ସାମାଜିକ ଭେଦଭାବ ପ୍ରଭୃତି ନାରୀକୈନ୍ଦ୍ରିକ କଳୁଷିତ, କଳଙ୍କିତ ଓ ଅମାନବୀୟ ପ୍ରଥା ଆମ ସମାଜକୁ ସଭ୍ୟଜଗତରେ ନିନ୍ଦିତ କରୁଥିଲା । ଏସବୁ କୁପ୍ରଥା ବିରୁଦ୍ଧରେ ନାରୀମାନେ ଲୋକଗୀତ ମାଧ୍ୟମରେ କେତେକ ସ୍ଥାନରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଥିଲେ । ନାରୀ ସ୍ୱାଧୀନତା ଓ ସଶକ୍ତକରଣର ବାର୍ତ୍ତା ଲୋକଗୀତ ମାଧ୍ୟମରେ ପ୍ରତିଧ୍ୱନିତ ହୁଏ। ବିବାହ କାନ୍ଦଣା ଏକ ପାରମ୍ପରିକ ବଳିଷ୍ଠ ଲୋକଗୀତ । ଆମ କଥାରେ ଅଛି ଝିଅ ଜନମ ପରଘରକୁ । ଝିଅ ବିବାହ ବନ୍ଧନରେ ଆବଦ୍ଧ ହେଲେ ପର ଘରକୁ ଯାଏ । ବାପଘର ଛାଡି ଶଶୁର ଘରକୁ ଯିବା ବେଳେ ଝିଅ ସ୍ୱତଃ ପ୍ରବୃତ୍ତ ଭାବରେ ନିଜର ଦୁଃଖକୁ କାନ୍ଦଣା ମାଧ୍ୟମରେ ପ୍ରକାଶ କରିଥାଏ । ବାପଘର ସହିତ ଦୀର୍ଘ ଦିନର ସମ୍ପର୍କରେ କିଛିଟା ପରିବର୍ତ୍ତନ ହେଉଥିବାରୁ ଝିଅ କାନ୍ଦଣା ମାଧ୍ୟମରେ ମନର ଦୁଃଖକୁ ପ୍ରକାଶ କରିଥାଏ । ଶଶୁର ଘର ନୂତନ ସ୍ଥାନ, ପରିବେଶ, ଜୀବନଶୈଳିର ନୂତନତା, ଅପରିଚିତ ସଂପର୍କୀୟ ଏ ସମସ୍ତ ଅଜଣା ଆଶଂକାକୁ କେନ୍ଦ୍ରକରି ଝିଅ କାନ୍ଦଣା ମାଧ୍ୟମରେ ଦୁଃଖ ପ୍ରକାଶ କରେ । କାନ୍ଦଣା ଆମ ଓଡିଆ ପରମ୍ପରା ସହିତ ଜଡିତ । ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁ ସମୟରେ କାନ୍ଦଣା ଓ ଝିଅ ଶାଶୁଘରକୁ ଯିବା ସମୟରେ କାନ୍ଦଣା ଏହି ଦୁଇଟି ମଧ୍ୟରେ ଥାଏ ଗୋଟିଏ ଉଦ୍ଦେଶ୍ୟ ସମାଜ କିମ୍ବା ପରିବାରର ଦୃଷ୍ଟି ଆକର୍ଷଣ କରିବା । ସହାନୁଭୂତି ନିଜ ଆଡକୁ ଆକର୍ଷିତ କରିବାରେ କାନ୍ଦଣା ଏକ କଳା ଅଟେ । କାନ୍ଦଣା ମାଧ୍ୟମରେ ନିଜର ସ୍ୱାର୍ଥ ହାସଲ କରାଯାଇପାରେ । କାନ୍ଦଣା ଦ୍ୱାରା ଅନ୍ୟର ସହାନୁଭୂତି ଓ ସମର୍ଥନ ମିଳିଥାଏ । ଏକ ସମର୍ପଣ ଭାବର ପ୍ରତୀକ କାନ୍ଦଣା । ବିଶେଷ କରି ଓଡିଆ ଜନ ଜୀବନରେ କାନ୍ଦଣାର ଯଥେଷ୍ଟ ପ୍ରଭାବ ରହିଛି। କୁହନ୍ତି ଦୁର୍ବଳା, ଅବଳା ନାରୀମାନଙ୍କର କାନ୍ଦଣା ଏକ ପ୍ରତିବାଦର ମାଧ୍ୟମ ରୂପେ କାର୍ଯ୍ୟ କରେ। ଦୁଃଖ ଓ ସୁଖ ପ୍ରକାଶର ଏକ ମାଧ୍ୟମ କାନ୍ଦଣା । ଓଡିଆ ଜଗତମାଳିରେ କାନ୍ଦଣାର କଥା ମଧ୍ୟ ଉଲ୍ଲେଖ ଅଛି । କୁମ୍ଭୀର କାନ୍ଦଣା, ଛଳନା ବା ଅବିଶ୍ୱାସ ଅର୍ଥରେ ବ୍ୟବହାର କରାଯାଏ । କାନ୍ଦୁଥା ଯାହା ପାଉଛୁ ବାନ୍ଧୁଥା । ସଂପୂର୍ଣ୍ଣ ନହେଲେ ମଧ୍ୟ କିଛି ସୁବିଧା ପାଇବାର ଅର୍ଥରେ ଢଗ ବ୍ୟବହାର କରାଯାଏ । ଛଳନା କରିବାର ଅର୍ଥରେ ମଧ୍ୟ ଆଖିରେ ଲୁହ ନାହିଁ କାନ୍ଦୁଛି କାହାପାଇଁ ବ୍ୟବହାର କରାଯାଏ । ବିବାହ କାନ୍ଦଣାର ପରିଚୟ ଭିନ୍ନ । ଏଥିରେ ଥାଏ ଆନନ୍ଦ, ବେଦନା, ଅଭିମାନ, ଅନୁରାଗ ପ୍ରଭୃତି ଭାବର ପରିପ୍ରକାଶ । ବିବାହ କାନ୍ଦଣା ଥିଲା ତତ୍କାଳୀନ ସମୟ ପାଇଁ ନାରୀ ଅସ୍ମିତାର ଏକ ମାଧ୍ୟମ। ବିବାହ କାନ୍ଦଣାରେ ବହୁ ସାମାଜିକ ବିଧି-ବିଧାନ, ବ୍ୟବସ୍ଥା, ରୀତି-ନୀତି ଲୁଚି ରହିଥାଏ । ବର୍ତ୍ତମାନ ସମୟରେ ଝିଅ ବିଦା ବେଳେ ସଂପୂର୍ଣ୍ଣ ବନ୍ଦ ହୋଇଗଲାଣି କାନ୍ଦଣା । ଏହା ବର୍ତ୍ତମାନ ବିଭିନ୍ନ ନାଟକ, ଚଳଚ୍ଚିତ୍ର ଓ ବିଭିନ୍ନ ସାଂସ୍କୃତିକ ଅଭିନୟ ମାଧ୍ୟମରେ ଦେଖିବାକୁ ମିଳୁଛି । ସେ ସମୟରେ ବିବାହ ପ୍ରସ୍ତାବ ସ୍ଥିର ହୋଇଯିବାପରେ ଝିଅର କାନ୍ଦଣା ପ୍ରକ୍ରିୟା ଆରମ୍ଭ ହୁଏ । ସେଥିପାଇଁ ଝିଅଟି କାନ୍ଦଣା ଶିଖିବା ଆରମ୍ଭ କରେ । ଗ୍ରାମର ବୟସ୍କା ଜେଜିମା, ଆଇମା, ଭାଉଜ ପ୍ରଭୃତିଙ୍କ ନିକଟରୁ ଝିଅ ବିବାହ କାନ୍ଦଣା ଶିକ୍ଷା କରୁଥିଲା । ଶଶୀ ଦେଇ କାନ୍ଦଣା, ନାମକ ଏକ କ୍ଷୁଦ୍ର ପୁସ୍ତକ ତତ୍କାଳୀନ ସମୟରେ ଉପଲବ୍ଧ ଥିଲା । ଏହାକୁ କ୍ରୟ କରି ବିବାହ କରିବାକୁ ଯାଉଥିବା ଝିଅମାନେ ଅଭ୍ୟାସ କରୁଥିବାର ଜଣାଯାଏ । କେତେକ କ୍ଷେତ୍ରରେ ଦେଖାଯାଏ ବିବାହ କାନ୍ଦଣାର ଅନେକ ପଦ କିଛି ଅଜଣା ବ୍ୟକ୍ତିଙ୍କ ଦ୍ୱାରା ରଚିତ । ସ୍ଥାନ, କାଳ, ପାତ୍ରକୁ ଲକ୍ଷ୍ୟ କରି ବିବାହ କାନ୍ଦଣାର ପଦମାନ ରଚିତ ହୋଇଥାଏ । ବିବାହ ସମୟରେ ଝିଅ ତାର ବାପା-ମାଆ, ଦାଦା-ଖୁଡି, ମାମୁଁ-ମାଇଁ, ଭାଇ-ଭାଉଜ ଓ ସାଙ୍ଗ-ସାଥୀ ପ୍ରଭୃତିଙ୍କ ଉଦ୍ଦେଶ୍ୟରେ ବାହୁନି କରି କାନ୍ଦିଥାଏ । ନିର୍ବନ୍ଧ, ତୋରାଣୀଖିଆ, ଜାଇବଡି ଅନୁକୂଳ, ବରଆଗମନ, ବିବାହବେଦି ଓ ବିଦା ବେଳେ ବିବାହର ଭିନ୍ନ-ଭିନ୍ନ କାର୍ଯ୍ୟକ୍ରମରେ କନ୍ୟା ସ୍ୱତନ୍ତ୍ର କାନ୍ଦଣାଗୀତ ବୋଲିଥାଏ । ତତ୍କାଳୀଣ ସମୟରେ ପ୍ରାୟତଃ ବାପା, ଦାଦା ଓ ଗୁରୁଜନମାନେ ପସନ୍ଦ କରିଥିବା ଯୁବକକୁ କନ୍ୟା ବିବାହ କରିଥାଏ। ଅନେକ କ୍ଷେତ୍ରରେ ଝିଅର ମତାମତ ନିଆଯାଇନଥାଏ। ତାର ଭାବନାକୁ ଯଥେଷ୍ଟ ସମ୍ମାନ ମିଳିନଥାଏ । ସେ ସମୟ ହିଁ ବାଧ୍ୟ କରିଥାଏ ସମସ୍ତଙ୍କ ନିଷ୍ପତ୍ତିକୁ ମାନି ନେବାକୁ । ବାପା-ମାଆଙ୍କୁ ଲକ୍ଷ୍ୟ କରି କାନ୍ଦଣା ମାଧ୍ୟମରେ ଝିଅ ତାମନର କଥା ପ୍ରକାଶ କରିଥାଏ।

ମଝି ଅଗଣାରେ ରାବଇ କାଉ
ମୋ ବାପା-ବୋଉ
ବୁଢା ବର କରି ସାଧିଲ ଦାଉ
ମୋ ବାପା-ବୋଉ ।

ଝିଅଟି ଯେଉଁ ଯୁବକକୁ ବିବାହ କରିବାକୁ ଯାଉଛି ଯଦି ତାର ବିଶେଷ ରୋଜଗାର ନଥିବ ତେବେ ସେ ମନର କଥାକୁ କାନ୍ଦଣା ମାଧ୍ୟମରେ ବ୍ୟକ୍ତ କରିଥାଏ ।

ସଜନା ଗଛରେ ବାରଟି ଛୁଇଁ
ମୋ ମାମୁଁ-ମାଇଁ
ବାରବୁଲାଟାକୁ କରିଲ ଜୋଇଁ
ମୋ ମାମୁଁ-ମାଇଁ

ସେ ସମୟରେ ଝିଅ ଜନମ ଏକ ବୋଝ ବୋଲି ସମାଜ ଭାବୁଥିଲା । ଝିଅକୁ ବିଭା ଦେଲା ପରେ ଆଶ୍ୱସ୍ତି ଅନୁଭବ କରୁଥିଲେ । ତେଣୁ କୁହାଯାଏ ଦେଲୁ ନାରୀ ହେଲୁ ପାରି ଏହି ମର୍ମରେ ଝିଅଟି ଶାଶୁ ଘରକୁ ଯିବାବେଳେ ତାର ଭାଇ-ଭାଉଜଙ୍କ ଉଦ୍ଦେଶ୍ୟରେ କାନ୍ଦଣା ଗୀତରେ କହିଥାଏ ।

ସରିଗଲା ମୋର ରଜ ମଉଜ
ମୋ ଭାଇ-ଭାଉଜ
ତମକୁ ଏଥର ହୋଇଲା ସଜ
ମୋ ଭାଇ-ଭାଉଜ ।

ଯୌତୁକପ୍ରଥା ସର୍ବକାଳୀନ ଏକ କଳଙ୍କିତ ବ୍ୟବସ୍ଥା ଦାବୀ ମୁତାବକ ଯୌତୁକ ଦେଇ ନପାରିଲେ ପ୍ରସ୍ତାବ ଭାଙ୍ଗିଯାଏ କିମ୍ବା ଶାଶୁଘରେ ଝିଅ ଅନେକ ନିର୍ଯାତନାର ଶିକାର ହୁଏ । ଏ ପ୍ରସଙ୍ଗରେ ଝିଅ ବିବାହ କାନ୍ଦଣା ମାଧ୍ୟମରେ ନିରବ ପ୍ରତିବାଦ କରିଥାଏ। ତେଣୁ କାନ୍ଦଣାରେ ଉଲ୍ଲେଖ ଅଛି-

ସଙ୍ଗାରୁ ଖସିଲା ଲୁହା ଲଙ୍ଗଳ
ବେଦିରେ ବସିଛି ଟଙ୍କା କାଙ୍ଗାଳ
ମୁଣ୍ଡିଆ ଉପରେ କଷି କାଙ୍କଡ
ବେଦିରେ ବସିଛି ହନୁ ମାଙ୍କଡ ।

ଝିଅ ମନପସନ୍ଦର ବର ନପାଇଲେ ସେ ତାର ମନର କଥାକୁ କାନ୍ଦଣା ମାଧ୍ୟମରେ ପ୍ରକାଶ କରିଥାଏ । କାନ୍ଦଣା ଥିଲା ସେ ସମୟର ଏକ ବଳିଷ୍ଠ ମାଧ୍ୟମ ଯାହା ଝିଅମାନେ ନିଜ ମନର ଭାବନାକୁ ପ୍ରକାଶ କରିବାରେ ସମର୍ଥ ହୋଇଥାନ୍ତି । ତେଣୁ ଏ କ୍ଷେତ୍ରରେ ଉଲ୍ଲେଖ ଅଛି-

ବାରିଆଡେ ବାରି କଦଳୀପୁଆ
ମୋ ଜେଜ-ମାଆ
ତମେ ଜୁଆଁଇ କରିଲ କାଳିଆ ଭୁଆ
ମୋ ଜେଜ-ମାଆ

ଝିଅ ନିଜ ମନର କଥାକୁ ବିଭାଘର ସମୟରେ କାନ୍ଦଣା ଦ୍ୱାରା ଦାଦା-ଖୁଡିଙ୍କୁ ଜଣାଇଥାଏ । ତେଣୁ ଏ ପ୍ରସଙ୍ଗରେ ବର୍ଣ୍ଣନା ଅଛି-

ପିଚୁ ସଡକରେ ନାଲିଆଗୋଡି
ମୋ ଦାଦା-ଖୁଡି
ଜୁଆଁଇ ବିକୁଚି ସୁନୁପାମ୍ପଡି
ମୋ ଦାଦା-ଖୁଡି ।

ଝିଅ ଶାଶୁଘରକୁ ଯିବା ସମୟରେ ତାର ସାଙ୍ଗ-ସାଥୀମାନଙ୍କ ସହିତ ଅତିବାହିତ କରଥିବା ମଧୁର ମୁହୂର୍ତ୍ତକୁ ମନେପକାଇଥାଏ । ସେମାନଙ୍କ ଉଦ୍ଦେଶ୍ୟରେ ନିଜର ଭାବନା ବ୍ୟକ୍ତ କରିଥାଏ କାନ୍ଦଣା ମାଧ୍ୟମରେ-

ଜହ୍ନିଓଷା ଖୁଦୁରୁକୁଣୀ
ମୋ ସାଙ୍ଗ ଭଉଣୀ
ଭୁଲିଯିବନାହିଁ ମୁଁ ତ ସ୍ନେହରକୁଣୀ
ମୋ ସାଙ୍ଗ ଭଉଣୀ

ବିବାହ କାନ୍ଦଣା ଥିଲା ନାରୀ ସମାଜର ଅବ୍ୟର୍ଥ ଅସ୍ତ୍ର । ଯାହା ମାଧ୍ୟମରେ ନିଜର ଇଚ୍ଛା ଅନେକାଂଶରେ ପୁରଣ କରିପାରୁନଥିଲେ। ସୁସ୍ଥ ମନ ଓ ଶରୀର ଗଠନରେ ଏହା ସାହାଯ୍ୟ କରୁଥିଲା । ଅତ୍ୟାଧୁନିକ ଯୁଗରେ ଏହି ପ୍ରଥା ବନ୍ଦ ହୋଇଯାଇଛି ।

# ଗୋସୁରକ୍ଷାରେ ଆମେ କେତେ ଯତ୍ନବାନ ?



ଡ଼. ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗ ମୁଖ୍ୟ
ବି ଏନ୍ ଏମ ଏ ମହାବିଦ୍ୟାଳୟ,
ଭଦ୍ରକ,
ମୋ ୮୮୯୫୩୪୧୦୩୩

ଦେବତା ଏବଂ ଅସୁରମାନଙ୍କ ମଧ୍ୟରେ କଳହର ପରିସମାପ୍ତି ପାଇଁ ବାସୁଦେବଙ୍କ ସମାଧାନର ଶେଷ ପନ୍ଥାଭାବେ ସମୁଦ୍ର ମନ୍ଥନ ପ୍ରସ୍ତାବକୁ ଦାନବଗଣ ସ୍ୱୀକାର କରିବା ସହ ସମୁଦ୍ର ମନ୍ଥନରେ ଲାଗି ପଡ଼ିଲେ। ସମୁଦ୍ର ଗର୍ଭରୁ ଅନେକ ମୂଲ୍ୟବାନ ଦ୍ରବ୍ୟର ଉତ୍ପତ୍ତି ମଧ୍ୟରୁ ଲକ୍ଷ୍ମୀ ଓ କାମଧେନୁ ଥିଲେ ଅନ୍ୟତମ। ଲକ୍ଷ୍ମୀ ଧନଧାନ୍ୟର ପ୍ରତୀକ ଏବଂ କାମଧେନୁ ଗୋଜାତିର ପ୍ରଥମ ଏବଂ ଗୋମାତା ଭାବରେ ପୁରାଣରେ ବର୍ଣ୍ଣିତ। ହିନ୍ଦୁ ଧର୍ମରେ ବିଶ୍ୱାସ କରାଯାଏ ଗୋମାତା ମଧ୍ୟରେ ତେତିଶ କୋଟି ଦେବାଦେବୀ ବସବାସ କରନ୍ତି। ସେଥିପାଇଁ ଗୋବଂଶକୁ ହିନ୍ଦୁ ଧର୍ମରେ ଧାର୍ମିକ ମାନ୍ୟତା ଅନୁସାରେ ତାର ପୂଜାଅର୍ଚ୍ଚନା ଓ ସୁରକ୍ଷା ପାଇଁ ତାକୁ ଘରେଘରେ ପାଳନ କରାଯାଇଥାଏ। ଗୋବଂଶକୁ ମାତା କହିବା ପଛରେ ଏକ ବଡ଼ କାରଣ ହେଉଛି ପ୍ରତ୍ୟେକ ମାଆ ନିଜ ପିଲାଙ୍କୁ ବଞ୍ଚେଇବା ପାଇଁ ଯେମିତି ନିଜର ଦୁଗ୍ଧ ପାନ କରାଇଥାଏ ଠିକ୍ ସେମିତି ମାନବ ସମାଜକୁ ସୁସ୍ଥ ରୋଗମୁକ୍ତ ରଖିବା ନିମନ୍ତେ ଗୋବଂଶ ନିଜର ଅମୃତ ତୂଲ୍ୟ ଦୁଗ୍ଧ ଦାନ କରି ମାତୃତ୍ୱର ଦାୟିତ୍ୱ ସମ୍ପନ୍ନ କରିଥିବାରୁ ସେ ହିନ୍ଦୁ ସନତାନୀଙ୍କ ପାଇଁ ଗୋମାତାର ପରିଚୟ ପ୍ରଦାନ କରେ। ଭାରତର ଥିବା ରାଜ୍ୟରେ ଭିନ୍ନ ଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ ଗୋପାଳନ ଓ ତାର ସୁରକ୍ଷା ପାଇଁ ଉଦ୍ୟମ କରୁଛନ୍ତି। ଗୋସୁରକ୍ଷା କ୍ଷେତ୍ରରେ ଗୋପାଳକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତ ବର୍ଷରେ ଗୋବଂଶକୁ ଯେଉଁଭଳି ଅବହେଳା କରାଯାଉଛି ତାର ଅନେକ ଦୃଷ୍ଟାନ୍ତ ଆମ ଚତୁପାର୍ଶ୍ୱରେ ଦେଖିବାକୁ ମିଳୁଛି। ଯେଉଁଠି ସାଧାରଣ ମଣିଷ ନିଜର ଯତ୍ନ ଠିକ୍ ସେ ନେଇ ପାରୁନି ସେ ପଶୁପକ୍ଷୀଙ୍କ ଯତ୍ନ କଣ ନେବ? ସାର୍ଥବାଦୀ ମଣିଷ କେବଳ ନିଜ ସ୍ୱାର୍ଥପାଇଁ ସବୁକିଛି କରେ। ସ୍ୱାର୍ଥ ହାସଲ ଯେପର୍ଯ୍ୟନ୍ତ ଚାଲିଛି ସେପର୍ଯ୍ୟନ୍ତ ସମସ୍ତଙ୍କର ସମ୍ପୂର୍ଣ୍ଣ ସୁରକ୍ଷା ଓ ଯତ୍ନ କରାଯାଏ। ଦେଶରେ ଗୋହତ୍ୟା, ଗୋଚାଲାଣ, ଗୋତସକରି ପରି ଅନେକ ଘଟଣା ଘଟୁଛି କିନ୍ତୁ ତାର କୌଣସି ସ୍ଥାୟୀ ସମାଧାନ ହୋଇପାରୁନାହିଁ। ଯେଉଁ ହିନ୍ଦୁ ସଂଗଠନ ଓ ସମାଜ ଗୋହତ୍ୟାକୁ ପ୍ରତିବନ୍ଧିତ କରିବାକୁ ପ୍ରୟାସ କରୁଛନ୍ତି, ସେମାନେ ପ୍ରଥମେ ନିଜ ଗାଇଗୋରୁ ଓ ଗୁହାଳକୁ ସୁରକ୍ଷିତ ରଖନ୍ତୁ। ଯେଉଁ ଗୋବଂଶକୁ ମାତା କହି ତାର ଅମୃତ ତୂଲ୍ୟ ଦୁଗ୍ଧ ପାନ କରେ ସେ ଗୋମାତା ପ୍ରତି କେତେ ଆତ୍ମୀୟତା ସୃଷ୍ଟି କରେ ତାହା ଗାଁରୁ ସହର ତଥା ମହାନଗର ପର୍ଯ୍ୟନ୍ତ ସ୍ପଷ୍ଟ ଦେଖାଯାଉଛି। ପଂଚାୟତ ସଡ଼କରୁ ଜାତୀୟ ରାଜପଥ.. ସବୁଠି ମାଳମାଳ ଗାଇଗୋରୁଙ୍କ ମନଇଚ୍ଛା ଚଳପ୍ରଚଳରେ ଆମ ସଡ଼କ ପଥରେ ଯାତାୟତ ତଥା ପରିବହନ କେତେ ବାଧାପ୍ରାପ୍ତ ହେଉଛି, କେତେ ଦୁର୍ଘଟଣା ଘଟିଛି ତାର ହିସାବ କିଏ ରଖୁଛି ? ଗୋମାତାର ସୁରକ୍ଷା ଆମ ସଭିଙ୍କର ଲକ୍ଷ୍ୟ ହେବା ଉଚିତ୍। ଗୋହତ୍ୟା ନିଷେଧ ସହ ଗୋରୁ ଚୋରିଚାଲାଣ କିପରି ରୋକାଯିବ ସେଥିପାଇଁ ରାଜନୈତିକ ଦଳ ତଥା ହିନ୍ଦୁ ସଂଗଠନ ପକ୍ଷରୁ ଏକତରଫା ମୁସଲିମ ଓ ଇଶାହୀ ଧର୍ମରବ୍ୟକ୍ତିମାନଙ୍କୁ ଦୋଷୀ କରିବା ସମ୍ପୂର୍ଣ୍ଣ ଭୁଲ୍। ଗାଇ ହତ୍ୟା କରୁଥିବା ବ୍ୟକ୍ତି ଜଣକ ଯେତିକି ଦୋଷୀ ନୁହେଁ ବରଂ ଗୋପାଳନ କରୁଥିବା ଲୋକଟି ସମ୍ପୂର୍ଣ୍ଣ ଦୋଷୀ। କିଛି ଗୋପାଳକ ଚିନ୍ତାମୁକ୍ତ ହୋଇ ଗାଈ ଛେଳି ମେଣ୍ଢାକୁ ନିର୍ବିଘ୍ନରେ ଖୋଲାମେଲାରେ ଛାଡ଼ି ଘୁଙ୍ଗୁଡ଼ି ମାରୁଛନ୍ତି ତାହା ଗୋ ସୁରକ୍ଷାକୁ ନେଇ ଅନେକ ସନ୍ଦେହ ସୃଷ୍ଟି କରେ।

ଦିନଥିଲା ଘରେ ଘରେ ଗାଈ ବଳଦ ରଖି ନିଜର ଏକ ହିନ୍ଦୁଭାବେ ସ୍ୱତନ୍ତ୍ର ପରିଚୟ ଦେଉଥିଲା। କାରଣ ଶ୍ରୀକୃଷ୍ଣ ନିଜେ ଗୋରକ୍ଷକ ଭାବରେ ଗାଈ ଚାରାଉଥିଲେ। ଯୌଥ ପରିବାରରେ ଏକ ସାଥିରେ ବସବାସ କରୁଥିବା ଲୋକମାନେ ଚାଷ ଜମିରେ ଚାଷ କରିବା ପାଇଁ ଘରେ ଘରେ ହଳେ ଦି ହଳ ବଳଦ ବାନ୍ଧୁଥିଲେ। କାରଣ ହଳ ଲଙ୍ଗଳରେ ସମ୍ପର୍ଣ୍ଣ ହେଉଥିବା ଚାଷ, ବଳଦ ବିନା ଅସମ୍ପୂର୍ଣ୍ଣ। ଠିକ୍ ସେମିତି ଗାଈର ମଳମୂତ୍ର କୃଷିକାର୍ଯ୍ୟ ତଥା ଜାଳେଣୀ କ୍ଷେତ୍ରରେ ଅନେକ ସହାୟ ହୁଏ। କଥାରେ ଅଛି ଚାଷ ଅଛି ଯାହାର କେତେ ସୁଖ ତାହାର। କୃଷି ଓ କୃଷକ ଦେଶର ପ୍ରଗତିରେ ଭାଗୀଦାର। ପାରମ୍ପରିକ କୃଷି ଉତ୍ପାଦନ କ୍ଷେତ୍ରରେ ଉଭୟ ବଳଦ ଓ ଗାଈର ଯୋଗଦାନ ସଭ୍ୟତାର ଆରମ୍ଭରୁ ରହିଛି। ବୈଷୟିକ ଜ୍ଞାନକୌଶଳର ବିକାଶ ଓ ପ୍ରୟୋଗଦ୍ୱାରା କୃଷୀ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଲା। ସବୁ ଆଡେ ପ୍ରଚାର ପ୍ରସାର ହେଲା; କଳୁ ଲଙ୍ଗଲେ କରିଲେ ଚାଷ ରହିବ ନାହିଁ ବାଲୁଙ୍ଗା ଘାସ। କୃଷିରେ ଉନ୍ନତି ଅଧିକ ଉତ୍ପାଦନକୁ ଆଖିରେ ରଖି ହଳପାଇଁ ଟ୍ରାକ୍ଟରକୁ ବହୁମାତ୍ରାରେ ବ୍ୟବହାର କରାଗଲା। ଧିରେଧିରେ ଗାଈ ପୁଅ ବଳଦ ହେଲା ଅଲୋଡ଼ା। ଯେଉଁ ଅଣ୍ଡିରା ବାଛୁରୀକୁ ଯତ୍ନକରି ବଳଦର ଆକାର ଦିଆଯାଉଥିଲା ତାହା ଏବେ କ୍ଷୀର ଛାଡୁଛାଡୁ ବିକ୍ରି ହେଉଛି ଗୋମାଂସ ପାଇଁ। ନା ଲଙ୍ଗଳ, ନା ଜୁଆଳି, ନା ମଇ ଅଛି ନା ହଳୁଆ ପାଞ୍ଚଣ ଅଛି। ଧାନ, ବିରି ଓ ମୁଗ ବେଙ୍ଗଳାପାଇଁ ଗାଁର ପ୍ରତ୍ୟେକ ଗୁହାଳୁ ବଳଦ ଆଣି ମେରୁ ଖୁଣ୍ଟରେ ବାନ୍ଧି ବେଙ୍ଗଳା ପକାଇବା ଅନେକ ଦିନ ହେବ ଲୋପ ପାଇଲାଣି । ବଳଦ ଦ୍ୱାରା ଧାନ, ବିରି ମୁଗ ବୁହା ମୁଁ ଦେଖିଛି। ଆଜି ବଳଦର ଅନାବଶ୍ୟକ ପାଇଁ ବଳଦ ପରିବର୍ତ୍ତେ ଶେଣ୍ଢ ବେଶୀ ଦେଖିବାକୁ ମିଳୁଛି। କ୍ଷୀର ପାଇଁ ଦୋଳଗାଇକୁ ଘରେ ବନ୍ଧାଛନ୍ତି। ଗାଈ କ୍ଷୀର ଦେବା ବନ୍ଦକଲେ କିମ୍ବା ବୁଢ଼ୀ ହୋଇଗଲେ ସେ ପୁଣି ପଠାଣଙ୍କ ହାତରେ ଅଳ୍ପ ଟଙ୍କାରେ ବିକ୍ରି କରିବା ଅତ୍ୟନ୍ତ ଦୁଃଖଦ ଘଟଣା। କିଛି ବଡ଼ଚାଷୀ ଶେଣ୍ଢଙ୍କ ଉପଦ୍ରବରୁ ରକ୍ଷାପାଇବା ପାଇଁ ସେଣ୍ଢକୁ ଏକତ୍ର କରି ବାହାର ରାଜ୍ୟକୁ ଗାଡିକରି ଚାଲାଣ ମଧ୍ୟ କରୁଛନ୍ତି। ଅଧିକ କ୍ଷୀର ନିଶାରେ ଦେଶୀଗାଇକୁ କିଏ ପଚାରେ ବରଂ ଜର୍ସି ଗାଈ ପାଳିବାକୁ ଅଧିକ ଯତ୍ନବାନ। ସହରର ଗାଇଗୋରୁଙ୍କୁ ଖୋଲାମେଲାରେ ଛାଡ଼ିବା ଗୋପାଳକଙ୍କ ଏକ ବେପରୁଆ ମନୋଭାବ। ଏବେ ଗାଇଗୋରୁ ଘାସକୁଟା ଅପେକ୍ଷା ଜରି,ପଲିଥିନ, କନାକାଗଜ ଖାଇବାରେ ବ୍ୟସ୍ତ। ବୁଲା କୁକୁରଙ୍କ ପରି ଏବେ ରାସ୍ତାଘାଟ ସାହି ଗଳିରେ ମାଳମାଳ ଗାଇଗୋରୁଙ୍କ ଚଳପ୍ରଚଳ ରାସ୍ତାରେ ଯାତାୟତରେ ଅନେକ ବାଧା ସୃଷ୍ଟି କରେ। ଅନେକ ସମୟରେ ଗୋରୁପଲ ରାସ୍ତାରେ ନିଜର ଆସର ଜମେଇଥାନ୍ତି। ଦ୍ରୁତ ବେଗରେ ଆସୁଥିବା ଯାତ୍ରୀ ଦୁର୍ଘଟଣା ଗ୍ରସ୍ତ ସହ ଜୀବନହାନୀ ହେବା ସ୍ୱାଭାବିକ। ହାଲୁକା ଏବଂ ମାଲବାହୀ ଚାରିଚକିଆ ଯାନବାହାନ ଯାତାୟତ ସମୟରେ ଅନେକ ସମୟରେ ଗୋରୁଗାଈ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଯଦି ଅନାଥ ଗାଈଗୋରୁଙ୍କ ଥଇଥାନ ପାଇଁ ସରକାର ଗୋଶାଳା ନିର୍ମାଣ କରି ତାର ପ୍ରଚାର ପ୍ରସାର କରୁଛନ୍ତି, ତେବେ ଗାଇଗୋରୁ ରାସ୍ତାଘାଟରେ ବୁଲୁଛନ୍ତି କାହିଁକି ? ଏଇ ନିକଟରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ବୁଲା ଗୋରୁଗାଈଙ୍କ ସୁରକ୍ଷା ନିହାତି ଜରୁରୀ। ସରକାର ଗୋମାତାଙ୍କ ସୁରକ୍ଷାକୁ ନେଇ ସତରେ କଣ ଚିନ୍ତିତ? ଯଦି ଚିନ୍ତିତ ତାର ସୁରକ୍ଷାପାଇଁ ଦୃଢ଼ ଆଇନ୍ ପ୍ରଣୟନ କରିବା ଜରୁରୀ। ଗାଈକୁ ଗୃହ ପାଳିତ ନୁହେଁ ବରଂ ଜାତୀୟ ପଶୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଉ। ଦ୍ୱିତୀୟରେ ବାଘ ଗଣନା, କୁମ୍ଭୀର ଗଣନା ପରି ଗାଈର ଗଣନାକୁ ଗୁରୁତ୍ୱ ଦିଅନ୍ତୁ। ସରକାରବିଦେଶକୁ ଗୋମାଂସ ରପ୍ତାନୀକୁ ମଧ୍ୟ ବନ୍ଦ କରୁ। ସରକାରଙ୍କ ବିନା ଅନୁମତିରେ ବିକ୍ରୟ ନିଷେଧ କରାଯାଉ। ଦକ୍ଷିଣ ଭାରତର କେତେକ ରାଜ୍ୟରେ ପ୍ରମୁଖ ସହରରେ ଖୋଲାରେ ଗୋମାଂସ ବିକ୍ରୟ ଏକ ସାଧାରଣ କଥା। ମାତା ଶବ୍ଦର ଅର୍ଥ ବ୍ୟାପକ। ମା'ର ଦାନ ଓ ତ୍ୟାଗ ନିକଟରେ ସନ୍ତାନସନ୍ତତି ଚିରଋଣୀ। କିନ୍ତୁ କାହିଁକି କେଜାଣି ଅନେକ ସମୟରେ ସନ୍ତାନସନ୍ତତି ମାଠାରୁ ଦୂରେଇ ଯାଆନ୍ତି, ପୁଣି କେବେ ମା'କୁ ନିଜଠାରୁ ଦୂରେଇ ଦିଅନ୍ତି। ମଣିଷର ସ୍ୱଭାବର କେବେ ପରିବର୍ତ୍ତନ ହେବନାହି। ଯେଉଁଠି ମା ବୃଦ୍ଧା, ରୋଗାଗ୍ରସ୍ତ ହେଲେ ତାକୁ ଜରାଶ୍ରମରେ ଛାଡ଼ିଦେଇ ଆସନ୍ତି। ଜନ୍ମିତ ପୁଅମାନଙ୍କୁ ସମାନ ସ୍ନେହ ବାଣ୍ଟିଥିବା 'ମା'କୁ ବୃଦ୍ଧାବସ୍ଥାରେ ପୁଅମାନେ ପାଳିରେ ଭାଗବାଣ୍ଟ କରି ଖାଦ୍ୟ ଦିଅନ୍ତି ସେଠି ଗୋମାତାକୁ କିଏ ଧ୍ୟାନ ଦେଉଛି ?

# ଅସରପା



ମୃଣାଳ ମନ୍ତ୍ର
ମୃଣାଳ
ମୋ : ୯୧ ୯୪୩୭୦ ୨୬୧୯୪

ଭାରତର ସର୍ବୋଚ୍ଚ ବିଚାରାଳୟର ମୁଖ୍ୟ ବିଚାରପତିଙ୍କ 'ଅସରପା' ମନ୍ତବ୍ୟ ପରେ ସାମ୍ବାଦିକ, ସମାଜସେବୀ, ଉନ୍ନୟନକର୍ମୀ ଏବଂ ଆକଟିଭିଷ୍ଟମାନେ ପ୍ରବଳ ଖପ୍ପା ହୋଇଛନ୍ତି । ସେମାନେ ଏବେ 'କକ୍ରୋଚ ଜନତା ପାର୍ଟି' ନାଁରେ ଗୋଟେ ଅନ-ଲାଇନ ଦଳ ତିଆରି କରି ମାନନୀୟ ବିଚାରପତିଙ୍କ 'ଅସରପା' ମନ୍ତବ୍ୟ ବିରୋଧରେ ନାନା ଭାବରେ ପ୍ରତିବାଦ କରୁଛନ୍ତି। କିଏ ଗୀତ ଗାଇ ବିରୋଧ କଲାଣି ତ କିଏ ରିଲ ତିଆରି କରି। ଏ ଦଳର ଅନ-ଲାଇନ ଫଲୋଅର ସଂଖ୍ୟା କୁଆଡ଼େ ଦଶ ଲକ୍ଷ ଟପିଲାଣି । ଅନେକେ ଏହାକୁ ଭାରତୀୟ ଜେନ-ଜି (ଅର୍ଥାତ ତରୁଣ) ବିପ୍ଳବ ବୋଲି କହୁଛନ୍ତି। ମୁଖ୍ୟ ବିଚାରପତିଙ୍କ ଅବଶ୍ୟ ପରେ କହିଛନ୍ତି ଯେ, ମୁଁ ବେକାର ଯୁବକ ଯୁବତୀ, ସାମ୍ବାଦିକ, ଆକଟିଭିଷ୍ଟମାନଙ୍କୁ ଅସରପା, ପରଜୀବୀ ବୋଲି କହି ନାହିଁ, ମୁଁ କେବଳ ଜାଲି ଡିଗ୍ରୀଧାରୀ ଓକିଲମାନଙ୍କୁ କହିଛି, କିନ୍ତୁ ସେତେବେଳକୁ ନେର୍ଡ଼ି ଗୁଡ଼ କହୁଣିକୁ ଗଡି ସାରିଲାଣି ।

ଇଏ ତ ଯାହା ହେଲା ହେଲା, ମୁଖ୍ୟ ବିଚାରପତିଙ୍କ 'ଅସରପା' ମନ୍ତବ୍ୟ ପରେ ଅସଲ ଅସରପାମାନେ ବି ପ୍ରବଳ ରାଗିଛନ୍ତି । କାଲି ରାତିରେ ଆମ ରୋଷେଇଘରେ ଅସରପାମାନଙ୍କର ଗୋଟେ ମିଟିଂ ହୋଇଥିଲା । ସେଥିରେ ଜଣେ ବୁଢା ଅସରପା ଶୁଣ୍ଢ ଦୋହଲାଇ କହିଲା, ଆବେ ଆମେ ହେଲୁ ପୃଥିବୀର ସବୁଠାରୁ ପୁରୁଣା ଜୀବମାନଙ୍କ ଭିତରୁ ଗୋଟେ । ୧୨ରୁ ୧୪ କୋଟି ବର୍ଷ ଧରି ଆମେ ଏ ଗ୍ରହରେ ଅଛୁ । ଡାଇନୋସୋରଠୁ ବି ଆମେ ପୁରୁଣା । ତମେ ମଣିଷ - ହୋମୋ-ସାପିଏନସ - ମାତ୍ର ୩ ଲକ୍ଷ ବର୍ଷ ହେଲା ପୃଥିବୀକୁ ଆସିଛ - କାଲକା ଲଣ୍ଡି ଶିରମେ ଜଟା - ଆମକୁ ଯାଡୁସିଆଡୁ କହିବ ! ପୃଥିବୀର ସବୁଠୁ ଲୋଭୀ, ସବୁଠୁ ସ୍ୱାର୍ଥପର ଆଉ ସବୁଠାରୁ ଖତରନାକ ପ୍ରାଣୀ ହେଲ ତମେ । ଆଉ ଜଣେ ଅସରପା କହିଲା, ମଉସା ଏତେ ଉତ୍ତେଜିତ ହୁଅ ନାହିଁ । ଦେହପା ଖରାପ ହୋଇଯିବ । ଭାରତର ସର୍ବୋଚ୍ଚ ବିଚାରାଳୟର ମୁଖ୍ୟ ବିଚାରପତି ସେ । ଯାଇତାଇ ଲୋକ ନୁହେଁ। କିଛି ଗୋଟେ ଭାବି କି କହିଥିବେ।

ବୁଢା ଅସରପା କହିଲା, ସେଇଥିପାଇଁ ତ ବେଶୀ ରାଗ ଲାଗୁଛି । ଯାଇତାଇ ଲୋକ କହିଥିଲେ, ତାକୁ ଇଗନୋର କରି ହୋଇଥାନ୍ତା । ସର୍ବୋଚ୍ଚ ବିଚାରାଳୟର ମୁଖ୍ୟ ବିଚାରପତି ଭାବରେ ନିଜ କାମ କର । ବିଚାର ବ୍ୟବସ୍ଥାକୁ ସଜାଡ଼, ଲୋକଙ୍କୁ ଶୀଘ୍ର ନ୍ୟାୟ ଦିଅ । କୋର୍ଟରେ ଗୋଟେ କେସର ଫଇସଲା ହେବା ପାଇଁ ହାରାହାରି ୩ ରୁ ୫ ବର୍ଷ ଲାଗିଯାଉଛି । ପାଖାପାଖି ୨ ଲକ୍ଷ କେସ ପଡିଛି ଦେଶରେ - ୩୦ ବର୍ଷ ହେଲା ଫଇସଲା ହୋଇ ପାରୁନି । ଓ୍ୱାର୍ଲଡ ଜଷ୍ଟିସ ପ୍ରଜେକ୍ଟ ରୁଲ ଅଫ ଲ ଇଣ୍ଡେକ୍ସରେ ବିଶ୍ୱର ୧୪୩ ଦେଶ ଭିତରେ ଭାରତର ସ୍ଥାନ ୮୬ । ଦକ୍ଷିଣ ଏସିଆରେ ଆମ ସ୍ଥାନ ନେପାଳ ଆଉ ଶ୍ରୀଲଙ୍କା ପଛରେ । ବିଶ୍ୱ ସ୍ତରରେ ନ୍ୟାୟ ବ୍ୟବସ୍ଥାର ମାଙ୍କୁ ଦେଖିଲେ ୨୦୧୭ରୁ ଆମ ଦେଶର ଅବସ୍ଥା କ୍ରମଶଃ ଆହୁରି ଖରାପ ହୋଇ ଚାଲିଛି । ଏସବୁ ନ ଦେଖି, ଯେଉଁମାନେ ଏକଥାଗୁଡ଼ାକ ଜନ-ସମାଜରେ କହିଲେ, ତମକୁ ସମାଲୋଚନା କଲେ ତାଙ୍କୁ 'ଅସରପା', ପରଜୀବି ବୋଲି କହିବ ! ଏଟା ଭାରତ ଭଳିଆ ଦେଶ ଯେଉଁଠି କେଉଁ କାଳୁ ବିଧିବଦ୍ଧ ନ୍ୟାୟ ବ୍ୟବସ୍ଥା ଅଛି - ସେ ଦେଶର ମୁଖ୍ୟ ବିଚାରପତିଙ୍କୁ ସାଜୁଛି ! ଉପସ୍ଥିତ ଅସରପାମାନେ ଶୁଣ୍ଢ ହଲାଇ ସମସ୍ୱରରେ କହିଲେ, ଆଦୌ ସାଜୁନାହିଁ । ଆମେ ଏହାର ଦୃଢ଼ ପ୍ରତିବାଦ କରୁଛୁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ମୁର୍ଦ୍ଦାରର ପ୍ରେରଣା

ଡ.ଚନ୍ଦ୍ରକଳା ନାୟକ



ଓଡିଶାର ସବୁଠାରୁ ପୁରାତନ ଡାକ୍ତରୀ କଲେଜ ଏସ.ସି.ବି ରେ ପଢିବାର କଥା ହିଁ କିଛି ନିଆରା। ଭଲ ନମ୍ବର ନରଖିଲେ କଲେଜରେ ଭଲ ସିଟଟିଏ ସହଜରେ ମିଳିପାରେ ନାହିଁ। ବନ୍ଦିତା କଠୋର ପରିଶ୍ରମ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲା। ସର୍ବପୁରାତନ ଡାକ୍ତରୀ କଲେଜରେ ପଢିବାର ସୌଭାଗ୍ୟ ହାସଲ କରିଥିଲା। ଚାହୁଁ ଚାହୁଁ ଯା ଭିତରେ ୨ ବର୍ଷ ବିତିଗଲାଣି। ଡାକ୍ତରୀ ଛାତ୍ରୀ ଭାବେ ବନ୍ଦିତା ଯେତିକି ପରିଚିତ ନୁହେଁ, ତା ଠାରୁ ବେଶି ପରିଚତ ନିଜ ସୌନ୍ଦର୍ଯ୍ୟ ପାଇଁ। ବନ୍ଦିତାର ଶରୀର ଗୋଟିଏ ଚାଉଳରେ ଗଢା। ଚମ୍ପା ରଙ୍ଗର ଦେହ। ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବା କେଶ। ନଖରୁ ନାସିକା ଯାଏଁ କେଉଁଠି ବି ଟିକେ ବାରିବାର ନାହିଁ। ସମସ୍ତ ସୌନ୍ଦର୍ଯ୍ୟର ଅଧିକାରିଣୀ ବନ୍ଦିତା ମହାପାତ୍ର। ସେହି ଏକା ଶ୍ରେଣୀରେ ଆଲୋକ ମଧ୍ୟ ଏସ.ସି.ବିର ଡାକ୍ତରୀ ଛାତ୍ର। ସୁଦୂର କୋରାପୁଟର ଆଦିବାସୀ ଅଧୁଷିତ ଅଂଚଳରୁ ଆସି କଟକରେ ଡାକ୍ତରୀ ପାଠ ପଢିବାର ସୌଭାଗ୍ୟ ହାସଲ କରିଛି। ଭାରି ମେହେନତି, ପାଠ ପ୍ରତି ନିଷ୍ଠା, ଏକାଗ୍ରତା ଓ ଗଭୀର ଆତ୍ମ ବିଶ୍ୱାସର ଅଧିକାରୀ। ଆଲୋକର ଆଖିରେ ଆଜି ଲୁହ ଜକେଇ ଆସୁଥିଲା। କାଳେ କିଏ ଦେଖିଦେବ ବୋଲି ମୁହଁ ଲୁଚାଇ ରୁମାଲରେ ଲୁହକୁ ପୋଛି ପକାଉ ଥିଲା। ମନ ଭାରାକ୍ରାନ୍ତ ଏବଂ ଅବଶ ହେବାର ଏକମାତ୍ର କାରଣ ବର୍ଷ ସାରା ପରିଶ୍ରମ କରି ସେ ତା କ୍ଲାସରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ସାରା ବର୍ଷ ସମସ୍ତ ପରୀକ୍ଷାରେ ଆଲୋକ ପ୍ରଥମ ସ୍ଥାନ ହାସଲ କରୁଥିଲା। ବନ୍ଦିତା ମହାପାତ୍ର ଚତୁର୍ଥ ସ୍ଥାନରେ ରହେ। ସବୁ ପ୍ରଫେସର ଆଲୋକକୁ ଟପ୍ପର ଡାକନ୍ତି। ହେଲେ ଠିକ ଶେଷ ପରୀକ୍ଷାରେ ଆଲୋକର ନମ୍ବର ଦ୍ୱିତୀୟ ସ୍ଥାନରେ ଅଛି। ତଥାପି ଆଲୋକ ନିଜ ମନକୁ ବୁଝାଇ ଚାଲିଛି। ଦୁଇଶହ ପିଲାଙ୍କ ଭିତରେ ଦ୍ୱିତୀୟ ସ୍ଥାନରେ ତ ଅଛି। ଏଥିରେ ଭାବିବାର କଣ ବା ଅଛି ! କିନ୍ତୁ ଅସଲ କଥାଟା ହେଲା, ବନ୍ଦିତା ମହାପାତ୍ର ଟପ୍ପର ହୋଇଛି। ଆଲୋକ ଓ ବନ୍ଦିତା ଦୁଇ ଜଣ ଭଲ ସାଙ୍ଗ। ବନ୍ଦିତା କ୍ଲାସରେ ସବୁଠୁ ସୁନ୍ଦରୀ। ସମସ୍ତେ ତାକୁ ହିରୋଇନ ଡାକନ୍ତି। କେବେ ସିରିଅସ ହୋଇ ବନ୍ଦିତା କ୍ଲାସରେ ବସେନି। ପାଠ ପଢା ସମୟରେ ଯଥେଷ୍ଟ ଅନ୍ୟ ମନସ୍କ ଥାଏ। ସର୍ବଦା ଫୋନରେ ବ୍ୟସ୍ତ ରହେ। ଅନବରତ ଚାଟିଂ ବି କରେ। ଲାଗେ ଯେମିତି ଫୋନଟା ତାର ସବୁକିଛି। ଆଲୋକ ଭାବୁଛି, ମୁଁ କ୍ଲାସର ଭଲ ଛାତ୍ର ଭାବେ ଯେତିକି ପରିଚିତ ନୁହେଁ, ବନ୍ଦିତା ସୁନ୍ଦରୀ ଭାବେ ସମସ୍ତଙ୍କର କିନ୍ତୁ ପ୍ରିୟ। ଆଲୋକ ପ୍ରଥମ ବେଞ୍ଚର ଛାତ୍ର, ବନ୍ଦିତା ସବା ଶେଷରେ ବସେ। କିନ୍ତୁ ସମସ୍ତ ପ୍ରଫେସରଙ୍କ ଆଖି ପ୍ରଥମେ ବନ୍ଦିତା ଉପରେ ପଡେ। କଲେଜ କ୍ୟାମ୍ପସର ସବୁଠୁ ନିରୋଳା ଜାଗା ହେଉଛି, ଶବରଖା ଗୃହ। ଯେଉଁଠି ଡାକ୍ତରୀ ଛାତ୍ରଛାତ୍ରୀ ମାନେ ମୁର୍ଦ୍ଦାରର ସହାୟତା ନେଇ ମଣିଷର ଅଙ୍ଗ ପ୍ରତ୍ୟଙ୍ଗ ବିଷୟରେ ଜାଣିବାକୁ ସେଠାରେ ଏକତ୍ର ହୁଅନ୍ତି। କେହି ସେଠାରେ ନଥିବାର ଦେଖି ଆଲୋକ ସେଦିନ ଚାଲି ଚାଲି ଶବ ରଖା ଗୃହ ନିକଟରେ ପହଞ୍ଚିଗଲା। ନିରେଳାରେ ତାର ମନେ ପଡୁଥାଏ, ଶେଷ ପ୍ରାକ୍ଟିକାଲ ପରୀକ୍ଷା କଥା। ଭାୟଭାରେ ସବୁଠାରୁ କଷ୍ଟ ପ୍ରଶ୍ନର ଉତ୍ତର କେବଳ ସେ ହିଁ ଦେଇଥିଲା। ରାଜଧାନୀରୁ ଆସିଥିବା ଲେଡି ପ୍ରଫେସର ଆଲୋକ ଉପରେ ବହୁ ଖୁସି ହୋଇଥିଲେ। ପାଖକୁ ଡାକି ଆଲୋକର ନାଁ ବି ପଚାରି ବୁଝିଥିଲେ। କିନ୍ତୁ ପର ମୁହୁର୍ତ୍ତରେ ବନ୍ଦିତା ମହାପାତ୍ରର ସୌନ୍ଦର୍ଯ୍ୟ ତାଙ୍କୁ ବିମୁଗ୍ଧ କରିଥିଲା। ତାର କଳା ଘନ କେଶ ରାଶିକୁ କିଛି ସମୟ ପାଇଁ ଅପଲକ ଚାହିଁ ରହିଥିଲେ। ସେଦିନ ଆଲୋକ ମନେ ମନେ ଭାବୁଥିଲା - ନାରୀ ମାନେ ବି କଣ ନାରୀ ମାନଙ୍କ ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୁଅନ୍ତି ? ଏ ସବୁ ଭାବନା ଭିତରେ ଆଲୋକ ଶବରଖା ଗୃହ ଭିତରକୁ ପ୍ରବେଶ କରିଥିଲା। ହଠାତ ଏକ ସଦ୍ୟ ବିବାହିତା ମହିଳାର ଉଲଗ୍ନ ଶରୀରକୁ ଷ୍ଟ୍ରେଚର ଉପରେ ଶୋଇ ଥିବାର ସେ ଦେଖିଲା। ସେ ଯୁବତୀଙ୍କ ମୁହଁରେ ସେ ବନ୍ଦିତାଙ୍କ ସୌନ୍ଦର୍ଯ୍ୟକୁ ଦେଖୁଥିଲା। ସେ ଥିଲେ ମୃତ ଏବଂ ମୁର୍ଦ୍ଦାର। ନୀରବ ନିଶ୍ଚଳ ଏବଂ ନିର୍ବିକାର। କିଛି ସମୟ ଅଲୋକ ତାଙ୍କୁ ଅନାଇ ରହିଲା। ହଠାତ ଅନ୍ତର ଭିତରୁ କେହି ଜଣେ ଆଲୋକକୁ କଥା କହିବା ଆରମ୍ଭ କଲା। ସତେ ଯେମିତି ସେ ମୁର୍ଦ୍ଦାରଟା ଆଲୋକକୁ କଥା କହୁଥିଲା। ଆରେ ଏ ରୂପ ରଙ୍ଗ ସବୁ ଅଢେଇ ଦିନର। ପଚାଶ ଷାଠିଏ ବର୍ଷରେ ସମସ୍ତେ ରଙ୍ଗହୀନ ବିବର୍ଣ୍ଣ କୃଷ୍ଣଚୂଡା ପାଲଟି ଯାଆନ୍ତି। ମୋ ପରି ତୁମେ ମଧ୍ୟ କେଉଁ ଏକ ଷ୍ଟ୍ରେଚରରେ ଉଲଗ୍ନ ହୋଇ ନ ପଡିଥିବ, କିଏ ବା କହିବ ? ତୁମେ ଡାକ୍ତର ହେଲେ ବି ମୁହଁରେ କପଡା ନଭିଡିଲେ ତୁମ ଶବ ପାଖ କେହି ମାଡିବେ ନହିଁ। ଏ ସୁନ୍ଦରତା କେବଳ ଅଳ୍ପ ଦିନର। ମୁଁ ବି ଦିନେ ଗର୍ବରେ ଧରାକୁ ସରା ମନେ କରୁଥିଲି। ଚମ୍ପା କଢ ପରି ଗୋରା ତକ ତକ ମୁହଁକୁ ନେଇ ମନରେ ଅନେକ ଅହଂକାର ଭରି ରହିଥିଲା। ଆଜି ମାତ୍ର ୨୮ ବର୍ଷରେ ମୋ ସୁନ୍ଦରତାର ଶେଷ ଯାତ୍ରା ହେଲା। ବାହାର ଆବରଣଟା ସୁନ୍ଦର ହେଲେ, କିଛି ଲାଭ ନାହିଁ। ନିଜ ଅନ୍ତରଟା ସୁନ୍ଦର ହେବା ଆବଶ୍ୟକ। କଠୋର ପରିଶ୍ରମ, କର୍ତ୍ତବ୍ୟ ପରାୟଣତା, ନିଷ୍ଠା, ଅଧ୍ୟବସାୟ ଭଳି ସଦଗୁଣରେ ନିଜ ହୃଦୟକୁ ସର୍ବଦା ପୂର୍ଣ୍ଣ ରଖ। ଟପର ହୋଇ କଣ କରିବ ? ଛି, ଏତିକି ବୁଝୁନ। ଭଲ ମାନବବାଦୀ ଡାକ୍ତରଟେ ହୁଅ, ଜୀବନ ସାର୍ଥକ ହୋଇଯିବ। ମୁର୍ଦ୍ଦାରର ଅନ୍ତଃସ୍ୱରକୁ ଶୁଣି ଆଲୋକର ମନ ଦକ୍ କରି ନିଜକୁ ଚିହ୍ନୁଥିଲା। ତା ଆଖିରେ ଥିଲା ଏକ ଆତ୍ମ ବିଶ୍ୱାସର ଆହ୍ୱାନ। ନିଜ କର୍ତ୍ତବ୍ୟ ଉପରେ ଗଭୀର ପ୍ରତିବଦ୍ଧତା। ବିଶାଦଗ୍ରସ୍ତ ମନ ଭିତରେ ସ୍ୱତଃସ୍ଫୂର୍ତ ଭାବେ ଚେନାଏ ହସ ଆଲୋକ ମୁହଁରେ ଉଦ୍ଭାସିତ ହେଉଥିଲା। ଶବଗୃହରୁ ବାହାରକୁ ବାହାରିଲା ବେଳେ ଆଲୋକର ମୁର୍ଦ୍ଦାର କଥା ମନେ ପଡୁଥିଲା- 'ମାନବବାଦୀ ଡାକ୍ତର'। ଆଲୋକ ବୁଝୁଥିଲା, ମାନବବାଦୀର ଅର୍ଥ- କେବଳ ମଣିଷର ସେବାରେ ବ୍ରତୀ ହେବା। ବାହ୍ୟ ସୌନ୍ଦର୍ଯ୍ୟ ସ୍ୱଳ୍ପ ସମୟ ପାଇଁ। ବନ୍ଦିତା କଥା ଭାବି ମନେ ମନେ ମୁରୁକି ହସା ମାରୁଥିଲା। ଆଲୋକ ସେଦିନ ନିଜ ଅନ୍ତରର ଆଲୋକରେ ନିଜକୁ ଆଲୋକିତ କରିଥିଲା।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର
ମୋ-୯୪୩୭୯୫୭୬୧୭

# ଭଡା ଘର

ଘନଶ୍ୟାମ ପଲେଇ



ହଠାତ୍ ଦିବ୍ୟର ଫୋନ୍ଆସିଲା— "ବାପା... ଚାଲିଗଲେ।"
ଦୁଇଟି ଶବ୍ଦ ମାତ୍ର। କିନ୍ତୁ ମୋ ଛାତି ଭିତରେ କିଛି ଧସିପଡ଼ିଲା ଭଳି ଲାଗିଲା। ମୁଁ ଥରଥର ସ୍ୱରରେ ପଚାରିଲି- "ତମେମାନେ ଏବେ କେଉଁଠି ?" ସେପଟୁ ଉତ୍ତର ଆସିଲା- "ମେଡିକାଲରେ..."
ଆଉ ବିଳମ୍ବ କଲି ନାହିଁ। ବାଇକ୍ଟା ନେଇ ତୁରନ୍ତ ବାହାରି ଗଲି। ମେଡିକାଲରେ ପହଞ୍ଚିଲା ବେଳକୁ ଦେଖିଲି- ଦିବ୍ୟର ବାପାଙ୍କ ନିର୍ଜୀବ ଦେହଟା ଆମ୍ବୁଲାନ୍ସରେ ଲଦା ସରିଲାଣି। ଶେଷ ଥର ପାଇଁ ମୁହଁଟା ଦେଖିଲି। ଶାନ୍ତ, ନିର୍ବିକାର... ଯେପରି ସବୁ କ୍ଳାନ୍ତି ଛାଡ଼ି ଦୀର୍ଘ ନିଦ୍ରାକୁ ଚାଲିଯାଇଛନ୍ତି।
ମୁଁ ପଚାରିଲି- "ଏଇଠୁ ସିଧା ମଶାଣି ଯିବା, ନା ତମ ବସାକୁ (ଚାକିରିରେ ମିଳିଥିବା କ୍ୱାଟରକୁ)" ଦିବ୍ୟ ଲୁହ ଚାପି ଧୀରେ କହିଲା- "ଜାମସେଦପୁର... ଟାଟାନଗର ଯିବାର ଅଛି।" ତା'ପରେ ଗଳା ଅଧିକ ଭାରି ହେଇଗଲା, ପୁଣି କହିଲା-ବାପାଙ୍କର ଶେଷ ଇଚ୍ଛା ଥିଲା... "ନିଜ କଷ୍ଟ ଉପାର୍ଜିତ ଟଙ୍କାରେ ଯେଉଁ ଘରଟା ଗଢିଛନ୍ତି, ସେଇଠି ଜୀବନରେ ରହିପାରିଲି ନାହିଁ। କମ୍ସେ କମ୍ ମରିଗଲା ପରେ ମୋ ଶରୀରଟାକୁ କିଛି ସମୟ ସେଇ ଘରେ ରଖି ମଶାଣିକୁ ନେବ...।"
ରାତି ସାରା ଯାତ୍ରା ପରେ ଟାଟାନଗରରେ ପହଞ୍ଚିଲା ବେଳକୁ ପ୍ରାୟ ଦିନ ଏଗାରଟା। ଆଖି ଆଗରେ ଛିଡାଥିଲା ଏକ ବଡ଼ ତିନି ମହଲା ବିଲ୍ଡିଂ। ଦିବ୍ୟର ବାପା ଚାକିରିରେ ଥିବା ସମୟରେ ତିଳ ତିଳ କରି ଟଙ୍କା ଜମା କରି ଏହାକୁ ଗଢିଥିଲେ। କିନ୍ତୁ ପିଲାମାନେ ଭଲ ଚାକିରି ଖୋଜି ଦୂରକୁ ଚାଲିଯାଇଥିଲେ। ଘରର ସବୁ ରୁମ୍ ଭଡାକୁ ଦିଆଯାଇଥିଲା। ଏବେ ସେଇଠି ଚାରିଟି ପରିବାର ଭଡାରେ ରହୁଥିଲେ।
ଆମ୍ବୁଲାନ୍ସ ଛିଡା ହେଇଛି ଘର ଆଗରେ। ଦିବ୍ୟ ଗୋଟିଗୋଟି କରି ସବୁ ଭଡାଟିଆଙ୍କୁ ଘଟଣା କହିଲା। ନମ୍ର ସ୍ୱରରେ ଅନୁରୋଧ କଲା- "ବାପାଙ୍କର ଶେଷ ଇଚ୍ଛା ଥିଲା... କେବଳ କିଛି ସମୟ ପାଇଁ ଘର ଭିତରେ ରଖିବୁ... ତା'ପରେ ନେଇଯିବୁ..."
କିନ୍ତୁ ଘର ଭିତରୁ ଯେଉଁ ଉତ୍ତର ଆସିଲା, ଛାତି ଥରାଇ ଦେଲା ପରି- "ନା ନା... ଡେଡ୍ବଡି ଘରକୁ ଆସିଲେ ଅଶୁଭ ହେବ... ପିଲାମାନେ ଅଛନ୍ତି... ଆମେ ପୁରାଇ ପାରିବୁ ନାହିଁ..."
ଦିବ୍ୟ ଆଉ କିଛି କହିଲା ନାହିଁ। କେବଳ ଚୁପ୍ଚାପ୍ଚାହିଁ ରହିଲା। ତା'ର ଆଖିର ଲୁହ ଶୁଖିଯାଇଥିଲା। ସେ ବୁଝି ସାରିଲାଣି- ଯେଉଁ ଘରକୁ ଦିନେ ତା' ବାପା ନିଜ ରକ୍ତ ଓ ଝାଳରେ ତିଆରି କରିଥିଲେ... ସେଇ ଘରଟିରେ ବି ଆଉ ତାଙ୍କର ହୋଇ ରହି ନାହିଁ।
ଶେଷରେ ଧୂ ଧୂ ଖରାରେ ଘର ଅଗଣାରେ କିଛି ସମୟ ପାଇଁ ଶବଟାକୁ ରଖାଗଲା। ମନେ ହେଉଥିଲା- ଘରଟା ମଧ୍ୟ ନିରବରେ ତା'ର ମାଲିକଙ୍କୁ ଶେଷ ଥର ପାଇଁ ଦେଖୁଛି। ପରେ ପୁଣି ଆମ୍ବୁଲାନ୍ସରେ ଲଦା ହେଲା ଶରୀରଟା। ଗାଡ଼ି ଧୀରେ ଧୀରେ ମଶାଣି ଦିଗକୁ ବଢିଲା।
ଫେରୁଥିବା ବେଳେ ମୁଁ ମନେମନେ ଭାବୁଥିଲି - ମଣିଷ ଘର ତିଆରି କରି କରି ସାରା ଜୀବନ କାଟିଦିଏ, କିନ୍ତୁ ଶେଷରେ ବୁଝିପାରେ... ଘରର ମାଲିକ ମଣିଷ ନୁହେଁ, ସମୟ। ସମୟ ଚାହିଁଲେ ନିଜ ଘରେ ବି ମଣିଷକୁ ପର କରିଦିଏ।
---- ସମାପ୍ତ ---

ଟେନସା, ସୁନ୍ଦରଗଡ-୪୨,
ମୋ- ୯୪୩୭୭୧୮୫୦୦

# ଖାଲି ପକେଟ୍ର ଭରା ଦର୍ଶନ...

ମନୋଜ କୁମାର ବେହେରା



ପ୍ରଧାନମନ୍ତ୍ରୀ କ'ଣ କହିଦେଲେ, ତା'ପରେ ଆଜିକାଲି ପ୍ରତ୍ୟେକ ନେତା ଏହା କହୁଛନ୍ତି କି ସଞ୍ଚୟ କର। ସରକାର କହୁଛନ୍ତି, ଆଉ ସେହି ପଡୋଶୀ ମଧ୍ୟ ଆଜି କହୁଛନ୍ତି..ଯିଏ ଗତ ବର୍ଷ ଆମଠାରୁ ଧାର ନେଇଥିଲେ। ଆଉ ସେ ଫେରେଇବାର ତ ନାଁ ଗନ୍ଧ ଧରୁ ନହାନ୍ତି। କିନ୍ତୁ କେହି ଏହା ବତାଉ ନାହାନ୍ତି କି ସଞ୍ଚୟ କେମିତି କରନ୍ତି ? ଆଜିର ଯୁଗରେ ସଞ୍ଚୟ କରିବା ଗୋଟିଏ ଏମିତି 'ସାଧନା' ଅଟେ, ଯେଉଁଥିରେ ଆପଣ ନିଜକୁ ହିମାଳୟର ସାଧୁ ଭଳି ଅନୁଭବ କରିବାକୁ ଲାଗିବେ। ଏହାର ପ୍ରକ୍ରିୟା କିଛି ଏହି ପ୍ରକାରର.. ସେଲ୍ର ମାୟାଜାଲକୁ ଦେଖ ! ଆପଣ ପାଞ୍ଚଶହ ଟଙ୍କା ବଞ୍ଚେଇବା ପାଇଁ ମଲ୍ ଯାଆନ୍ତି ଆଉ ଗୋଟିଏ କିଣିଲେ ତିନିଟା ପାଇବା ଚକ୍କରରେ ପାଞ୍ଚ ହଜାରର ସହି ଜିନିଷ କିଣି ଆଣନ୍ତି, ଯାହାର ଉପଯୋଗ ବୋଧେ ଆର ଜନ୍ମରେ ମଧ୍ୟ ପଡିବନି। ଏହାକୁ କହନ୍ତୁ ମର୍ଯ୍ୟାଦା ସମ୍ପର୍ଣ୍ଣ ସଞ୍ଚୟ। ଭବିଷ୍ୟ ଚିନ୍ତାରେ ମଧ୍ୟ ବୁଡି ରୁହନ୍ତି। ଲୋକେ କୁହନ୍ତି, 'ବୃଦ୍ଧାବସ୍ଥା ପାଇଁ ସଞ୍ଚୟ କର !' କିନ୍ତୁ ଭାଇ ! ଯେଉଁ ଗତିରେ ଏହି ଦର ଦାମ ବଢୁଛି, ଆଜିର ବଞ୍ଚେଇଥିବା ଲକ୍ଷେ ଟଙ୍କା ବୃଦ୍ଧାବସ୍ଥାରେ ବୋଧେ କେବଳ ଏକ କିଲୋ ଶୁଦ୍ଧ ଦେଶୀ ଘିଅ ଆଉ ଗୋଟିଏ ମାସର ୱାଇ-ଫାଇର ରିଚାର୍ଜ ମିଳି ପାରିବ। ଦାର୍ଶନିକ ସଞ୍ଚୟ ମଧ୍ୟ ଗୋଟିଏ ବିଷୟ ହୋଇଥାଏ। ଯେତେବେଳେ ବ୍ୟାଙ୍କ ଏକାଉଣ୍ଟରେ ବାଲାନ୍ସ ଜିରୋ ହୋଇଥାଏ, ସେତେବେଳେ ମନୁଷ୍ୟକୁ ପ୍ରକୃତ ଜ୍ଞାନ ପ୍ରାପ୍ତ ହୋଇଯାଏ। ତା' ମୁଣ୍ଡରେ ବୁଦ୍ଧି ପଶିଥାଏ କି 'ମୋହ ମାୟା' ବ୍ୟର୍ଥ ଅଟେ। ଖାଲି ପକେଟ୍ ପ୍ରକୃତରେ ଆପଣଙ୍କୁ ଆଧ୍ୟାତ୍ମିକତା ଆଡକୁ ନେଇଯିବ। କିନ୍ତୁ 'ଅମୂଲ୍ୟ' ପରାମର୍ଶ ମଧ୍ୟ ମିଳୁଛି ସଞ୍ଚୟ ପାଇଁ। ଯେମିତି ବାହାରର ଖାଦ୍ୟ ଖାଇବା ଛାଡି ଦିଅ। ଗାଡିରେ ପେଟ୍ରୋଲ୍ ପକେଇବା କମେଇ ଦିଅ। ଘରେ ଡାଲି-ରୁଟି ବନେଇକରି ଖାଅ। ସୁନା ବର୍ଷେ ପର୍ଯ୍ୟନ୍ତ କିଣ ନାହିଁ। ମୋର ପ୍ରଧାନମନ୍ତ୍ରୀଙ୍କୁ ଗୋଟି ପ୍ରଶ୍ନ, ଯଦି ଲୋକମାନେ ସୁନା କିଣିବା ଛାଡିଦେବେ। ବର୍ଷେ ପରେ କ'ଣ ଏହି ମୂଲ୍ୟ ଥିବ। ଆପଣ ଏହି ଦାମ୍ରେ ଲୋକଙ୍କୁ ସୁନା ଯୋଗେଇ ଦେଇ ପାରିବେ। କହୁଛନ୍ତି ନା' କ'ଣ ଏଥିରେ ନା' କେବଳ ଆପଣଙ୍କର ପଇସା ବଞ୍ଚିବ, ଆଉ ଆପଣଙ୍କ ଚେହେରାରେ ଛାଇ ରହିଥିବା 'ପନୀର ଟିକା' ବାଲା ଚମକ ମଧ୍ୟ କୁଆଡେ ଉଭାନ ହେଇଯିବ। ଆଉ ଆପଣ ଗମ୍ଭୀର ତପସ୍ୱୀ ଭଳି ଦେଖିବାକୁ ଲାଗିବେ। ଜଣେ ଜ୍ଞାନୀ କହିଲେ, ସାଙ୍ଗମାନଙ୍କଠାରୁ ଏବେ ଦୂରତା ବନେଇ ଦିଅ। ଯଦି ସଞ୍ଚୟ କରିବ ତା'ହେଲେ ଏମିତି ସାଙ୍ଗଠାରୁ ଦୂରରେ ରୁହ ଯିଏ ପ୍ରତ୍ୟେକ ଶନିବାର ଦିନ,'ଭାଇ ସୀନ୍ କ'ଣ ଚାଲିଛି ?' କହିକରି ଆପଣଙ୍କୁ ପାର୍ଟିକୁ ଟାଣି ନେଇଥାଏ। ଏକୁଟିଆ ବସି କାନ୍ଥକୁ ଦେଖ ! କାନ୍ଥ ଦେଖିବାରେ କୌଣସି ଟ୍ୟାକ୍ସ ଲାଗେନି,ଏପର୍ଯ୍ୟନ୍ତ ତ ନାହିଁ। ଲୋକଙ୍କର କୃପଣର ସିଦ୍ଧାନ୍ତ ବଡେଇ ଦେଇ ପାରିବ। ଯେତେବେଳେ କିଏ କହେକି ଆପଣ କୃପଣ ଅଟନ୍ତି,ତା'ହେଲେ ଉଠିକରି କୁହ 'ସରକାରଙ୍କର ଅପିଲ୍ର ପାଳନ କରୁଛି'। ଆପଣ ଅସମ୍ମାନରୁ ବଞ୍ଚିଯିବେ ଆଉ ମର୍ଯ୍ୟାଦାର ସହିତ ରହିବେ। ସବୁ ମିଶେଇ କରି ସଞ୍ଚୟ କରିବା ଗୋଟିଏ କଳା ଅଟେ। ଆଉ ଏହି ସଞ୍ଚୟକୁ ଦରଦାମ ବୃଦ୍ଧିର ନଜରରୁ ବଞ୍ଚେଇବା ଗୋଟିଏ ଯୁଦ୍ଧ ପରି। ଆଉ ଲଢି ଚାଲନ୍ତୁ, କାହିଁକି ଯେପର୍ଯ୍ୟନ୍ତ ଆପଣ ପାଖରେ 'ସଞ୍ଚୟ' ଅଛି ସେପର୍ଯ୍ୟନ୍ତ ସମାଜରେ ଆପଣଙ୍କର 'ସମ୍ମାନ' ଅଛି। ନହେଲେ ଜ୍ଞାନତ ଇଣ୍ଟରନେଟ୍ରେ ମାଗଣାରେ ମିଳୁଛି। ସଞ୍ଚୟର ଏହି 'ପବିତ୍ର ସନ୍ଧାନରେ' ଆପଣ ନିଜକୁ କେଉଁଠି ପାଇଛନ୍ତି..ଖର୍ଚ୍ଚ କରିବା ବାଲାଙ୍କ ଧାଡିରେ ନା କାନ୍ଥକୁ ଦେଖିବା ବାଲାଙ୍କ ମେଳିରେ !!

ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

# ଏକ ଅଜ୍ଞାତ ଅନୁରାଗ

ଡ. ସନ୍ତୋଷ କୁମାର ପଣ୍ଡା

ନୀଳଗିରି ପାହାଡ଼ର ପାଦଦେଶରେ ସନ୍ଧ୍ୟା ନଇଁ ଆସୁଥିଲା। ମନ୍ଦିର ବେଢ଼ାରେ ବସି ଅଜୟ ନିଜ ଡାଏରୀରେ କିଛି ଲେଖୁଥିଲା। ହଠାତ୍ ମହୁରୀର ସେହି ସୁମଧୁର ମୂର୍ଚ୍ଛନା ତାକୁ ସ୍ତବ୍ଧ କରିଦେଲା। ସେ ସାମ୍ନାରେ ଦେଖିଲା ରାଧାକୁ— ଯିଏ ନିଜ ସ୍ୱରର ଯାଦୁରେ ପୂରା ପରିବେଶକୁ ମନ୍ତ୍ରମୁଗ୍ଧ କରି ରଖିଥିଲା।
କିଛି ସମୟ ପରେ ମହୁରୀର ସ୍ୱର ଥମିଗଲା। ଅଜୟ ପାଖକୁ ଯାଇ ଧୀରେ କହିଲା:
ଅଜୟ: 'ତୁମ ମହୁରୀର ସ୍ୱରରେ ଏମିତି କିଛି ଅଛି, ଯାହା ମୋ କଲମକୁ ରୋକିଦେଉଛି। ଲାଗୁଛି ଯେମିତି ଶବ୍ଦ ଅପେକ୍ଷା ତୁମ ସଙ୍ଗୀତରେ ଅଧିକ ଗଭୀରତା ଅଛି।'
ରାଧା କିଛି କହିଲାନି, କେବଳ ଏକ ମୃଦୁ ହସ ହସିଲା। ତା'ର ସେହି ନୀରବତା ଅଜୟକୁ ଆହୁରି ଆକର୍ଷିତ କରୁଥିଲା। ସେହି ସମୟରେ ଗାଁର ମୁଖିଆ ସେପଟେ ଯାଉଥିଲେ, ସେ ଅଟକି ଯାଇ କହିଲେ:
ମୁଖିଆ: 'ବାବୁ, ଏ ଝିଅ କଥା କହିପାରେନି ସତ, କିନ୍ତୁ ଏ ଗାଁର ପଥର ବି ତା' ମହୁରୀ ସ୍ୱର ଚିହ୍ନନ୍ତି। ହେଲେ ଦୁଃଖର କଥା, ଏ ପାହାଡ଼ ଆଉ ଏ ମନ୍ଦିର ଶୀଘ୍ର ଭାଙ୍ଗିଯିବ। ସହରରୁ କୁଆଡ଼େ ବଡ଼ ଲୋକ ଆସୁଛନ୍ତି ହୋଟେଲ କରିବାକୁ।'
ରାଧାର ଆଖି ଛଳଛଳ ହୋଇଗଲା। ସେ ନିଜ ମହୁରୀକୁ ଛାତିରେ ଚାପି ଧରିଲା। ଅଜୟ ତା'ର ବ୍ୟାକୁଳତା ବୁଝିପାରି ଦୃଢ଼ ସ୍ୱରରେ କହିଲା:
ଅଜୟ: 'ରାଧା, ତୁମେ ଡର ନାହିଁ। ଯେଉଁ ସ୍ୱର ପ୍ରକୃତି ସହ କଥା ହୁଏ, ତାକୁ କେହି ନୀରବ କରିପାରିବେ ନାହିଁ। ମୁଁ ପ୍ରତିଜ୍ଞା କରୁଛି, ମୋ ଲେଖନୀ ଆଜି ତୁମ ସ୍ୱର ପାଇଁ ଲଢ଼ିବ।'
ସେହି ରାତିରେ ଅଜୟ ଶୋଇପାରିଲା ନାହିଁ। ସେ ରାଧାର ସେହି ବ୍ୟଥାକୁ ନେଇ ଏକ ହୃଦୟସ୍ପର୍ଶୀ ପ୍ରବନ୍ଧ ଲେଖିଲା। କିଛି ଦିନ ପରେ ଯେତେବେଳେ ପ୍ରଶାସନ ତରଫରୁ କାମ ରୋକିବାକୁ ନିର୍ଦ୍ଦେଶ ଆସିଲା, ଅଜୟ ଖୁସିରେ ଧାଇଁଗଲା ରାଧା ପାଖକୁ। ଅଜୟ: 'ଦେଖ ରାଧା ! ଆମେ ଜିତିଗଲେ। ଏ ପାହାଡ଼, ଏ ମନ୍ଦିର ସବୁ ସୁରକ୍ଷିତ। ଏବେ ତୁମ ମହୁରୀର ସ୍ୱର କେବଳ ଏହି ପାହାଡ଼ରେ ନୁହେଁ, ବରଂ ସାରା ଦୁନିଆର ହୃଦୟରେ ଗୁଞ୍ଜରିତ ହେବ।' ରାଧା କୃତଜ୍ଞତାର ସହ ଅଜୟର ହାତ ଧରିଲା। ସେ ମହୁରୀକୁ ଓଠରେ ଲଗାଇ ଏକ ଅତି ସୁନ୍ଦର 'ପ୍ରେମର ସ୍ୱର' ବଜାଇଲା। ତା'ର ସଂଳାପ ନଥିଲା, କିନ୍ତୁ ତା'ର ଭାବଭଙ୍ଗୀ ଯେମିତି କହୁଥିଲା:
ରାଧା (ନୀରବ ସଂଳାପ): 'ତୁମେ କେବଳ ମୋ ସଙ୍ଗୀତକୁ ବଞ୍ଚାଇ ନାହଁ, ତୁମେ ମୋ ଜୀବନକୁ ଏକ ନୂଆ ମାର୍ଗ ଦେଇଛ।' ସେଦିନ ବସନ୍ତର ପବନରେ ମହୁରୀର ସ୍ୱର ସହ ଅଜୟର ହୃଦୟର ସ୍ପନ୍ଦନ ମିଶି ଏକ ନୂଆ ପ୍ରେମ କାହାଣୀର ଆରମ୍ଭ କଲା।

କଟକ।

# ଦୁଇଟି କ୍ଷୁଦ୍ର ଗଳ୍ପ

ରତ୍ନକାନ୍ତି ମିଶ୍ର



(୧)

ପେଟ ବିନ୍ଧୁଥିଲା ମାଆର। ଯନ୍ତ୍ରଣା ଅସହ୍ୟ। ନଗଲେ ନଚଳେ। ଗାଁ ପାଖ ଡାକ୍ତରଖାନାରେ କହିଲେ ଶୀଘ୍ର ନିଅ ବଡ଼ ଡ଼ାକ୍ତରଖାନା। ପଇସାପତ୍ର ଯୋଗାଡ଼ କରି ପଦନ ପହଞ୍ଚିଲା ଦଶ କୋଶ ଦୂର ବଡ଼ ଡ଼ାକ୍ତରଖାନାରେ। ବହୁତ ବଡ଼ ହୋଇ ଯାଇଥିଲା ରୋଗ। ଡାକ୍ତର ଆଜ୍ଞା କହିଲେ କ୍ୟାନ୍ସର।

ପୂର୍ବ ପୁରୁଷ ଅମଳର ଜମି ଖଣ୍ଡିକ ବିକିଲା ପଦନ। ମାଆର ଚିକିତ୍ସା ଚାଲିଲା।ଲାଇଟ ପଡିଲା କେଇ ଥର। ହେଲେ ମାଆ ଚାଲିଗଲା।

ମାଆର ଶବ ସଂସ୍କାର ଯଥା କଥା ସାରିଲା ପଦନ। ପୁଣି ଆରମ୍ଭ ହେଲା ଜାତିଭାଇଙ୍କ ଅଦଉତି। ଭୋଜିଭାତ ନଦେଲେ ବାସନ୍ଦର ଧମକ। ଶେଷରେ ଘରଡିହ ଖଣ୍ଡିକ ବନ୍ଧକ ପକେଇ ମହାଜନଠୁ ଆଣିଲା ଉଧାର।

ଉଧାର ଶୁଝିବାକୁ ହେବ ତ ଏକମାତ୍ର ରାସ୍ତା ଦାଦନ। ଜଣକ ପରିଶ୍ରମରେ କ'ଣ ମୁକୁଳେଇହେବ ମହାଜନଙ୍କ ଠାରୁ ପୈତୃକ ସମ୍ପତ୍ତି ? ତିରିଲା ରାଣୀ ବି ବାହାରିଲା ସାଙ୍ଗରେ।

ସତକୁ ସତ କାମର ଅଭାବ ନାହିଁ ଦୂର ରାଇଜରେ। ସିମେଣ୍ଟ ବାଲି ଗୋଳେଇଲା ପଦନ। ମୁଣ୍ଡରେ ବୋହି ଇଟା ଯୋଗୋଇବା କାମ ମିଳିଲା ରାଣୀକୁ।ଫୁରସତ ନାହିଁ କାମରେ। କେଇ ଯୋଡ଼ା ନାଲି ଆଖି ଘୁରି ବୁଲୁଥିଲେ ଜୁଲମ କରିବାକୁ।

ସେଦିନ ଛାତ ପକେଇବା କାମରେ ଯାଇଥିଲେ ଦୁହେଁ। ସିମେଣ୍ଟ, ଗୋଡି, ବାଲି ଗୋଳାଉଥିବା ମେସିନ ପାଖରେ ନିୟୋଜିତ ହେଲା ରାଣୀ। ହଠାତ୍ ମୁଣ୍ଡ ବୁଲେଇଦେଲା ରାଣୀର। ଠିକାଦାର ଚିଲେଇଲା ପଦନ ଉପରେ। ରାଣୀକୁ ନେଇ ଛାଇରେ ରଖି ପଦନ ଫେରିଲା କାମକୁ। କେତେ କହିଛି ସେ ପେଟରେ ପିଲା ବଢୁଥିବା ବେଳେ କାମ ନକରିବାକୁ। ହେଲେ ସେ କ'ଣ ଶୁଣିଲା ? କହିଲା ମହାଜନ ହାତରୁ ଘର ଡିହ ମୁକୁଳେଇଲେ ସିନା ପିଲା ମୁଣ୍ଡ ଗୁଞ୍ଜିବ ସେ ଘରେ !

ପଦନ ମନ ଥିଲା ରାଣୀ ପାଖରେ। ହେଲେ କାମରୁ ଫୁରସତ ପାଇବ ଯାଇଁ ଗୋଟିଏ ସରିକି। ଚାଉଁ ଚାଉଁକା ଖରାରେ ମଣିଷ ନାଝାଳ ହୋଇ ଯାଉଥିଲା। ଗାଁ ଗଣ୍ଡାରେ ପଡୁଥିବା ଖରା ଠାରୁ ସହରର ଖରା ତେଜ କାହିଁକି ଭାରି ଭାରି ଲାଗୁଥିଲା ପଦନକୁ। ସେଇମିତି ଲାଗୁଥିଲା ଠିକାଦାରର ଗାଳି ଫଜିତ୍। ବରଂ ଭଲ ଥିଲା ଯା ଠୁ ଗାଁ ମହାଜନର ଅଦଉତି।

ଛାଇ ଟିକେ ଗଡିଲେ ପୁଣି କାମ ହେବ। ପଦନ ଫେରିଲା ରାଣୀ ପାଖକୁ। ଡାକିଲେ ଶୁଣୁନି। ରାଣୀ କ'ଣ ଏତେ ନିଦରେ ଶୋଇଛି ନା ଚେତା ହରେଇଛି ! ରାଣୀକୁ ଛୁଇଁଲା ତ ଚମକି ପଡିଲା ପଦନ। ହାତକୁ ହେମାଳ ଲାଗୁଥିଲା ରାଣୀର ଦେହ... !!!

( ୨ )

ଝିଅଟିର ଓଠରେ ଗଳାରେ ନିସ୍ତରଙ୍ଗ ଶୋଷ।ଶୋଷରେ ତେଣେ ଅଧିର ରୋଗରେ ପଡ଼ିଥିବା ମାଆ। ଡଙ୍ଗର ଉପରେ ଘର। ଆବାସ ଯୋଜନାର ସୁଫଳ ପାଇଛନ୍ତି ତାଙ୍କ ଭଳି ଆଉ କେତେ ଜଣ। ହେଲେ ପାଣିର ହାହାକାର ସବୁଦିନ।

ବାପା ରୋଜଗାର ତଲାସରେ ନାଇଁ ଘରେ। ମାଠିଆ ଧରି ପାଣି ପାଇଁ ତିନି କୋଶ ବାଟ ଡଙ୍ଗରରୁ ତଳକୁ ଆସିଲା ଝିଅଟି।

ଖରା ବହପରେ ଝିଅଟି ଶୋଷରେ ଆତୁର।ଏଇ ମାତ୍ର ରୋଗରୁ ଉଠିଛି। ପାଦ ଠିକରେ ପଡୁନି। ହେଲେ ପାଣି ନେବାକୁ ହେବ ଝରରୁ।

ଆସିଲାଣି କେବେଠାରୁ। ମାଆ ଚିନ୍ତାରେ। ଝିଅ ଫେରିନି ଏଯାଏଁ। ବାପା ସଞ୍ଜକୁ ଫେରିଲା। ଦୁହେଁ ଅବଶ ଦେହକୁ ଘୋଷାରି ଖୋଜି ହେଉଥିଲେ ଝିଅକୁ। ବାପା ଆଖିରେ ଭୟ। ମାଆ ଆଖିରେ ଲୁହ। ଶେଷକୁ ପାଇଲେ ଭଙ୍ଗା ମାଠିଆର ଖଣ୍ଡ। ଚିହ୍ନି ପାରିଲେ ସେଇ ମାଠିଆକୁ ସେଥିରେ ଝିଅ ଆଙ୍କିଥିବା ଚିତ୍ରକଳାରୁ। ସେଇଠି ବି ପଡ଼ିଥିଲା ଝିଅ ହାତର ଭଙ୍ଗା ଚୁଡ଼ି ଖଣ୍ଡ। ଟିକିଏ ଦୂରରେ ଦେଖିଲେ କଣ୍ଟା ଗଛରେ ଲାଗି ରହିଥିବା ତା ଶାଢ଼ୀର ଚିରା ଅଂଶ ଖଣ୍ଡେ। ଚାରିଆଡେ ପଳାଶ, ଶିମିଳି, କୃଷ୍ଣଚୂଡ଼ା ଫୁଲଙ୍କ ସୌନ୍ଦର୍ଯ୍ୟ। ତାଙ୍କରି ମେଳରେ ଉକୁଟି ଉଠୁଥିଲା ଲହୁ ଲୁହାଣ ହୋଇ ପଡିଥିବା ଝିଅର ନଗ୍ନ ଦେହ। ତା ସୌନ୍ଦର୍ଯ୍ୟକୁ କେହି ଉପଭୋଗ କରିଥିବାର ପ୍ରମାଣପତ୍ର ଛାଡି ଯାଇଛନ୍ତି ବିବଶ ବାପା ମାଆଙ୍କ [illegible]...!!!



ଆଳି, କେନ୍ଦ୍ରାପଡା

# କାନ୍ଥ

ସତ୍ୟନାରାୟଣ ପ୍ରଧାନ

ଅଚାନକ ଦୁଇଭାଇଙ୍କ ଭିତରେ ନୂଆ କୋଠା ଘର ତିଆରିକୁ କେନ୍ଦ୍ର କରି ରାଗ ଅଭିମାନରେ କଥାବାର୍ତ୍ତା ବନ୍ଦ ହୋଇ ଯାଇଥିଲା। ଦୁଇଭାଇଙ୍କ ପିଲାଛୁଆଙ୍କୁ ମଧ୍ୟ ବାରଣ କରା ଯାଇଥିଲା କେହି କାହା ଘରକୁ ଯାଇ ମିଶି କରି ଖେଳିବେ ନାହିଁ। ଆଗରୁ ଭାଇ ଭଉଣୀ ମାନେ ଏକାଠି ବସି କଥା ହେବା ସହ ମଜାରେ ଦିନ ଗୁଡାକ ବିତାଇ ଦେଉଥିଲେ। ଗୋଟିଏ ପରିସର ଭିତରେ ରହୁଥିଲେ ଉଭୟ ପରିବାର ପରସ୍ପର ଲାଗି ଅଜଣା ଅଶୁଣା ଅଚିହ୍ନା ପାଲଟି ଯାଇଥିଲେ। ବଡ଼ଭାଇର ପୁଅ ତା ବାପାଙ୍କୁ କହିଥିଲା ଆମେ ତ କାହାର କିଛି କ୍ଷତି କରି ନାହୁଁ। ସାମାନ୍ୟ ଜୀବନ ନ ଥିବା ଏହି ନିର୍ଜୀବ କାନ୍ଥଟା ପାଇଁ ଏତେ କଳି। ଯଦି କହିବ ଆମେ ସମସ୍ତେ ଭାଇ ଭଉଣୀ ମିଳି ମିଶି ଯେତେ ଦିନ ଲାଗୁ ପଛେ ଦାଦା ଉଠାଇ ଥିବା କାନ୍ଥକୁ ଭାଙ୍ଗି ଦେବା ପାଇଁ ଚେଷ୍ଟା କରିବୁ। ସେ ଆମ ଭିତରେ କାହିଁକି ଲକ୍ଷ୍ମଣ ରେଖା ଛିଡା କରାଇ ଦେଇଛି। ପୁଅର କଥା ଶୁଣି ବାପା ପାଖରେ କୌଣସି ଉତ୍ତର ନ ଥିଲା। ସେ ଖାଲି କୁନି ପିଲାଙ୍କ ଭଳି ପୁଅର ମୁହଁକୁ ଆଗରୁ କେବେ ନ ଦେଖିଲା ଭଳି ଚାହିଁ ରହିଥିଲେ। ଯେଉଁଠି ମନରେ କାନ୍ଥ ଉଠି ସାରିଛି ସେଠି ଭାଙ୍ଗିବା ଆଉ ନ ଭାଙ୍ଗିବାରେ କୌଣସି ଫରକ ନାହିଁ ବୋଲି ତାଙ୍କ ଭାବନା ରାଜ୍ୟକୁ ଚାଲି ଆସୁଥିଲା।।



ମୋ -୯୧୭୮୩୧୩୬୪୪

# ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିଅନସିପ୍ : ବାଳିକା ବିଭାଗରେ ସାତକୋଶିଆ ଦଳ ଚାମ୍ପିଅନ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଓ ଫୁଟବଲ ଏସୋସିଏସନ ଅଫ ଓଡ଼ିଶା, ଜିଲ୍ଲା ପ୍ରଶାସନ ଓ ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ମିଳିତ ସହଯୋଗରେ ଆୟୋଜିତ ୧୪ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିଅନସିପ୍‌ର ୪ର୍ଥ ଦିନ ଅତିଥି ଭାବେ ଯୋଗଦେଇ ଆରଆଇଅଫ ପୋଲିସ ଆଲୋକ କୁମାର ସ୍ୱାଇଁ, ସାଇଣ୍ଟିଫିକ୍ ଅଫିସର ଜୟନ୍ତ କୁମାର ମୁର୍ମୁ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ବେହେରା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ ଓ ପ୍ରସନ୍ନଜିତ ମହାନ୍ତି, ରାଜେଶ ଦାସ ବରିଷ୍ଠ କ୍ରୀଡ଼ାବିତ୍ ବିଜୟ କୁମାର ଦାସ (ମଣ୍ଟୁ ଦା) ଓ କ୍ରୀଡ଼ାବିତ୍ ଭାନୁପ୍ରତାପ ଭଞ୍ଜଦେଓ ଉପସ୍ଥିତ ଥିଲେ ଓ ବାଳିକା ବିଭାଗ ଫାଇନାଲ ମ୍ୟାଚରେ ସାତକୋଶିଆ, ଚଢେଇଗାଁ ଫୁଟବଲ କ୍ଲବ ୯–୦ ଗୋଲରେ ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଦଳ ପକ୍ଷରୁ ଚୁମୁକି ନାୟକ ୪ଟି, ଶିକ୍ଷା ମହାରଣା ୩ଟି ଏବଂ ଲକ୍ଷ୍ମୀପ୍ରିୟା ନାୟକ ଓ ସୁଶିଳା ମହାରଣା ଗୋଟିଏ ଲେଖାଏଁ ଗୋଲ କରିଥିଲେ। ବାପୁନ କୁମାର ମହାନ୍ତ, କେଶବ ସୋରେନ, ନାରାୟଣ ହାଁସଦା, ଯୁଗସେଙ୍ଗଲ ସୋରେନ, ସମ୍ରାଟ ହେମ୍ବ୍ରମ, ଲୋକନାଥ ହେମ୍ବ୍ରମ, ରବୀନ୍ଦ୍ର ଟୁଡୁ, ଅମ୍ବିକା ହେମ୍ବ୍ରମ, ସୁଭଦ୍ରା ହେମ୍ବ୍ରମ ଓ ସୋମବାରୀ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ଶ୍ରୀନିବାସ ହେମ୍ବ୍ରମ ଓ ରାଇସେନ ଟୁଡୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ମେ’ ୩୧ରୁ ୧୬ ବର୍ଷରୁ କମ୍ ଜଟଣୀ କ୍ରିକେଟ କପ୍




**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଜଟଣୀ କ୍ରିକେଟ ଏକାଡେମୀ ଦ୍ୱାରା ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ ବୟସର କ୍ରିକେଟ ଖେଳାଳିମାନଙ୍କୁ ନେଇ ଜଟଣୀ କ୍ରିକେଟ କପ୍–୨୦୨୬ ସ୍ଥାନୀୟ ଜଟଣୀ ମହାବିଦ୍ୟାଳୟ ଖେଳପଡ଼ିଆ ଠାରେ ଆସନ୍ତା ମେ’ ୩୧ ତାରିଖରୁ ଜୁନ୍ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୮ଟି ଦଳ ଭାଗ ନେବେ। ଦଳଗୁଡ଼ିକ ୨ଟି ଗ୍ରୁପ୍‌ରେ ବାଣ୍ଟି ହୋଇ ଜଣକେ ୩ଟି ଲେଖାଏଁ ଲିଗ୍ ମ୍ୟାଚ୍ ଖେଳିବେ। ‘ଏ’ ଗ୍ରୁପ୍‌ରେ ଜଟଣୀ କ୍ରିକେଟ ଏକାଡେମୀ, ଓସ୍କାର ଭୁବନେଶ୍ୱର, ସୋଲାର କଟକ, ସନ୍‌ସାଇନ ପିପିଲି ଦଳ ଥିବାବେଳେ ‘ବି’ ଗ୍ରୁପ୍‌ରେ ରାଇଜିଙ୍ଗ ଷ୍ଟାର କଟକ, ଖୋର୍ଦ୍ଧା, ଆରଆରକେ, ଜେସିଏ ଦଳ ଅଛନ୍ତି ବୋଲି ଆୟୋଜନ କମିଟି ଜଟଣୀ କ୍ରିକେଟ ଏକାଡେମୀର ସଚିବ ମନୋହର ମେଣ୍ଡାଲି, ସଭାପତି ବେଣୁଧର ଦାସ, ଦୁଇ କୋଷାଧ୍ୟକ୍ଷ ସନ୍ତୋଷ ପଟ୍ଟନାୟକ ଓ ସନ୍ଦୀପ ପାଇକରାୟ ଏକ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି। ଏ ବର୍ଷ ଏହି କପ୍‌ର ଦ୍ୱିତୀୟ ସଂସ୍କରଣର ଫାଇନାଲ ଆସନ୍ତା ଜୁନ ୭ ତାରିଖରେ ହେବ।

## ଅରେଞ୍ଜ କ୍ୟାପ୍ ରେସ୍

# ବୈଭବ ସୂର୍ଯ୍ୟବଂଶୀ ନଂ-୧, ଟପ୍-୫ ଦୌଡ଼ରୁ ବାହାରିଲେ କୋହଲି

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୯ତମ ସିଜିନ ଶେଷ ହେବାକୁ ଯାଉଛି। ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଫାଇନାଲରେ ପହଞ୍ଚିଛି ଏବଂ ଦ୍ୱିତୀୟ ଫାଇନାଲିଷ୍ଟ କ୍ୱାଲିଫାୟର ୨ରେ ନିର୍ଣ୍ଣୟ ହେବ। ଏହି ମ୍ୟାଚ୍ ୨୯ ମେ’ରେ ଗୁଜରାଟ ଟାଇଟାନ୍ସ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯିବ। ବୁଧବାର ଏଲିମିନେଟରରେ ୯୭ ରନର ଐତିହାସିକ ଇନିଂସ ଖେଳିଥିବା ବୈଭବ ସୂର୍ଯ୍ୟବଂଶୀ ଅରେଞ୍ଜ କ୍ୟାପ୍ ରେସ୍‌ରୁ ବିରାଟ କୋହଲିଙ୍କୁ ଶ୍ରେଷ୍ଠ ପାଞ୍ଚରୁ ବାଦ୍ ଦେଇଛନ୍ତି।

ବିରାଟ କୋହଲି ପ୍ରଥମ କ୍ୱାଲିଫାୟରରେ ୪୩ ରନ କରି ଅରେଞ୍ଜ କ୍ୟାପ୍ ଦୌଡ଼ରେ ଚତୁର୍ଥ ସ୍ଥାନରେ ପହଞ୍ଚି ଯାଇଥିଲେ। ସେତେବେଳେ ସାଇ ସୁଦର୍ଶନଙ୍କ ପାଖରେ ଅରେଞ୍ଜ କ୍ୟାପ୍ ଥିଲା ଏବଂ ସେ ବହୁତ ସମୟ ଧରି ଲିଗ୍‌ର ପ୍ରମୁଖ ରନ ସ୍କୋରର ଥିଲେ। କିନ୍ତୁ ବର୍ତ୍ତମାନ ବୈଭବ ସୂର୍ଯ୍ୟବଂଶୀ ଅରେଞ୍ଜ କ୍ୟାପ୍ ରଖିଛନ୍ତି।

ଏଲିମିନେଟର ପରେ, ଆଇପିଏଲ ୨୦୨୬ରେ ସର୍ବାଧିକ ରନ ସ୍କୋରର ହେଉଛନ୍ତି ବୈଭବ ସୂର୍ଯ୍ୟବଂଶୀ, ଯିଏ ଏବେ ଅରେଞ୍ଜ କ୍ୟାପ ନେଇଛନ୍ତି। ବୈଭବ ୧୫ ଇନିଂସରେ ୬୮୦ ରନ କରିଛନ୍ତି, ଯେଉଁଥିରେ ଗୋଟିଏ ଶତକ ଏବଂ ଚାରୋଟି ଅର୍ଦ୍ଧଶତକ ସାମିଲ ଅଛି। ବୁଧବାର ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଏଲିମିନେଟର ମ୍ୟାଚ୍‌ରେ ସେ ୨୯ ବଲରେ ୯୭ ରନ କରିଥିଲେ, ସେହି ଇନିଂସରେ ୧୨ଟି ଛକା ମାରିଥିଲେ।

ଆଇପିଏଲ ୨୦୨୬ ଅରେଞ୍ଜ କ୍ୟାପ ଲିଡରବୋର୍ଡ (ଶ୍ରେଷ୍ଠ ୫) : ବୈଭବ ସୂର୍ଯ୍ୟବଂଶୀ (ଆରଆର)–୬୯୦, ସାଇ ସୁଦର୍ଶନ (ଜିଟି)–୬୫୨, ହେନରିଚ କ୍ଲାସେନ (ଏସଆରଏଚ୍)–୬୨୪, ଶୁବମନ ଗିଲ (ଜିଟି)–୬୧୮, ଇଶାନ କିଷାନ (ଏସଆରଏଚ୍)–୬୦୨।

ଏହି ସିଜିନରେ ସର୍ବାଧିକ ରନ ସ୍କୋରର ତାଲିକାରେ ବିରାଟ କୋହଲି ଷଷ୍ଠ ସ୍ଥାନରେ ଅଛନ୍ତି। ସେ ୧୫ ଇନିଂସରେ ୬୦୦ ରନ କରିଛନ୍ତି, ଯେଉଁଥିରେ ଗୋଟିଏ ଶତକ ଏବଂ ଚାରୋଟି ଅର୍ଦ୍ଧଶତକ ସାମିଲ ଅଛି। ଏହି ସିଜନରେ କୋହଲି ୨୨ଟି ଛକା ଏବଂ ୬୪ଟି ଚୌକା ମାରିଛନ୍ତି। ତଥାପି କୋହଲି ଅରେଞ୍ଜ କ୍ୟାପ୍ ଦୌଡ଼ରେ ବୈଭବ ସୂର୍ଯ୍ୟବଂଶୀଙ୍କଠାରୁ ୮୦ ରନ ପଛରେ ଅଛନ୍ତି।




# ଟିମ୍ ଇଣ୍ଡିଆରେ ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରବେଶ ନିଶ୍ଚିତ : ସୂର୍ଯ୍ୟ କୁମାର

**ନୂଆଦିଲ୍ଲୀ**

ଭାରତୀୟ ଟି–୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବୈଭବ ସୂର୍ଯ୍ୟବଂଶୀଙ୍କ ପାଇଁ ଏକ ହୃଦୟସ୍ପର୍ଶୀ ପୋଷ୍ଟ ଶେୟାର କରିଛନ୍ତି। ହାଇଦ୍ରାବାଦ ବିପକ୍ଷରେ ଏଲିମିନେଟର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳି ବୈଭବ ଦ୍ରୁତତମ ଆଇପିଏଲ ଶତକ ହାସଲ କରିବା ପାଇଁ ମାତ୍ର ୩ ରନ ପଛରେ ପଡ଼ିଯାଇଥିଲେ। ତଥାପି ତାଙ୍କର ମ୍ୟାଚ୍ ବିଜୟୀ ଇନିଂସ ସମୟରେ, ସେ ଗୋଟିଏ ଆଇପିଏଲ ସିଜିନରେ ସର୍ବାଧିକ ଛକା ମାରିବାର ରେକର୍ଡ ହାସଲ କରିବାରେ ସଫଳ ହୋଇଥିଲେ। ହାଇଦ୍ରାବାଦ ବିପକ୍ଷରେ, ବୈଭବ ମାତ୍ର ୨୯ ବଲରେ ୯୭ ରନର ଏକ ଧମାକାଦାର ଇନିଂସ ଖେଳିଥିଲେ, ଯେଉଁଥିରେ ୧୨ ଛକା ଏବଂ ୫ ଚୌକା ଥିଲା।

ସୂର୍ଯ୍ୟକୁମାର ଯାଦବ ବୈଭବ ସୂର୍ଯ୍ୟବଂଶୀଙ୍କ ପାଇଁ ଏକ ଟୁଇଟ ପୋଷ୍ଟ କରି ଲେଖିଛନ୍ତି: ‘ହତାଶ ହରାଅ ନାହିଁ ବନ୍ଧୁ! ଏହା କି ଏକ ଚମତ୍କାର ଇନିଂସ ଥିଲା – ତୁମେ ସମସ୍ତଙ୍କୁ ସମ୍ପୂର୍ଣ୍ଣ ଭାବରେ ନିଶ୍ୱାସ ଛାଡି ଦେଇଥିଲ। ତୁମେ ପ୍ରକୃତରେ ଜଣେ ଉଦୀୟମାନ ଷ୍ଟାର।’

‘ସୂର୍ଯ୍ୟ’ଙ୍କ ଏହି ପୋଷ୍ଟ ପରେ, ବୈଭବଙ୍କ ଅନ୍ତର୍ଜାତୀୟ ଡେବ୍ୟୁ ସମ୍ପର୍କରେ ଆଲୋଚନା ତୀବ୍ର ହେବା ଆରମ୍ଭ ହୋଇଛି। ଏହା ଉଲ୍ଲେଖନୀୟ ଯେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୯୭ ରନର ଇନିଂସ ଖେଳି ବୈଭବ ସମସ୍ତଙ୍କ ହୃଦୟ ଜିତିଛନ୍ତି, ସଚିନ ତେନ୍ଦୁଲକର ଏବଂ ମାଇକେଲ ଭନଙ୍କ ଠାରୁ ଆରମ୍ଭ କରି କ୍ରିସ୍ ଗେଲଙ୍କ ପର୍ଯ୍ୟନ୍ତ।

ଭନ୍ ପୂର୍ବରୁ ପରାମର୍ଶ ଦେଇଥିଲେ ଯେ, ୨୦୨୬ ଆଇପିଏଲ ସିଜିନ୍‌ରେ ତାଙ୍କର ନିର୍ଭୀକ ପ୍ରଦର୍ଶନକୁ ଦୃଷ୍ଟିରେ ରଖି, ଭାରତ ତାଙ୍କୁ ତୁରନ୍ତ ବରିଷ୍ଠ ଜାତୀୟ ଦଳରେ ସାମିଲ କରିବା ବିଷୟରେ ବିଚାର କରିବା ଉଚିତ। ଉଲ୍ଲେଖନୀୟ ଯେ, ସୂର୍ଯ୍ୟବଂଶୀ ୨୦୨୬ ଆଇପିଏଲରେ ୪୫ ହାରାହାରି ୬୮୦ ରନ ସଂଗ୍ରହ କରିସାରିଛନ୍ତି, ଏହି ସମୟ ମଧ୍ୟରେ ୨୪୨ର ଏକ ଆଶ୍ଚର୍ଯ୍ୟଜନକ ଷ୍ଟ୍ରାଇକ୍ ରେଟ୍ ବଜାୟ ରଖିଛନ୍ତି।

ବୈଭବଙ୍କ ମଧ୍ୟରେ, ଭାରତୀୟ କ୍ରିକେଟ ଭବିଷ୍ୟତର ନୂତନ ସୁପରଷ୍ଟାର ପାଇଛି। ଚଳିତ ସିଜିନରେ, ସେ ୨୪୨ର ଷ୍ଟ୍ରାଇକ୍ ରେଟ୍‌ରେ ରନ କରିଛନ୍ତି। କୋହଲି ଏବଂ ରୋହିତ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ଅବସର ନେଇସାରିଥିବା ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ କ୍ୟାରିଅର ଶେଷ ପର୍ଯ୍ୟାୟରେ ପ୍ରବେଶ କରିବା ସହିତ, ବୈଭବଙ୍କ ଖେଳରେ ପରବର୍ତ୍ତୀ ବଡ଼ ବ୍ରାଣ୍ଡ ଭାବରେ ଉଭା ହେବାର ସମ୍ଭାବନା ଅଛି। ଚୟନକର୍ତ୍ତା ଏବଂ ପ୍ରଶିକ୍ଷକଙ୍କ ସମ୍ମୁଖରେ ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି : ବୈଭବଙ୍କ ପାଇଁ ସ୍ଥାନ ପାଇବା ପାଇଁ ସେମାନେ କେଉଁ ଖେଳାଳିଙ୍କୁ ଭାରତୀୟ ଟି–୨୦ ଦଳରୁ ବାଦ୍ ଦେବାକୁ ନିଷ୍ପତ୍ତି ନେବେ? ବୈଭବଙ୍କୁ ଏବେ କ୍ରିକେଟର ‘ପେଲେ’ ଭାବରେ ପ୍ରଶଂସା କରାଯାଉଛି।




# ଆଇସିସି ଟେଷ୍ଟ୍ ମାନ୍ୟତା : ଶୀର୍ଷରେ ବୁମ୍‌ରା

**ନୂଆଦିଲ୍ଲୀ**



ସଦ୍ୟତମ ଆଇସିସି ଟେଷ୍ଟ୍ ମାନ୍ୟତାରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ନିଜର ଶୀର୍ଷ ମାନ୍ୟତା ବଜାୟ ରଖିଛନ୍ତି। ଭାରତ ଚଳିତ ବର୍ଷ ଏପର୍ଯ୍ୟନ୍ତ ଆଦୌ ଟେଷ୍ଟ୍ ଖେଳି ନଥିଲେ ବି ବୁମ୍‌ରା ୮୭୯ ପଏଣ୍ଟ୍ ସହ ନିଜର ଶୀର୍ଷସ୍ଥାନ ସୁରକ୍ଷିତ ରଖିଛନ୍ତି। ବୋଲିଂ ମାନ୍ୟତାରେ ଅଷ୍ଟ୍ରେଲିଆର ମିଚେଲ୍ ଷ୍ଟାର୍କ ଦ୍ୱିତୀୟ ଓ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନେରି ତୃତୀୟ ସ୍ଥାନରେ ରହିଛନ୍ତି। ତେବେ ବ୍ୟାଟିଂ ମାନ୍ୟତାରେ ଇଂଲଣ୍ଡର ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍ ପ୍ରଥମ ଦୁଇଟି ସ୍ଥାନରେ ଥିବାବେଳେ ଭାରତର ଯଶସ୍ୱୀ ଜୟସ୍ୱାଲ ଅଷ୍ଟମ ଓ ଶୁବମନ ଗିଲ୍ ନବମ ସ୍ଥାନରେ ରହିଛନ୍ତି। ତେବେ ନିକଟରେ ଘରୋଇ ମାଟିରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ୍ ଶୃଙ୍ଖଳା ଜିତିଥିବା ବାଂଲାଦେଶର ଖେଳାଳି ମୁସ୍ତାଫିକୁର ରହିମ୍ ଓ ଲିଟନ ଦାସଙ୍କ ଟେଷ୍ଟ୍ ମାନ୍ୟତାରେ ଉଲ୍ଲେଖନୀୟ ଉନ୍ନତି ଆସିଛି। ରହିମ୍ ବ୍ୟାଟିଂ ମାନ୍ୟତାରେ ୧୦ଟି ପାହାଚ ଉପରକୁ ଉଠି ୧୬ତମ ସ୍ଥାନରେ ପହଞ୍ଚିଛନ୍ତି। ସେହିପରି ଲିଟନ୍ ୧୪ଟି ପାହାଚ ଉପରକୁ ଉଠି ୨୪ତମ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂ ମାନ୍ୟତାରେ ବାଂଲା ବୋଲର ତାଇଜୁଲ ଇସ୍ଲାମ ନିଜ କ୍ୟାରିୟରର ସର୍ବୋଚ୍ଚ ସ୍ଥାନ ୧୨ରେ ପହଞ୍ଚିଛନ୍ତି। ମେହେଦି ହାସାନ ମିରାଜ୍ ୨୫ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଅଷ୍ଟ୍ରେଲିଆ ବିଶ୍ୱର ନଂ୧ ଟେଷ୍ଟ୍ ଦଳ ଥିବାବେଳେ ଦକ୍ଷିଣ ଆଫ୍ରିକା ଓ ଭାରତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ବାଂଲାଦେଶ ଦୁଇ ସୋପାନ ଉପରକୁ ଉଠି ସପ୍ତମରେ ପହଞ୍ଚିଛି।

# ଫ୍ରେଞ୍ଚ ଓପନରେ ଇତିହାସ ରଚିଲେ ମୋୟସେ କୁଆମେ

**ନୂଆଦିଲ୍ଲୀ**



ଫ୍ରେଞ୍ଚ ଓପନ ୨୦୨୬ରେ ୱାଇଲ୍ଡ କାର୍ଡ ଜରିଆରେ ପ୍ରବେଶ କରିଥିବା ୧୭ ବର୍ଷୀୟ କିଶୋର ମୋୟସେ କୁଆମେ ଟୁର୍ଣ୍ଣାମେଣ୍ଟରେ ନିଜର ପ୍ରଥମ ବିଜୟ ହାସଲ କରି ଇତିହାସ ରଚିଛନ୍ତି। ଏହି ଯୁବ ଫରାସୀ ଷ୍ଟାର୍ ପୂର୍ବତନ ୟୁଏସ୍ ଓପନ ଚାମ୍ପିଅନ ମାରୀନ ସିଲିଚ୍‌ଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରି ଗ୍ରାଣ୍ଡ ସ୍ଲାମ୍ ମଞ୍ଚରେ ଚମତ୍କାର ଡେବ୍ୟୁ କରିଛନ୍ତି ଏବଂ ଏକ ବିରଳ ରେକର୍ଡ ମଧ୍ୟ ନିଜ ନାମରେ କରିଛନ୍ତି। ୧୭ ବର୍ଷୀୟ ଏହି ଫରାସୀ ଖେଳାଳି ସିଲିଚ୍‌ଙ୍କୁ ୭–୬(୪), ୬–୨, ୬–୧ ରେ ପରାସ୍ତ କରି ଏକ ବଡ଼ ଉଲଟଫେର ଘଟାଇଛନ୍ତି। ରୋଲା ଗ୍ୟାରୋରେ ଘରୋଇ ଦର୍ଶକଙ୍କ ଭରପୂର ସମର୍ଥନ ମଧ୍ୟରେ କୁଆମେ ଅତ୍ୟନ୍ତ ପରିପକ୍ୱ ଖେଳ ପ୍ରଦର୍ଶନ କରିଥିଲେ। ବିଶ୍ୱ ମାନ୍ୟତାର ୩୧୮ତମ ସ୍ଥାନରେ ଥିବା କୁଆମେ, ୨୦୦୮ କିମ୍ବା ତା’ପରେ ଜନ୍ମଗ୍ରହଣ କରିଥିବା ପ୍ରଥମ ପୁରୁଷ ଖେଳାଳି ବନିଛନ୍ତି। ଯିଏ କୌଣସି ଗ୍ରାଣ୍ଡ ସ୍ଲାମ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି। ଏହାସହ ମୋୟସେ କୁଆମେ ୧୯୯୧ ମସିହା ପରେ ରୋଲା ଗ୍ୟାରୋ (ଫ୍ରେଞ୍ଚ ଓପନ) ରେ ମ୍ୟାଚ୍ ଜିତିଥିବା ସବୁଠାରୁ ଯୁବ ଫରାସୀ ଖେଳାଳିର ଗୌରବ ମଧ୍ୟ ଅର୍ଜନ କରିଛନ୍ତି।

# ଭଙ୍ଗା ହେଲା ମେସିଙ୍କ ୭୦ ଫୁଟ ଉଚ୍ଚତାର ମୂର୍ତ୍ତି

**କୋଲକାତା**

କୋଲକାତାରେ ନିର୍ମାଣ କରାଯାଇଥିବା ଆର୍ଜେଣ୍ଟିନାର ମହାନ ଫୁଟ୍‌ବଲ୍ ତାରକା ଲିଓନେଲ ମେସିଙ୍କ ଏକ ୭୦ ଫୁଟ ଉଚ୍ଚର ମୂର୍ତ୍ତିକୁ ଭାଙ୍ଗି ଦିଆଯାଇଛି। ସୁରକ୍ଷା କାରଣରୁ ଏଭଳି କରାଯାଇଥିବା ସେଠାକାର ନୂଆ ସରକାର ସୂଚନା ଦେଇଛନ୍ତି। ଏହି ମୂର୍ତ୍ତିଟି ମେସିଙ୍କ ବହୁ ଚର୍ଚ୍ଚିତ ଭାରତ ଗସ୍ତ ବେଳେ ନିର୍ମାଣ କରାଯାଇଥିଲା। ଏଥିଲାଗି ୨୭ ଦିନର ସମୟ ଲାଗିଥିଲା। ତେବେ ଟିକିଏ ବି ଜୋରରେ ପବନ ବହିଲେ ମୂର୍ତ୍ତିଟି ହଲୁଥିବାରୁ ଏହାକୁ କୋଲକାତା ନଗର ନିଗମ ବିପଦପୂର୍ଣ୍ଣ ଶ୍ରେଣୀରେ ସାମିଲ କରିଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଗତ ସୋମବାର ଆନୁଷ୍ଠାନିକ ଭାବେ ମୂର୍ତ୍ତିଟିକୁ ଭାଙ୍ଗି ଦିଆଯାଇଥିଲା। ଏହି ସମୟରେ ବିରୋଧ ଓ ବିକ୍ଷୋଭର ଆଶଙ୍କା କରି ପାଖାପାଖି ୫,୦୦୦ ପୁଲିସକର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଭାରତକୁ ସେମି ତାଙ୍କ ବିବାଦୀୟ ‘ଗୋଟ୍’ କାର୍ଯ୍ୟକ୍ରମ ଅନ୍ତର୍ଗତ କୋଲକାତା, ହାଇଦ୍ରାବାଦ, ମୁମ୍ବାଇ ଓ ଦିଲ୍ଲୀ ଗସ୍ତ କରିଥିଲେ। ଅନ୍ୟ ସବୁସ୍ଥାନରେ ତାଙ୍କ କାର୍ଯ୍ୟକ୍ରମ ସୁରୁଖୁରୁରେ ଶେଷ ହୋଇଥିଲା। ହେଲେ କୋଲକାତାରେ ଘୋର ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ଏପରିକି ତାଙ୍କର ଟିକିଏ ବି ଝଲକ ନମିଳିବାରୁ ପ୍ରଶଂସକମାନେ ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ଭଙ୍ଗାରୁଜା କରିବା ସହ ଚେୟାର ଟେବୁଲ୍ ଫିଙ୍ଗାଫିଙ୍ଗି କରିଥିଲେ। ଗତକିଛି ଦିନ ତଳେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ପଶ୍ଚିମବଙ୍ଗର ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଅରୂପ ବିଶ୍ୱାସଙ୍କ ପାଇଁ ଏଭଳି ଲଜ୍ଜାଜନକ ଘଟଣା ଘଟିଥିଲା ବୋଲି ଅଭିଯୋଗ କରିଥିଲେ।



# ଗୋଆର ସେସା ଫୁଟବଲ୍ ଏକାଡେମୀରୁ ସ୍କଲାରସିପ୍ ପାଇଲେ ଯାଜପୁରର ଲକ୍ଷ୍ମୀ ମୁର୍ମୁ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଶାଳିଜଙ୍ଗା ପଞ୍ଚାୟତର ଭାଲୁବସା ଗ୍ରାମର ଅଷ୍ଟମ ଶ୍ରେଣୀର ଛାତ୍ରୀ ଲକ୍ଷ୍ମୀ ମୁର୍ମୁ ନିଜ ଫୁଟବଲ ପ୍ରତିଭା ପାଇଁ ସେ ଗୋଆର ପଞ୍ଜିମ ସ୍ଥିତ ପ୍ରତିଷ୍ଠିତ ‘ସେସା ଫୁଟବଲ୍ ଏକାଡେମୀ’ (ଏସଏଫଏ)ରେ ଚାରି ବର୍ଷିଆ ଆବାସିକ ସ୍କଲାରସିପ୍ ପାଇଛନ୍ତି। ଭାରତର ଶ୍ରେଷ୍ଠ ଯୁବ ଫୁଟବଲ ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ମୁଖ୍ୟ ଧାରାର ଖେଳାଳି ଭାବେ ଗଢ଼ିତୋଳିବାରେ ଏହି ଏକାଡେମୀ ଏକ ପ୍ରମୁଖ ଅନୁଷ୍ଠାନ ଭାବେ ବେଶ୍ ପ୍ରତିଷ୍ଠିତ।

ତୃତୀୟ ଶ୍ରେଣୀରେ ପଢୁଥିବା ସମୟରୁ ହିଁ ଲକ୍ଷ୍ମୀ ଖେଳକୁଦ ପ୍ରତି ଆଗ୍ରହୀ ଥିଲେ। ପରେ ତାଙ୍କ ଘରଠାରୁ ପ୍ରାୟ ୫ କିଲୋମିଟର ଦୂରରେ ଥିବା ଟାଟା ଷ୍ଟିଲ୍ ଫାଉଣ୍ଡେସନର ‘ବାଘୁଆପାଳ ଗ୍ରାସରୁଟ୍ ଫୁଟବଲ୍ ଟ୍ରେନିଂ ସେଣ୍ଟର’ ବିଷୟରେ ଜାଣିବା ପରେ ତାଙ୍କର ଫୁଟବଲ ପ୍ରତି ଆଗ୍ରହ ଓ ଭଲପାଇବା ଆହୁରି ବଢ଼ିଯାଇଥିଲା। ସେଠାରେ ଅନ୍ୟ ଝିଅମାନଙ୍କୁ ତାଲିମ ନେଉଥିବାର ଦେଖି ସେ ଅନୁପ୍ରାଣିତ ହୋଇଥିଲେ। ଏହାପରେ ସେ ନିଜ ପାଠପଢ଼ା ଏବଂ ଖେଳ ଉଭୟକୁ ଗୁରୁତ୍ୱ ଦେଇ ପ୍ରତିଦିନ କଠିନ ଅଭ୍ୟାସ କରୁଥିଲେ।

ତାଙ୍କ ସଫଳତାର ପ୍ରତିଟି ପାହାଚ ଚ୍ୟାଲେଞ୍ଜ ଭରା ଥିଲା। କ୍ୟାରିୟରର ପ୍ରାରମ୍ଭରେ ସ୍ଥାନୀୟ ଅଞ୍ଚଳରେ ଜଣେ ଝିଅ ପିଲା ହୋଇ ଫୁଟବଲ ଖେଳୁଥିବାରୁ ବେଶ୍ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ। ପରିବାରର ଇଚ୍ଛା ବିରୁଦ୍ଧରେ ଯାଇ ଲକ୍ଷ୍ମୀଙ୍କୁ ଲୁଚି ଲୁଚି ଖେଳିବାକୁ ପଡୁଥିଲା। ନିଜର ପୋଷାକ (ଜର୍ସି) ଓ ଖେଳ ପାଇଁ ସେ ସ୍ଥାନୀୟ ଲୋକଙ୍କ ଆକ୍ଷେପର ଶିକାର ହେଉଥିଲେ। କିନ୍ତୁ ତାଙ୍କର ଦୃଢ଼ ସଂକଳ୍ପ ଦ୍ୱାରା ଶେଷରେ ସେ ତାଙ୍କ ପିତା ରାମ ମୁର୍ମୁଙ୍କ ହୃଦୟ ଜିତିପାରିଥିଲେ। ସମାଜର ଅଙ୍ଗୁଳି ନିର୍ଦ୍ଦେଶ ସତ୍ତ୍ୱେ ସେ ଝିଅର ସବୁଠାରୁ ବଡ଼ ସାହସ ପାଲଟିଗଲେ। ଲକ୍ଷ୍ମୀଙ୍କ ଭାଗ୍ୟ ସେତେବେଳେ ବଦଳିଲା, ଯେତେବେଳେ ‘ସେସା ଫୁଟବଲ୍ ଏକାଡେମୀ’ର ଜାତୀୟ ସ୍କାଉଟ୍ (ପ୍ରତିଭା ଚୟନକାରୀ)ମାନେ ତାଙ୍କ ଭିତରେ ଥିବା ପ୍ରତିଭାକୁ ଚିହ୍ନିପାରିଲେ।



ଏହି ସଫଳତାରେ ଲକ୍ଷ୍ମୀ ଖୁସି ବ୍ୟକ୍ତ କରି କହିଛନ୍ତି, ‘ମତେ କୁହାଗଲା ଯେ ମୁଁ ଚାରି ବର୍ଷର ଆବାସିକ ସ୍କଲାରସିପ୍ ପାଇଁ ମନୋନୀତ ହୋଇଛି। ଏହା ଏକ ବଡ଼ ସୁଯୋଗ, ଏବଂ ମୁଁ ଚାହୁଁଛି ଯେ ଅନ୍ୟ ଝିଅମାନେ ମଧ୍ୟ ଜାଣନ୍ତୁ ଯେ ଯଦି ସେମାନେ ଖେଳ ପ୍ରତି ନିଜକୁ ଉତ୍ସର୍ଗ କରନ୍ତି ତେବେ ସେମାନେ ମଧ୍ୟ ଏପରି ସୁଯୋଗ ପାଇପାରିବେ।

ଲକ୍ଷ୍ମୀ ଆସନ୍ତା ଜୁନ୍ ୧, ୨୦୨୬ ରେ ଏହି ଏକାଡେମୀରେ ଯୋଗଦେବେ। ସେଠାରେ ତାଙ୍କୁ ଶିକ୍ଷା, ବୃତ୍ତିଗତ ପ୍ରଶିକ୍ଷଣ, ରହିବା–ଖାଇବା, ଖେଳ ସରଞ୍ଜାମ, ମେଡିକାଲ୍ ଇନସୁରାନ୍ସ ଏବଂ ବାର୍ଷିକ ଘରକୁ ଯିବା ଆସିବା ପାଇଁ ଯାତ୍ରା ଖର୍ଚ୍ଚ ସହ ସମସ୍ତ ସୁବିଧା ଯୋଗାଇ ଦିଆଯିବ। ତାଙ୍କର ଏହି ସଫଳତା ଟାଟା ଷ୍ଟିଲ୍ ଫାଉଣ୍ଡେସନର ଗ୍ରାସରୁଟ୍ କ୍ରୀଡ଼ା କାର୍ଯ୍ୟକ୍ରମ ଦ୍ୱାରା ସମ୍ଭବ ହୋଇପାରିଛି। ଯାହା ପାରମ୍ପରିକ ସାମାଜିକ ପ୍ରତିବନ୍ଧକକୁ ଦୂର କରି ଗ୍ରାମାଞ୍ଚଳର ଯୁବପିଢ଼ିଙ୍କ ପାଇଁ ଉତ୍ତମ ମାର୍ଗ ସୃଷ୍ଟି କରୁଛି। ଆଜି ଲକ୍ଷ୍ମୀ ଆଶାର ପ୍ରତୀକ ସାଜିଛନ୍ତି, ଏବଂ ପ୍ରମାଣ କରିଛନ୍ତି ଯେ ସୁଯୋଗ ଓ ପ୍ରୋତ୍ସାହନ ମିଳିଲେ ଭାରତର ସବୁ ଗ୍ରାମାଞ୍ଚଳରୁ ଅସାଧାରଣ ପ୍ରତିଭା ବିକଶିତ ହୋଇପାରିବେ।

# କଟକରେ ଶାନ୍ତି ଶୃଙ୍ଖଳା ସହ ପାଳନ ହେଲା ‘ବକ୍ରି ଇଦ୍’

**କଟକ, ନ୍ୟୁଜ୍‌ବ୍ୟୁରୋ**

ଇସଲାମ ଧର୍ମରେ ‘ଇଦ୍ ଉଲ୍ ଜୁହା’ ହେଉଛି ତ୍ୟାଗ ଓ ସମର୍ପଣର ପର୍ବ। କଟକ ସହରରେ ଥିବା ସମସ୍ତ ମସଜିଦ ଯଥା:- କଦମ୍ ଏ ରସୁଲ୍, ଛୋଟି ମସଜିଦ ଓ ଇଦଗାହରେ ‘ଇଦ୍ ଉଲ୍ ଜୁହା’ ପାଇଁ ସମୁହ ନମାଜ ପାଠ କରାଯାଇଛି। ଏହି ପର୍ବରେ ନ୍ୟାୟ ଓ ଧର୍ମ ପାଇଁ ନିଜର ସବୁ କିଛି ତ୍ୟାଗ କରିବା ପାଇଁ ସଙ୍କଳ୍ପ ନେଇଥାଆନ୍ତି ମୁସଲିମ ଭାଇ, ଭଉଣୀମାନେ। ଏହି ଅବସରରେ ଭାଇଚାରାର ସହର କଟକରେ ବିଭିନ୍ନ ମସ୍‌ଜିଦ ଗୁଡ଼ିକରେ ବିଶ୍ୱ ଶାନ୍ତି ପାଇଁ ଶାନ୍ତି ଶୃଙ୍ଖଳାର ସହ ସମୁହିକ ନମାଜ ପାଠ କରାଯାଇଛି। ତ୍ୟାଗ ଓ ସମର୍ପଣର ଏହି ପର୍ବକୁ ପାଳନ କରିବା ପାଇଁ ଭାଇଚାରାର ସହର କଟକ ସହରରେ ଥିବା ସମସ୍ତ ଛୋଟ ବଡ଼ ମସଜିଦରେ ନମାଜ ପାଠ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ବିଶେଷ କରି କଦମ-ଏ-ରସୁଲ ଓ ଇଦ୍‌ଘା ପଡ଼ିଆରେ ଇଦର ନମାଜ ପାଠ ପାଇଁ ବ୍ୟାପକ ଆୟୋଜନ କରାଯାଇଥିଲା। ଇଦ୍‌ଘା ପଡ଼ିଆରେ ଶେଷ ନମାଜ ପାଠ ହେଉଥିବାରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସେଠାରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ପ୍ରାୟ ୭ ହଜାର ମୁସଲିମ ଭାଇମାନେ ଏଠାରେ ପ୍ରାର୍ଥନା କରିଥିଲେ। ଏପରିକି ଅନେକ ରାସ୍ତାରେ ବସି ମଧ୍ୟ ନମାଜ ପାଠ କରିଥିଲେ। ସବୁଠାରୁ ବଡ଼ କଥା ହେଉଛି କେବଳ ମୁସଲିମ ନୁହେଁ ବରଂ ବିଭିନ୍ନ ଧର୍ମର ଲୋକମାନେ ଏହି ପର୍ବରେ ସାମିଲ ହୋଇଥିଲେ। କିଛି ହିନ୍ଦୁମାନେ ମସଜିଦ ଆଗରେ ଲସି ସର୍ବତ ଆଦି ବାଣ୍ଟୁଥିଲେ। ଏହି ଭାଇଚାରା ପରମ୍ପରା କେବଳ କଟକରେ ହିଁ ଦେଖିବାକୁ ମିଳିଥାଏ। ହିନ୍ଦୁମାନେ ମୁସଲିମ ଶ୍ରଦ୍ଧାଳୁମାନଙ୍କୁ ସର୍ବତ ଦେଇଥିଲେ। ସେମାନେ ମଧ୍ୟ ହିନ୍ଦୁମାନଙ୍କ ହାତରୁ ବେଶ୍ ଖୁସିର ସହ ସର୍ବତ ପିଇଥିଲେ। ତେବେ କଟକ ସବୁବେଳେ ଭାଇଚାରାର ଉଦାହରଣ ସୃଷ୍ଟି କରିଥାଏ ବୋଲି ଇଦଘା ପରିଚାଳନା କମିଟିର ମୁଖ୍ୟ ଉପଦେଷ୍ଟା ରାମଜାନ ଖାନ୍ କହିଛନ୍ତି। ଏହି ପର୍ବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ କମିଶନରେଟ୍ ପୋଲିସ ମଧ୍ୟ ବ୍ୟାପକ ପ୍ରସ୍ତୁତି କରିଥିଲା। ଏହି ଅବସରରେ ଟ୍ରାଫିକ ନିୟନ୍ତ୍ରଣ ତଥା ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସହରରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ବାଇକ୍ ପାଟ୍ରୋଲିଂ ମଧ୍ୟ କଡ଼ାକଡ଼ି କରାଯାଇଛି। ଯେପରି କୌଣସି ଅଘଟଣ ନ ଘଟେ ସେଥିପ୍ରତି ପୋଲିସ କଡ଼ା ନଜର ରଖିଥିବା କହିଛନ୍ତି କଟକ ଡିସିପି ରଷିକେଶ ଡି. ଖିଲାରୀ।

# ଜାମାଇକାଠୁ ସେମିରେ ହାରିଲା ଭାରତ



**ଲଣ୍ଡନ**

ଭାରତୀୟ ଫୁଟ୍‌ବଲ୍ ଦଳ ଏଠାରେ ଆୟୋଜିତ ୟୁନିଟି କପ୍‌ର ସେମିଫାଇନାଲ୍‌ରେ ଜାମାଇକାଠାରୁ ୦–୨ ଗୋଲ୍‌ରେ ପରାସ୍ତ ହୋଇ ବିଦାୟ ନେଇଛି। ନିର୍ଦ୍ଧାରିତ ସମୟରେ ଭାରତୀୟ ଖେଳାଳିମାନେ ଗୋଟିଏ ହେଲେ ବି ଗୋଲ୍ ଦେଇ ପାରି ନଥିଲେ। ଅନ୍ୟପକ୍ଷରେ ଜାମାଇକା ପକ୍ଷରୁ କର୍ଟନି କ୍ଲାର୍କ ଓ କହେମିମ୍ ଡିକ୍ସନ ଗୋଲ୍ ଦେଇ ଥିଲେ। ଭାରତ ଏବେ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ଜିମ୍ବାୱେର ମୁକାବିଲା କରିବ। ଏକାଧିକ ସୁଯୋଗ ହାତଛଡ଼ା କରିବା ହିଁ ଭାରତୀୟ ଦଳ ପରାଜୟର ମୁଖ୍ୟ କାରଣ ଥିଲା। ବିଗତ କିଛି ମାସ ହେବ ଭାରତୀୟ ଦଳ ଲଗାତାର ଖରାପ ପ୍ରଦର୍ଶନ କରି ଆସୁଥିବାରୁ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାର ସେମି ଫାଇନାଲ୍ ଯିବାକୁ ମଧ୍ୟ ଏକ ଭଲ ସଫଳତା ଭାବେ ଫୁଟ୍‌ବଲ ପ୍ରେମୀ ବିବେଚନା କରୁଛନ୍ତି।

## ବରଗଡ଼ ଧନୁଯାତ୍ରା ତୋରଣରେ ବ୍ୟାପକ ଅନିୟମିତତା

# ଭିଜିଲାନ୍ସ ତଦନ୍ତ ଦାବି କଲେ ସାଂସଦ ପ୍ରଦୀପ ପୁରୋହିତ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ପିଡବ୍ଲୁଡି ଡିଭିଜନ ଅଧୀନରେ ଧନୁଯାତ୍ରା ଗେଟ୍ ନିର୍ମାଣରେ ଦୁର୍ନୀତି, ନିମ୍ନମାନର କାମ ଏବଂ ଅଫଲାଇନ୍ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ପାଇଁ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଗତ ଧନୁଯାତ୍ରା ମହୋତ୍ସବ ସମୟରେ ଥାନା ଛକଠାରେ ଚଡଉ ବିଭାଗ ଦ୍ୱାରା ନିର୍ମିତ ଧନୁଯାତ୍ରା ଗେଟ୍ ଭାଙ୍ଗି କ୍ଷତିଗ୍ରସ୍ତ ହୋଇଛି। ଏହି ଗେଟ୍ ଭାଙ୍ଗିବା ଯୋଗୁଁ ଦୁଇ ଜଣ ବ୍ୟକ୍ତି ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ନୂଆ ନିର୍ମାଣ ହୋଇଥିବା ଗେଟ୍ ଏଭଳି ଭାଙ୍ଗିଯିବା ସରକାରୀ ପାଣ୍ଠିର ଅପବ୍ୟବହାର, ନିମ୍ନମାନର ସାମଗ୍ରୀ ବ୍ୟବହାର ଏବଂ ଚରମ ଅବହେଳାକୁ ଦର୍ଶାଉଛି ବୋଲି କହିଛନ୍ତି ବରଗଡ଼ ସାଂସଦ। ଧନୁଯାତ୍ରା ବିଶ୍ୱର ସବୁଠାରୁ ବଡ଼ ମୁକ୍ତାକାଶ ରଙ୍ଗମଞ୍ଚ ଭାବେ ଜଣାଶୁଣା। ଏଭଳି ଘଟଣା ଜନସାଧାରଣଙ୍କ ସୁରକ୍ଷାକୁ ବିପଦରେ ପକାଇବା ସହ ରାଜ୍ୟ ସରକାରଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରୁଛି। ସାଂସଦ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନର ବିଜେପି ସରକାର ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ପାଇଁ ପ୍ରତିଶ୍ରୁତିବଦ୍ଧ। ତେଣୁ ଏହି ଘଟଣାରେ ତୁରନ୍ତ ଆଇସିଏସର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହାସହ ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ମଧ୍ୟ ଚିଠି ଲେଖିଛନ୍ତି ପ୍ରଦୀପ ପୁରୋହିତ। ବରଗଡ଼ ପୂର୍ତ୍ତ ବିଭାଗ ଅଧୀନରେ ଧନୁଯାତ୍ରା ଗେଟ୍‌ର ନିମ୍ନମାନର ନିର୍ମାଣ, ଦୁର୍ନୀତି ଏବଂ ଅଫ୍‌ଲାଇନ୍ ଟେଣ୍ଡର ପ୍ରକ୍ରିୟାରେ ହୋଇଥିବା ଅନିୟମିତତାର ଭିଜିଲାନ୍ସ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଗତ ଧନୁଯାତ୍ରା ମହୋତ୍ସବ ସମୟରେ ବରଗଡ଼ ଥାନା ଛକଠାରେ ନିର୍ମିତ ‘ଧନୁଯାତ୍ରା ଗେଟ୍’ ଭାଙ୍ଗିଯିବା/କ୍ଷତିଗ୍ରସ୍ତ ହେବା ଘଟଣା ପ୍ରତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ନିକଟରେ ନିର୍ମିତ ଏକ ଗେଟ୍ ଏଭଳି ଭାବେ ଭାଙ୍ଗିଯିବା ଦର୍ଶାଉଛି ଯେ ଏଥିରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଛି, ସରକାରୀ ପାଣ୍ଠିର ଅପବ୍ୟୟ ହୋଇଛି ଏବଂ ସୁରକ୍ଷା ବ୍ୟବସ୍ଥା ସହ ବୁଝାମଣା କରାଯାଇଛି। ଦୁର୍ଘଟଣାରେ ୨ ଜଣ ବ୍ୟକ୍ତି ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଭିଡ଼ କମ୍ ଥିବା ସମୟରେ ଏହା ଘଟିଥିବାରୁ ବଡ଼ ବିପଦ ଏଡ଼ିଯାଇଛି, ନଚେତ୍ ଅନେକ ଜୀବନ ଯାଇଥାନ୍ତା। ଧନୁଯାତ୍ରା ହେଉଛି ବିଶ୍ୱର ସବୁଠାରୁ ବଡ଼ ମୁକ୍ତାକାଶ ରଙ୍ଗମଞ୍ଚ। ଅଫ୍‌ଲାଇନ୍ ଟେଣ୍ଡରରେ ଅନିୟମିତତା ହୋଇଥିବା ସେ ଚିଠିରେ ଉଲ୍ଲେଖ କରିଛନ୍ତି, ବରଗଡ଼ ପୂର୍ତ୍ତ ବିଭାଗର ଅଫ୍‌ଲାଇନ୍ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ଆର୍ଥିକ ଅନିୟମିତତା ହୋଇଥିବା ସନ୍ଦେହ କରାଯାଉଛି। ତେଣୁ ଘଟଣାରେ ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ସାଂସଦ ପ୍ରଦୀପ ପୁରୋହିତ କହିଛନ୍ତି।

E-Mail:rw.kamakhyanagar@yahoo.co.in

**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal.**
**Kamakhyanagar**

25001/265/2627

**e-procurement Notice No 04 / Building Work / 2026-27**

| | | |
|---|---|---|
| 1. | Name of the work | : Building Work |
| 2. | Total No. of Works | : 01 (one)No |
| 3. | Tender Cost | : Rs.45.84 lakhs |
| 4. | Class Contractor | : C & B equivalent |
| 5. | Period of Completion | : 6 calendar months |
| 6. | Availability of Tender online for bidding | : 02.06.2026 at 11.00 A.M to 09.06.2026 up to 5.00 P.M |
| 7. | Last Date & Time of seeking tender clarification | : 08.06.2026 up to 4.00 PM |
| 8. | Date & Time of opening of Bid | : 10.06.2026 at 11.00 A.M |

Other Details can be seen from the website http://tendersorissa.gov.in.

Sd/- Superintending Engineer
Rural Works Division-II, Dkl
Kamakhyanagar

OIPR-25001/25094/1/26-27/0004





# ଓସିଏସ୍ ଟପ୍ପର ବୁବୁନ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ବୁବୁନ ସାହୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନରେ ସମ୍ବର୍ଦ୍ଧିତ କରିଛନ୍ତି । ଭଲ ପ୍ରଶାସକ ସହ ଜଣେ ଭଲ ମଣିଷ ଭାବେ ନିଜକୁ ଗଢ଼ି ତୋଳିବାକୁ ମୁଖ୍ୟମନ୍ତ୍ରୀ ବୁବୁନଙ୍କୁ ପରାମର୍ଶ ଦେଇଥିଲେ । ଏହି ସଫଳତା ପାଇଁ ମଖ୍ୟମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ବୁବୁନଙ୍କ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ । ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା-୨୦୨୪ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ତୋଲଙ୍କପଡ଼ା ଗାଁ'ର ବୁବୁନ ସାହୁ । ବୁବୁନଙ୍କ ଏହି ଉଲ୍ଲେଖନୀୟ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଲୋକସେବା ଭବନରେ ବୁବୁନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଜନସେବା ହେଉଛି ପ୍ରଶାସନର ମୂଳ ଲକ୍ଷ୍ୟ । ଲୋକଙ୍କ ମଙ୍ଗଳ, ସୁଶାସନ ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ସରକାରୀ ସେବା ପହଞ୍ଚାଇବାକୁ ଅଧିକ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଏହା ସହିତ ସମାଜର ଶିଶୁ, ମହିଳା ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ସମର୍ପିତ ହୋଇ କାମ କରିବାକୁ ପରାମର୍ଶ ଦେଇଛନ୍ତି । ଜଣେ ଭଲ ପ୍ରଶାସକ ସହ ଜଣେ ଭଲ ମଣିଷ ଭାବେ ନିଜକୁ ଗଢ଼ି ତୋଳିବାକୁ ବୁବୁନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ବୁବୁନଙ୍କ ପିତା ଭଗବାନ ସାହୁ ଜଣେ କୃଷକ । ମାତା କୁଞ୍ଜଲତା ସାହୁ ଗୃହିଣୀ । ପୁଅର ଏହି ଅନନ୍ୟ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଉଭୟଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି । ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ବୁବୁନଙ୍କ ପତ୍ନୀ ଓ ଶିଶୁ କନ୍ୟା ମଧ୍ୟ ଉପସ୍ଥିତ ଥିଲେ । ବୁବୁନ ଗତବର୍ଷ ଓଡିଶା ପୋଲିସ ସେବାରେ ଚୟନ ହୋଇଥିଲେ । ବର୍ତ୍ତମାନ ଓଡ଼ିଶା ପୋଲିସରେ ଡିଏସପି ଭାବେ ୨୦୨୬ ମାର୍ଚ୍ଚ ମାସରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ବା ବିପିଏସ୍‌ପିଏରେ ପ୍ରଶିକ୍ଷଣ ନେଉଛନ୍ତି ।

# 'ଜୟଦେବ ବାଟିକାର ଆଧ୍ୟାତ୍ମିକ ପରିବେଶକୁ ବିକୃତ କରାଯାଉଛି'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖଣ୍ଡଗିରି ପାଦଦେଶର ପୂର୍ବ ଦକ୍ଷିଣକୁ ଲାଗି ଗଢ଼ି ଉଠିଛି ଲୋଭନୀୟ ଆଧ୍ୟାତ୍ମିକ ପରିବେଶର ସୁସଙ୍ଗଠିତ ଉଦ୍ୟାନ । ଆୟତନ ପ୍ରାୟ ୧୦୦ ଏକର । ମହାକବି ଶ୍ରୀଜୟଦେବଙ୍କ ଶ୍ରୀଗୀତଗୋବିନ୍ଦରେ ବର୍ଣ୍ଣିତ ବୃକ୍ଷ ଓ ଲତା ସମ୍ଭାରରେ ସେଠାରେ ଦୋଳାୟିତ ହୋଇଉଠିଛି ପ୍ରକୃତି । ପକ୍ଷୀମାନଙ୍କ କାକଳୀରେ ଗୁଞ୍ଜରିତ ହୋଇଉଠୁଛି ଉଦ୍ୟାନର ପ୍ରାଙ୍ଗଣ । ବିଗତ ୨୦୦୩-୦୪ ମସିହାରେ ଶ୍ରୀଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ ରାଜ୍ୟ ସରକାରଙ୍କ ବନ ବିଭାଗର ମିଳିତ ଉଦ୍ୟମରେ ସେଠାରେ ସୃଷ୍ଟି ହୋଇଥିଲା ଏପରି ଉଦ୍ୟାନ । ଏହି ପରିବେଶ ପ୍ରତି ଆକୃଷ୍ଟ ହୋଇ ପରିବେଶ ଦେଶ ବିଦେଶର ବହୁ ପର୍ଯ୍ୟଟକ ଖଣ୍ଡଗିରି ଓ ଉଦୟଗିରିର ଭାସ୍କର୍ଯ୍ୟମାନ ଦେଖିସାରିବା ପରେ ଏଠାରେ ମନୋଲୋଭା ଓ ସ୍ମରଣୀୟ ପାଦଦେଶରେ କିଛି ସମୟ ଅଟକି ଯାଇ ପ୍ରକୃତି ରାଣୀର ଶୋଭାଶ୍ରୀକୁ ଉପଭୋଗ କରିବାକୁ ଭୁଲନ୍ତି ନାହିଁ । ମାତ୍ର ଦୁଃଖର ବିଷୟ ରାଜ୍ୟ ସରକାରଙ୍କ ବନ ବିଭାଗରେ ଅବସ୍ଥାପିତ କେତେକ ନୂତନ ପଦାଧିକାରୀ ଏପରି ପରିବେଶକୁ ନଷ୍ଟ କରି ସେମାନଙ୍କ ମନ ମୁତାବକ କାର୍ଯ୍ୟମାନ କରିବାକୁ ଆଗେଇ ଚାଲିଛନ୍ତି । ଉଦ୍ୟାନର ଚତୁଃପାର୍ଶ୍ୱକୁ ଘେରି ରହିଥିବା ବହୁ ମୂଲ୍ୟବାନ ବୃକ୍ଷ ଓ ଲତାମାନ କଟାଯାଇଛି ଓ ତାହା ସ୍ଥାନରେ ବିଲାତି ଘାସମାନ ଲଗାଯାଇ ସେପରି ପରିବେଶକୁ ଧ୍ୱଂସ କରିଦିଆଯାଉଛି । ଭୁବନେଶ୍ୱରରେ ଦୈନିକ ଅବସର ପରେ କର୍ମକ୍ଳାନ୍ତ ମଣିଷ ସେଠାକୁ ଯାଇଥାଏ ଓ ସବୁକୁ ଭୂଲି ସେଠାର ଶୋଭାଶ୍ରୀ ଦେଖି ତାର ମନରେ ପାଉଥିଲା ଅପାର ଆନନ୍ଦ । ମାତ୍ର ବର୍ତ୍ତମାନର ପରିବେଶରେ ଲୋକ ସମାଗମ କ୍ରମଶଃ କମି ଆସୁଛି । ଅନ୍ୟ ରାଜ୍ୟରୁ ଅଧିକ ଖର୍ଚ୍ଚରେ ଆସି ଲଗାଯାଇଥିବା ବୃକ୍ଷ ସମ୍ଭାର ଆଉ ସେଠାରେ ଦେଖିବାକୁ ମିଳୁନାହିଁ । ଶାନ୍ତ ସରଳ ଓ ସୁଶିତଳ ଉଦ୍ୟାନର ପରିବେଶ ଆଜି ସେଠାରେ ନାହିଁ । ଅନ୍ୟତମ ସହଯୋଗୀ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର କର୍ମକର୍ତ୍ତାମାନଙ୍କ ସହ ମନମୁଖି ପରିବର୍ତ୍ତନ ସମ୍ପର୍କରେ ଆଦୌ ଆଲୋଚନା କରାଯାଇନାହିଁ । ସପ୍ତାହର ଛୁଟିଦିନ ମାନଙ୍କରେ ଶ୍ରୀଗୀତଗୋବିନ୍ଦର ମଧୁର କୋମଳ କାନ୍ତ ପଦାବଳୀର ମଧୁ ଟଙ୍କାରରେ ଗୁଞ୍ଜରିତ ହେବା ନିମନ୍ତେ ଥିବା ପ୍ରସ୍ତାବ ସବୁ ସେହି ପ୍ରସ୍ତାବ ଫାଇଲରେ ହିଁ ଅଟକି ରହିଛି । ପରିଚାଳନାରେ ଥିବା କର୍ମକର୍ତ୍ତାମାନେ ସେଥିପାଇଁ ବିତସ୍ପୃହ । ଭୁବନେଶ୍ୱରସ୍ଥ ନନ୍ଦନକାନନ ପରେ ଏହା ଯେଉଁଭଳି ଭାବରେ ଆଧ୍ୟାତ୍ମିକ ପରିବେଶରେ ଗଢ଼ିଉଠିଥିଲା ତାହାର ବିଲୟ ଆଉ ଅଳ୍ପଦିନ ପରେ ହୋଇଯିବାର ଦେଖାଯିବାର ଯଥେଷ୍ଟ ସମ୍ଭାବନା ରହିଛି ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଆରମ୍ଭ ହୋଇଛି ।

## ବାରଙ୍ଗ ଥାନାରେ ନିରୀହ ଯୁବକଙ୍କୁ ଥାର୍ଡ ଡିଗ୍ରୀ ଘଟଣା

# ଅପାରଗ ପୋଲିସର ବିନା ତଦନ୍ତରେ କାର୍ଯ୍ୟାନୁଷ୍ଠାନ ଯୋଗୁ ଥାନାକୁ ଯିବାକୁ ଡରିଲେଣି ଲୋକେ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦିନକୁ ଦିନ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥାର ଚରମ ଅଧୋଗତି ହେଉଛି । ବିନା ତଥ୍ୟ ପ୍ରମାଣରେ ବାରଙ୍ଗ ଅଞ୍ଚଳର ଜଣେ ନିରୀହ ଯୁବକଙ୍କୁ ଥାର୍ଡ ଡିଗ୍ରୀ କରିଛି ପୋଲିସ । ଫଳରେ ଉକ୍ତ ଯୁବକ ଜୀବନମରଣ ସହ ସଂଗ୍ରାମ କରୁଛନ୍ତି । ପୋଲିସର ଏହି ଦାୟିତ୍ୱ ହୀନତାକୁ କଡା ଭାଷାରେ ନିନ୍ଦା କରିବା ସହ ସଂପୃକ୍ତ ଯୁବକଙ୍କୁ ନ୍ୟାୟ ଦିଆଯାଉ ବୋଲି ବିଜେଡି ଦାବି କରିଛି । ଶଙ୍ଖ ଭବନଠାରେ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପସିତା ସାହୁ ପୋଲିସ ବ୍ୟବସ୍ଥାର ଅପରିଣାମଦର୍ଶୀ କାର୍ଯ୍ୟ ତଥା ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି । ଶ୍ରୀମତୀ ସୁଲତା ଦେଓ କହିଛନ୍ତି, ରାଜ୍ୟରେ ଯେବେଠାରୁ ବିଜେପି ସରକାର ଆସିଲାଣି ସେହିଦିନଠାରୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଛି । କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ଚଣ୍ଡିପ୍ରସାଦ ଗାଁର ରାକେଶ ବେହେରା ନାମକ ଜଣେ ଯୁବକ, ନିଜ ସ୍ତ୍ରୀ ନିଖୋଜ ହୋଇଛନ୍ତି ବୋଲି ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାର ଦୁଇ ଦିନ ପରେ କାଠଯୋଡି ପଠାରୁ ଏକ ମହିଳାଙ୍କ ଗଳିତ ଶବ ମିଳିଥିଲା । ପୋଲିସ କିଛି ନବୁଝି ରାକେଶଙ୍କୁ ଡକାଇ ଥାର୍ଡ ଡିଗ୍ରୀ ଦେଇଛି । ଲଗାତାର ତିନି ଦିନ ଧରି ଥାର୍ଡ ଡିଗ୍ରୀ ଯୋଗୁ ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପର୍ଣ୍ଣ ରହିଛି । ଅନ୍ୟ ପଟେ ରାକେଶଙ୍କ ସ୍ତ୍ରୀ ଜୀବିତ ଥିବା ଜଣାପଡିଛି । ଗୋଟିଏ ପଟେ ନିଖୋଜ ମହିଳା ଜୀବିତ ଥିବା ଜଣାପଡିଥିଲା ବେଳେ ଅନ୍ୟପଟେ ଅପରିଚିତ ମହିଳାଙ୍କ ଗଳିତ ଶବ ସଠିକ ଚିହ୍ନଟ ନକରି ବିନା କାରଣରେ ରାକେଶଙ୍କୁ ଥାର୍ଡ ଡିଗ୍ରୀ ଦେଇ ଲହୁଲୁହାଣ କରିଛି ପୋଲିସ । ବିନା ତଥ୍ୟ ପ୍ରମାଣରେ ବାରଙ୍ଗ ପୋଲିସର କାର୍ଯ୍ୟକଳାପକୁ ନିନ୍ଦା କରିଛି ଦଳ । ବିଜେପି ଭାବୁଛି ଯେ ତଦନ୍ତକାରୀ ସଂସ୍ଥା ଗୁଡିକ ତାଙ୍କ ଦଳୀୟ ସଂଗଠନର ଅଂଶବିଶେଷ । ତେଣୁ ବିଜେପି ନେତାମାନେ ତଦନ୍ତକାରୀ ସଂସ୍ଥା ଉପରେ ସଦାବେଳେ ଚାପ ପ୍ରୟୋଗ କରୁଛନ୍ତି ସେଥିପାଇଁ ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । କେବଳ ରାକେଶ ବେହେରା କଥା ନୁହେଁ, ସାରା ରାଜ୍ୟରେ ଏଭଳି ଅସଂଖ୍ୟ ଅଘଟଣ ଘଟିଲାଣି, ଏଥିପାଇଁ କେବଳ ଦାୟୀ ରାଜ୍ୟ ସରକାରଙ୍କ ଦିଶାହୀନ ଶାସନ ବ୍ୟବସ୍ଥା । ଏଠାରେ ପ୍ରଶ୍ନ ଉଠୁଛି ମିଳିଥିବା ଗଳିତ ଶବ କାହାର, କେଉଁ ଆଧାରରେ ରାକେଶଙ୍କୁ ଥାର୍ଡ ଡିଗ୍ରୀ ଦିଆଗଲା । ଓଡିଶା ଏବେ ଅପରାଧୀମାନଙ୍କ ଚରାଭୂଇଁ ପାଲଟିଛି । ଯଦି ଏଥିରେ ସୁଧାର ନଆସେ ଆଗାମୀ ଦିନରେ ବିଜେଡି ରାଜ୍ୟ ସରକାରଙ୍କୁ ଉଚିତ ଜବାବ ଦେବ । ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପସିତା ସାହୁ କହିଛନ୍ତି, ବାରଙ୍ଗ ଥାନାରେ ଅଭିଯୋଗ ପରେ ପୋଲିସ ସଠିକ ତଦନ୍ତ ନକରି କାହିଁକି ରାକେଶ ବେହେରାଙ୍କ ଉପରେ ଥାର୍ଡ ଡିଗ୍ରୀ କରିଥିଲା । ଏହାର ଉତ୍ତର ଦେଉ ଗୃହବିଭାଗ । ବିନା କାରଣରେ ରାକେଶଙ୍କୁ ଦଣ୍ଡିତ କରିଛି ପୋଲିସ । ମୃତ୍ୟୁବରଣ କରିଥିବା ମହିଳାଙ୍କ ପରିଚୟ ମିଳିନଥିବା ବେଳେ ନିଖୋଜ ଥିବା ମହିଳା ତଥା ରାକେଶଙ୍କ ପତ୍ନୀ ଜୀବିତ ଥିବା ଜଣାପଡିବା ପରେ ମଧ୍ୟ କାହିଁକି ପୋଲିସ ରାକେଶଙ୍କ ପ୍ରତି ଏଭଳି ଅମାନବୀୟ ବ୍ୟବହାର କରିଥିଲା ।

# ଔପନ୍ୟାସିକା ଓ ଗାଳ୍ପିକା : ଇନ୍ଦିରା ଦାଶଙ୍କ ଦୁଇଟି ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

'ଜୀବନର ଗଭୀର ଅନୁଭୂତି ଓ ଅନୁଭବର ସୂକ୍ଷ୍ମ ଓ ସ୍ନିଗ୍ଧ ଅଭିବ୍ୟକ୍ତି ହିଁ ସାହିତ୍ୟ । ଜୀବନର ଦ୍ୱନ୍ଦ୍ୱ, ଦୁଃଖ ଓ ଯନ୍ତ୍ରଣାର ସୁନ୍ଦର, ସାବଲୀଳ, ସରଳ ପରିପ୍ରକାଶ ହିଁ ଇନ୍ଦିରା ଦାଶଙ୍କ ଉପନ୍ୟାସ ଓ ଗଳ୍ପର ମୂଳ ଉତ୍ସ' ବୋଲି ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ପ୍ରଖ୍ୟାତ ଔପନ୍ୟାସିକା ପଦ୍ମଭୂଷଣ ଡଃ ପ୍ରତିଭା ରାୟ ଇନ୍ଦିରା ଦାଶଙ୍କ ଦୁଇଟି ପୁସ୍ତକ 'ନର୍ତ୍ତକୀ' ଓ 'ଶିଶିର କନ୍ୟା' ପାଠକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ହୋଟେଲ୍ ସ୍ୱସ୍ତି ଗ୍ରାଣ୍ଡ କନ୍‌ଫରେନ୍ସ ହଲ୍‌ରେ ଆଜି ସନ୍ଧ୍ୟାରେ ଆୟୋଜିତ ଏହି ପାଠକାର୍ପଣ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ପ୍ରଖ୍ୟାତ ସାହିତ୍ୟିକ ଅଧ୍ୟାପକ ବିଶ୍ୱରନ ଇନ୍ଦିରା ଦାଶଙ୍କ ଉପନ୍ୟାସ ଓ ଗଳ୍ପର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଲେ 'ଇନ୍ଦିରାଙ୍କ କଥା ସାହିତ୍ୟରେ ସୂକ୍ଷ୍ମ ଅନୁଭବ ଓ କଳାଶକ୍ତିର ଅତ୍ୟନ୍ତ ପ୍ରଭାବ ଲେଖାଗୁଡ଼ିକୁ ଜୀବନ୍ତ କରିଥାଏ । ସମାଜର ବିଭିନ୍ନ ଦିଗକୁ ସେ ବିଶ୍ଳେଷଣ କରିଛନ୍ତି ଓ ନାରୀ ମନସ୍ତତ୍ତ୍ୱକୁ ନିପୁଣ ଭାବେ ଫୁଟାଇଛନ୍ତି ତାଙ୍କ ଉପନ୍ୟାସରେ ।' କେନ୍ଦ୍ର ସାହିତ୍ୟ ଏକାଡେମୀର ଆଞ୍ଚଳିକ ସଚିବ ଡକ୍ଟର ମିହିର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା, ଔପନ୍ୟାସିକା ଇନ୍ଦିରା ଦାଶ ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରିଥିଲେ । ଶେଷରେ ପୁସ୍ତକର ପ୍ରକାଶକ ବିଦ୍ୟାପୁରୀର ନିର୍ଦ୍ଦେଶକ ଜୀବନାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ଜୁଡ଼ିସିଆଲ୍ ଅଫିସର୍ ମୀନାକ୍ଷୀ ଦାଶ, ରେଲୱେର ପୂର୍ବତନ ମୁଖ୍ୟ ଭିଜିଲାନ୍ସ ଅଧିକାରୀ ଓ ବରିଷ୍ଠ ଡିଜିଏମ୍ ସୁବ୍ରତ ତ୍ରିପାଠୀ, ଔପନ୍ୟାସିକ ଅର୍ଚ୍ଚନା ନାୟକ, କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ, ଲେଖକ ପୀତବାସ ରାଉତରାୟ, କବି ଓ ସ୍ତମ୍ଭକାର ନିରାକାର ଦାସ, ଅନୁବାଦିକା କନକଲତା ସାହୁ, ଗାଳ୍ପିକା ଆଭା ଦାଶ, ଶତଦ୍ରୁର ସମ୍ପାଦକ ଉପେନ୍ଦ୍ର ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ହୃଷିକେଶ ମଲ୍ଲିକ ସମେତ ବହୁ କବି ଓ କଥାକାର ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨ବର୍ଷ ଶାସନ...

ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଦୁଇ ବର୍ଷ ଶାସନ ପୂର୍ତ୍ତି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାରୁ ଏହା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଦୁଇ ବର୍ଷର ଶାସନ କାଳରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମର ସଫଳତା ଏବଂ ଉପଲବ୍ଧି ସମ୍ପର୍କରେ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଛି । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ଆଗାମୀ ଶାସନ ପୂର୍ତ୍ତି ସମାରୋହକୁ ସଫଳ ରୂପ ଦେବା ଉପରେ ବୈଠକରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ଉନ୍ନୟନ କମିଶନର ଡି.କେ. ସିଂହ, ଘରୋଇ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ଓ ଯୋଗାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ ବୋଲି ଗ୍ରୀନ୍ ସିଗ୍ନାଲ୍ ଦେଇଛନ୍ତି । ୪ ଦିନ ତଳେ ଦିଲ୍ଲୀରେ ଓଡ଼ିଶା ଆସିବାକୁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ ଦେଇଥିଲୁ । ଜୁନ୍ ୧୨, ୨୦ କିମ୍ବା ସେପ୍ଟେମ୍ବର ୧୭ରେ ସମୟ ଦେବାକୁ ଅନୁରୋଧ କରିଛୁ ।

## ତୁରନ୍ତ ନିଜ ...

ମଧ୍ୟ କହିଥିଲେ ଯେ ବିଜେପିର 'ଗେରୁଆ ପତାକା' ଏବେ ଉତ୍ତରାଖଣ୍ଡରୁ ଗଙ୍ଗାସାଗର ପର୍ଯ୍ୟନ୍ତ ସମଗ୍ର ଗଙ୍ଗା ଅଞ୍ଚଳରେ ଉଡୁଛି । ଗାନ୍ଧୀନଗର ଗସ୍ତ ସମୟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଶାହ ଏହା କହିଛନ୍ତି ।

## ପିଏମ୍‌ଏୱାଇ-ଜି ...

ରାଜ୍ୟଗୁଡ଼ିକୁ ପାଣ୍ଠି ପ୍ରଦାନ କରାଯାଇଛି, ସେଗୁଡ଼ିକ ମଧ୍ୟରେ ଆସାମ, ଛତିଶଗଡ଼, ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶ ରହିଛି ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀ ...

କରିଛି, ଯାହାକୁ ସେ 'ଛାତ୍ର-କୈନ୍ଦ୍ରିକ' ଏବଂ ସ୍ୱଚ୍ଛତାକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖି ଏକ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ବ୍ୟବସ୍ଥା ଭାବେ ବର୍ଣ୍ଣନା କରିଛନ୍ତି । ଏହି ସମୟରେ ସିବିଏସଇ ପୁନରାବୃତ୍ତି କରିଛି ଯେ, ଓଏସ୍‌ଏମ୍ ପାଇଁ ବ୍ୟବହୃତ ପ୍ରକୃତ ମୂଲ୍ୟାୟନ ପୋର୍ଟାଲକୁ କ୍ଷତି ପହଞ୍ଚାଯାଇ ନାହିଁ । ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ସୋସିଆଲ ମିଡିଆରେ ପ୍ରସାରିତ ୟୁଆରଏଲ୍ କେବଳ ନମୁନା ତଥ୍ୟ ସହିତ ଏକ ପରୀକ୍ଷା ସ୍ଥଳ ଏବଂ ଲାଇଭ୍ ମୂଲ୍ୟାୟନ ସିଷ୍ଟମର ଲିଙ୍କ୍ ନୁହେଁ । ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, 'ଏହା ପ୍ରଥମ ଥର ପାଇଁ ସିବିଏସ୍‌ଇ ଏହାକୁ ବ୍ୟବହାର କରିଥିଲା ଏବଂ କିଛି ତ୍ରୁଟି ଲକ୍ଷ୍ୟ କରାଯାଇଛି । ମୁଁ ଏହାର ଦାୟିତ୍ୱ ନେଉଛି ଏବଂ ଆପଣଙ୍କୁ ଆଶ୍ୱାସନା ଦେଉଛି ଯେ, ଏହାର ସମାଧାନ କରାଯିବ । ଆମେ ଏହା ଉପରେ କାମ କରୁଛୁ । ଆମେ କୌଣସି ଛାତ୍ରଙ୍କ ପ୍ରଶ୍ନକୁ ଅସମାପ୍ତ ଛାଡିବୁ ନାହିଁ ।'ଧର୍ମେନ୍ଦ୍ର କହିଛନ୍ତି ଯେ, ସିବିଏସ୍‌ଇ ବୈଷୟିକ ଦଳକୁ ସଫ୍ଟୱେର୍ ସମୀକ୍ଷା କରିବା ଏବଂ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବା ପାଇଁ ଆଇଆଇଟି କାନପୁର ଏବଂ ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନଙ୍କୁ ଡକାଯାଇଛି । ସେ ଏହା ମଧ୍ୟ କହିଛନ୍ତି ଯେ, ଅର୍ଥ ମନ୍ତ୍ରଣାଳୟ ସହିତ ଆଲୋଚନା ପରେ, ଛାତ୍ରମାନଙ୍କ ପାଇଁ ସିଷ୍ଟମକୁ ଆହୁରି ସୁଗମ କରିବା ପାଇଁ ଚାରିଟି ସରକାରୀ ବ୍ୟାଙ୍କ - ଏସ୍‌ବିଆଇ, ଇଣ୍ଡିଆନ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଏବଂ କାନାରା ବ୍ୟାଙ୍କର ପେମେଣ୍ଟ ଗେଟୱେଗୁଡ଼ିକୁ ଉଇଝର ପୋର୍ଟାଲ୍ ସହିତ ସଂଯୁକ୍ତ କରାଯାଇଛି । ତଥାପି ରାହୁଲ ଗାନ୍ଧିଙ୍କ କଥାରେ, ବାରମ୍ବାର ନିର୍ବାଚନ ହାରିବା ଯୋଗୁଁ ତାଙ୍କର ମାନସିକ ଅବସ୍ଥା ଭିନ୍ନ ମନେ ହେଉଛି ।'ଶ୍ରୀ ପ୍ରଧାନ କହିଛନ୍ତି ଯେ, 'ରାହୁଲ ଗାନ୍ଧି ଏସ୍‌ଆଇଆର, ଇଭିଏମ୍ ଏବଂ ଡିଜିଟାଲ୍ ଇଣ୍ଡିଆକୁ ବିରୋଧ କରିଛନ୍ତି । ଏହା ମନେ ହେଉଛି ଯେ ସେ ଭାରତର ବୈଜ୍ଞାନିକ ପ୍ରଗତି ବିରୁଦ୍ଧରେ ଅଛନ୍ତି । ଯେହେତୁ ମୁଁ ଏହି ଅନିୟମିତତା ପାଇଁ ସରକାରଙ୍କ ପକ୍ଷରୁ ଦାୟିତ୍ୱ ନେଇଛି, ତେଣୁ ମୁଁ ସମସ୍ତଙ୍କୁ ବର୍ତ୍ତମାନ ସମୟରେ ରାଜନୀତିରେ ଲିପ୍ତ ନ ହେବାକୁ ଅନୁରୋଧ କରିବି । ଆମର ସାମୂହିକ ଲକ୍ଷ୍ୟ ହେବା ଉଚିତ ଯେ ଛାତ୍ରଛାତ୍ରୀମାନଙ୍କର ମାନସିକ ଚାପ ବୃଦ୍ଧି ନହୁଏ ।

## ବରିଷ୍ଠ ଆଇପିଏସ୍ତରରେ...

ଡିଆଇଜି ଭାବେ ନିଯୁକ୍ତି ଦିଆଯାଇଛି ।

ରାଜ୍ୟରୁ ସମ୍ପ୍ରତି ନକ୍ସଲ ମୂଳପୋଛ ହୋଇଛି, କିନ୍ତୁ ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲା ସୀମାନ୍ତରେ ନକ୍ସଲଙ୍କ କାର୍ଯ୍ୟକଳାପ ଦେଖିବାକୁ ମିଳିଛି । ଅପରପକ୍ଷରେ, ରାଜ୍ୟରେ ଭିଆଇପି ଓ ଭିଭିଆଇପିଙ୍କ ସୁରକ୍ଷା ନେଇ ରାଜ୍ୟସରକାର ଗୁଇନ୍ଦା ତଥ୍ୟର ଲିକ୍ ନେଇ ଚିନ୍ତିତ ଥିବା ବେଳେ ଏହି ବଦଳି ଗୁରୁତ୍ୱ ବହନ କରୁଛି ।

## ଆମେରିକା...

ଟାର୍ଗେଟ କରାଯାଇଛି, ସେକଥା କୁହାଯାଇ ନାହିଁ । ସେହିପରି ଯଦି ଆମେରିକା ନିଜର ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରଦର୍ଶନ କରିବା ଜାରି ରଖିବ, ତା'ହେଲେ ଏହାର ଜବାବ ଅତ୍ୟନ୍ତ ଭୟଙ୍କର ଢଙ୍ଗରେ ଦିଆଯିବ ବୋଲି ଇରାନ ଚେତାବାନୀ ଦେଇଛି ।

## ୨୦୩୦ ସୁଦ୍ଧା...

ଗ୍ୟାସର ପରିମାଣ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ଦ୍ୱିତୀୟ କାରଣ ହେଉଛି ଏଲ୍ ନିନୋର ପୁନରାବୃତ୍ତି । ପ୍ରଶାନ୍ତ ମହାସାଗରରେ ସମୁଦ୍ର ପୃଷ୍ଠର ତାପମାତ୍ରା ବୃଦ୍ଧି ପାଉଥିବାରୁ ଏହା ବିଶ୍ୱର ପାଣିପାଗ ଚକ୍ରକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଉଛି, ଯାହା ଫଳରେ ଗ୍ରୀଷ୍ମ ପ୍ରବାହ ଅଧିକ ଦୀର୍ଘକାଳୀନ ଏବଂ ମାରାତ୍ମକ ହେଉଛି । ମାନବ ସମାଜ ଓ ଅର୍ଥନୀତି ଉପରେ ଏହାର ସାଙ୍ଘାତିକ ପ୍ରଭାବ ଦେଖିବାକୁ ମିଳିବ ବୋଲି ଜାତିସଂଘ ଚେତାଇ ଦେଇଛି । ଏହି ଜଳବାୟୁ ସଙ୍କଟ କେବଳ ଗରମ ବଢ଼ାଇବ ନାହିଁ, ବରଂ ଏହା ବିଶ୍ୱ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦେବ ।

# ରତୁସ୍ରାବ ସ୍ୱଚ୍ଛତା ଦିବସ: ବେଦାନ୍ତ ଆଲୁମିନିୟମର ସ୍ୱାସ୍ଥ୍ୟ ଏବଂ ଅନ୍ତର୍ଭୁକ୍ତିମୂଳକ କର୍ମକ୍ଷେତ୍ର ଅଭ୍ୟାସକୁ ପ୍ରୋତ୍ସାହିତ କରିଛି

**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**



ରତୁସ୍ରାବ ସ୍ୱଚ୍ଛତା ଦିବସରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ମାସିକ ରତୁସ୍ରାବ ସ୍ୱାସ୍ଥ୍ୟ ଏବଂ ଅନ୍ତର୍ଭୁକ୍ତିମୂଳକ କାର୍ଯ୍ୟ ନୀତିକୁ ସମର୍ଥନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃପୁନଃସ୍ଥାପିତ କରିଛି । ସୁରକ୍ଷିତ ରତୁସ୍ରାବ ଉତ୍ପାଦ, ପରିମଳ ସୁବିଧା ଏବଂ ରତୁସ୍ରାବ ସ୍ୱାସ୍ଥ୍ୟ ସଚେତନତାର ପ୍ରବେଶକୁ ପ୍ରୋତ୍ସାହିତ କରି ସାମୂହିକ କାର୍ଯ୍ୟର ଗୁରୁତ୍ୱକୁ ଗୁରୁତ୍ୱ ଦେଇଛି । ଝାରସୁଗୁଡାର ବେଦାନ୍ତ ଆଲୁମିନିୟମ ଏହାର ସମସ୍ତ କାର୍ଯ୍ୟସ୍ତରରେ ଅନ୍ତର୍ଭୁକ୍ତିମୂଳକ କର୍ମକ୍ଷେତ୍ର ଅଭ୍ୟାସଗୁଡ଼ିକୁ ନିଶ୍ଚିତ କରିଛି, ମହିଳାମାନେ ପ୍ଲାଣ୍ଟ ନେତୃତ୍ୱ ଏବଂ ମୁଖ୍ୟ ଉତ୍ପାଦନ ଭୂମିକାରେ ସକ୍ରିୟ ଭାବରେ ଯୋଗଦାନ ଦେଉଛନ୍ତି, ଯେଉଁଥିରେ ସ୍ମେଲ୍ଟିଂ, ବିଦ୍ୟୁତ୍ ଉତ୍ପାଦନ ଏବଂ ଲଜିଷ୍ଟିକ୍ସ ଅନ୍ତର୍ଭୁକ୍ତ । କମ୍ପାନୀ ଏହି କାର୍ଯ୍ୟ ପରିବେଶରେ ୧୦୦ରୁ ଅଧିକ ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍ ପ୍ରମୁଖ ସ୍ଥାନରେ ନିୟୋଜିତ କରିଛି, ଯାହା ରତୁସ୍ରାବ ଉତ୍ପାଦଗୁଡ଼ିକର ପ୍ରସ୍ତୁତ ପ୍ରବେଶକୁ ସୁନିଶ୍ଚିତ କରୁଛି ଏବଂ ମହିଳା ବୃତ୍ତିଗତମାନଙ୍କୁ ଆରାମ ଏବଂ ଆତ୍ମବିଶ୍ୱାସ ସହିତ ସେମାନଙ୍କର ଭୂମିକା ନିର୍ବାହ କରିବାକୁ ସକ୍ଷମ କରୁଛି । ଏହି ପ୍ରୟାସଗୁଡ଼ିକୁ ସହାୟକ ଲୋକ ନୀତିର ଏକ ଦୃଢ଼ ଢାଞ୍ଚା ଦ୍ୱାରା ବଳବତ୍ତର କରାଯାଇଛି । କମ୍ପାନୀର ଅନନ୍ୟ 'କୌଣସି ପ୍ରଶ୍ନ ପଚରାଯାଉନାହିଁ' ଘରୁ କାମ ନୀତି ମହିଳା ବୃତ୍ତିଗତମାନଙ୍କୁ ପ୍ରତି ମାସରେ ଗୋଟିଏ ସ୍ୱ-ଯତ୍ନ ଦିନ ନେବାକୁ ସକ୍ଷମ କରିଥାଏ, କୌଣସି ସ୍ପଷ୍ଟୀକରଣ ଆବଶ୍ୟକ ନଥାଏ । କମ୍ପାନୀ ଏହାର କର୍ମଚାରୀ ଟାଉନସିପ୍ ମଧ୍ୟରେ ଶିଶୁ ଯତ୍ନ ସହାୟତା ବ୍ୟବସ୍ଥା ସହିତ ଛଅ ମାସର ଦରମାପ୍ରାପ୍ତ ମାତୃତ୍ୱ ଛୁଟି, ଏବଂ ବ୍ୟକ୍ତିଗତ କିମ୍ବା ପାରିବାରିକ ଆବଶ୍ୟକତା ପାଇଁ ଛଅ ମାସ ପର୍ଯ୍ୟନ୍ତ ଛୁଟି ମଧ୍ୟ ପ୍ରଦାନ କରୁଛି । ଏଗୁଡ଼ିକ ନିୟମିତ ସୁସ୍ଥତା ଏବଂ ପରାମର୍ଶ କାର୍ଯ୍ୟକ୍ରମ ଦ୍ୱାରା ପରିପୂରକ, ଯାହା ଅନଲାଇନ୍ ଏବଂ ବ୍ୟକ୍ତିଗତ ଭାବରେ ପରିଚାଳିତ ହୁଏ । ଏହି ଅବସରରେ, ବେଦାନ୍ତ ଆଲୁମିନିୟମ୍, ଝାରସୁଗୁଡାର, ସିଇଓ ସି ଚନ୍ଦ୍ରୁ କହିଛନ୍ତି, 'ଆମେ ବିଶ୍ୱାସ କରୁଛୁ ଯେ ପ୍ରକୃତ ଅନ୍ତର୍ଭୁକ୍ତି ସହାନୁଭୂତି, ମର୍ଯ୍ୟାଦା ଏବଂ ସମାନ ସୁଯୋଗ ସହିତ ଆରମ୍ଭ ହୁଏ । ଆମେ ସହାୟକ କର୍ମକ୍ଷେତ୍ର ସୃଷ୍ଟି କରିବା ଉପରେ ଧ୍ୟାନ ଦେଉଛୁ ଯେଉଁଠାରେ ମହିଳାମାନେ କୌଣସି ବାଧା ବିନା ଅନ୍ତର୍ଭୁକ୍ତ ନୀତି ଏବଂ କାର୍ଯ୍ୟକ୍ଷେତ୍ର ଭିତ୍ତିଭୂମି ମାଧ୍ୟମରେ ଉନ୍ନତି ପାଇଁ ସଶକ୍ତ ହୁଅନ୍ତି । ବେଦାନ୍ତ ଆଲୁମିନିୟମ୍, ଝାରସୁଗୁଡା ନିରନ୍ତର ଭାବରେ ମୁଖ୍ୟ ଉତ୍ପାଦନ ଭୂମିକାରେ ମହିଳାମାନଙ୍କର ବର୍ଦ୍ଧିତ ଅଂଶଗ୍ରହଣକୁ ଦେଖି ଆସୁଛି । କମ୍ପାନୀ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ପ୍ରଥମ ଯିଏ ଏହାର ଶ୍ରୀ ଶକ୍ତି ପଦକ୍ଷେପ ଅଧୀନରେ ରାତ୍ରି ସିଫ୍ଟରେ ମହିଳାମାନଙ୍କୁ ନିୟୋଜିତ କରିଛି ଏବଂ ରାଜ୍ୟରେ ମଧ୍ୟ ପ୍ରଥମ ଯିଏ ଏକ ସମ୍ପୂର୍ଣ୍ଣ ମହିଳା ଶକ୍ତି ୟୁନିଟ୍ ଦଳ ଗଠନ କରିଛି । ଏହା ଭାରତରେ ପ୍ରଥମ ଥର ପାଇଁ ଏକ ସମ୍ପୂର୍ଣ୍ଣ ମହିଳା ପଟ୍ଲାଇନ୍ ନିୟୋଜିତ କରିଛି, ଏବଂ ବେଦାନ୍ତ ଗ୍ରୁପ୍ ମଧ୍ୟରେ ପ୍ରଥମ ଥର ପାଇଁ ଏକ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଦଳ ନିୟୋଜିତ କରିଛି । ଏହି ମାଇଲଖୁଣ୍ଟଗୁଡ଼ିକ ଅଧିକ ସମାନ ଏବଂ ବିବିଧ କର୍ମକ୍ଷେତ୍ର ନିର୍ମାଣ ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି ।

# ଏବିଭିପିର ମହାରାଜା ଖାରବେଳ ପ୍ରଦର୍ଶନୀ ଉଦ୍ଘାଟିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ଅନ୍ତର୍ଗତ କାର୍ଯ୍ୟକ୍ରମ ସ୍ଥଳର ଅଡିଟୋରିୟମର ଭୂତଳରେ ଆୟୋଜିତ "ମହାରାଜା ଖାରବେଳ ପ୍ରଦର୍ଶନୀ" ଓଡ଼ିଶାର ଗୌରବମୟ ଐତିହାସିକ, ସାଂସ୍କୃତିକ ଏବଂ ଶିକ୍ଷାଗତ ଐତିହ୍ୟ ସହ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଧ୍ୟେୟ ଯାତ୍ରାର ଜୀବନ୍ତ ପରିଚୟ ପ୍ରଦାନ କରୁଛି । ଏହି ଭବ୍ୟ ପ୍ରଦର୍ଶନୀର ଉଦ୍ଘାଟନ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ, ଏବିଭିପି ରାଷ୍ଟ୍ରୀୟ ସଭାପତି ପ୍ରଫେସର ରଘୁରାଜ କିଶୋର ତିୱାରୀ, ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ଼ଃ ବୀରେନ୍ଦ୍ର ସିଂହ ସୋଲାଙ୍କୀ ଏବଂ ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଆଶୀଷ ଚୌହାନଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା ।

ପ୍ରଦର୍ଶନୀରେ ଓଡ଼ିଶାର ସମୃଦ୍ଧ ଇତିହାସ, ଭଗବାନ ଜଗନ୍ନାଥଙ୍କ ଲୋକଆସ୍ଥା ଓ ସଂସ୍କୃତି, ପାରମ୍ପରିକ ପର୍ବପର୍ବାଣୀ, ଲୋକକଳା, ହସ୍ତଶିଳ୍ପ ଏବଂ କୋଣାର୍କ ସୂର୍ଯ୍ୟମନ୍ଦିରର ପ୍ରସିଦ୍ଧ କୋଣାର୍କ ଚକ୍ର ମାଧ୍ୟମରେ ରାଜ୍ୟର ସ୍ଥାପତ୍ୟ ଓ ବୈଜ୍ଞାନିକ ଚେତନାକୁ ଆକର୍ଷଣୀୟ ଭାବେ ପ୍ରଦର୍ଶିତ କରାଯାଇଛି । ସେହିପରି, ଏବିଭିପି ଦ୍ୱାରା ବର୍ଷସାରା ଦେଶବ୍ୟାପୀ କରାଯାଇଥିବା ବିଭିନ୍ନ ସୃଜନାତ୍ମକ କାର୍ଯ୍ୟ, ସେବା କାର୍ଯ୍ୟକଳାପ, ଛାତ୍ର ଆନ୍ଦୋଳନ ଏବଂ ବିଭିନ୍ନ ଆୟାମର କାର୍ଯ୍ୟକଳାପକୁ ମଧ୍ୟ ସୁସଙ୍ଗତ ଭାବେ ଉପସ୍ଥାପିତ କରାଯାଇଥିଲା । ପ୍ରଦର୍ଶନୀର ପ୍ରବେଶ ଦ୍ୱାରରେ ପ୍ରାଚୀନ ରତ୍ନାଗିରି ବିଶ୍ୱବିଦ୍ୟାଳୟର ସ୍ଥାପତ୍ୟ ଶୈଳୀରୁ ପ୍ରେରିତ, ଯାହା ଓଡ଼ିଶାର ସମୃଦ୍ଧ ଶିକ୍ଷା ପରମ୍ପରା, ଲୋକ ପରମ୍ପରା ଓ ଜ୍ଞାନ ସାଧନାର ଐତିହାସିକ ଧାରାର ପ୍ରତୀକ ଅଟେ । ଉଲ୍ଲେଖନୀୟ ଯେ, ଏବିଭିପିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ୨୯ ରୁ ୩୧ ମେ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ, ଯେଉଁଥିରେ ଦେଶର ସମସ୍ତ ରାଜ୍ୟରୁ ୪୮୪ ଜଣ କାର୍ଯ୍ୟକର୍ତ୍ତା ପ୍ରତିନିଧି ଅଂଶଗ୍ରହଣ କରିବେ ।

# ନିଜ ସ୍ୱାର୍ଥ ହାସଲ ପାଇଁ ବିଜେପିରେ ସାମିଲ ହୋଇଛନ୍ତି ଦେବାଶିଷ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେଡି ଦଳରୁ ୫ ଥର ବିଧାୟକ ଟିକେଟ ପାଇ ତିନି ତିନି ଥର ବିଧାୟକ ହୋଇଥିଲେ ଦେବାଶିଷ । ଦଳର ବିଭିନ୍ନ ପଦପଦବୀରେ ରହିଥିବା ଦେବାଶିଷଙ୍କୁ ରାଜ୍ୟସଭାକୁ ପଠାଇଥିଲେ ଦଳର ସଭାପତି ନବୀନ ପଟ୍ଟନାୟକ । ଏତେ ସବୁ ସୁବିଧା ପାଇ ମଧ୍ୟ ଦଳକୁ ନିନ୍ଦା କରୁଥିବା ଦେବାଶିଷଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ ।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ବିଗତ କିଛି ବର୍ଷ ହେଲାଣି ଦେଶରେ ପ୍ରଲୋଭନ କରିବା ଓ ପ୍ରଲୋଭିତ ହେବାର ଟ୍ରେଣ୍ଡ୍ ଚାଲିଛି । ସେହି କ୍ରମରେ ଦେବାଶିଷ ସମାନ୍ତରାୟ ଗତ ୨ ଦିନ ତଳେ ବିଜେପି ଦଳର ପ୍ରଲୋଭନରେ ପ୍ରଭାବିତ ହୋଇ ନିଜ ସ୍ୱାର୍ଥ ହାସଲ ପାଇଁ ବିଜେପିରେ ଯୋଗଦେଲେ । ବିଜେଡି ସରକାରର ଶାସନ କାଳରେ ସେ ସମସ୍ତ ପ୍ରକାର ଫାଇଦା ନେଇ ନିଜର ପାରିବାରିକ ବ୍ୟବସାୟିକ ସାମ୍ରାଜ୍ୟକୁ ଆଗକୁ ବଢ଼ାଇଥିଲେ । ସେତେବେଳେ ଦଳର ଗୁଣଗାନ କରିବାକୁ ପଛାଉ ନଥିବା ଦେବାଶିଷ, ଏବେ ବିରୋଧୀ ଦଳ ଆସନରେ ବସିଥିବା ବିଜେଡିକୁ ନିନ୍ଦା କରିବାକୁ ପଛାଉ ନାହାନ୍ତି । ବିଜେପିରେ ସାମିଲ ହୋଇ ନିଜକୁ ଗର୍ବିତ ମନେକରୁଥିବା ଦେବାଶିଷ ସାମନ୍ତରାୟ ଥରେ ମନେ ରଖିବା ଉଚିତ୍ ଯେ, ତାଙ୍କର ଆଜି ଯେଉଁ ପରିଚୟ ସୃଷ୍ଟି ହୋଇଛି ତାହା ବିଜୁ ଜନତା ଦଳ ଓ ବିଜେଡି ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୟାରୁ ହିଁ ମିଳିଛି । ବିଜେପିକୁ ଫେରି ନିଜ ଘରକୁ ଫେରିଥିବା କଥା କହୁଛନ୍ତି, କିନ୍ତୁ ବର୍ତ୍ତମାନ ବିଜେପିରେ ସମରକଷା ଚାଲିଛି । ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ଥିବାବେଳେ ଅନ୍ୟପଟେ ରହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନିଟ୍ ପ୍ରଶ୍ନପତ୍ର ଲିକ୍, ସିବିଏସ୍‌ଇ ପରୀକ୍ଷା ବିଭ୍ରାଟ ଘଟଣାରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଜେପି ସାଇଡ୍ ଲାଇନ୍ କରୁଥିବା ବେଳେ ରାଜ୍ୟରେ ଘଟୁଥିବା ହିଂସା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଜନତାଙ୍କ ରୋଷର ଶିକାର ହେଉଛନ୍ତି । ଧର୍ମେନ୍ଦ୍ର ପ୍ରଧାନଙ୍କ ଟ୍ରାପ୍ରେ ଫସି ବିଜେଡି ଦଳରୁ ନିଜ ବ୍ୟବସାୟିକ ସ୍ୱାର୍ଥ ପାଇଁ ଦୂରେଇ ଯାଇଥିବା ଦେବାଶିଷ ସାମନ୍ତରାୟଙ୍କୁ ଆଗାମୀ ଦିନରେ ଲୋକେ ଜବାବ ଦେବେ । ଡ଼ ମହାନ୍ତି ଆହୁରି କହିଥିଲେ ଯେ, ବିଜୁ ଜନତା ଦଳରୁ ୫ ଥର ବିଧାୟକ ଟିକେଟ ପାଇ ନିର୍ବାଚନ ଲଢ଼ି ତିନି ତିନି ଥର ବିଧାୟକ ହୋଇଥିଲେ ଦେବାଶିଷ ସାମନ୍ତରାୟ । ଯେତେବେଳେ ନିର୍ବାଚନରେ ଲୋକମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କରୁଥିଲେ, ସେତେବେଳେ ଶ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଓଟିଡିସି ଅଧ୍ୟକ୍ଷ କରିବା ସହ ଦଳର ବିଭିନ୍ନ ଉଚ୍ଚ ପଦପଦବୀରେ ବସାଇ ତାଙ୍କ ରାଜନୈତିକ ସମ୍ମାନକୁ ଅକ୍ଷୁଣ୍ଣ ରଖିଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ରାଜ୍ୟସଭାକୁ ପଠାଇଥିଲେ ବିଜେଡି ସଭାପତି ଶ୍ରୀ ନବୀନ ପଟ୍ଟନାୟକ । ଦଳରୁ ଏତେ ସୁବିଧା ପାଇଲା ପରେ ମଧ୍ୟ ତାଙ୍କର ଭୋକ ମେଣ୍ଟିଲା ନାହିଁ । ନିଜର ସ୍ୱାର୍ଥ ହାସଲ ପାଇଁ ବିଜେପି ଦଳରେ ସାମିଲ ହେଲେ । ନବୀନ ପଟ୍ଟନାୟକଙ୍କୁ ଭଲ ପାଉଥିବା କଥା କହୁଥିବା ଦେବାଶିଷ ସାମନ୍ତରାୟ, ଅନ୍ୟପଟେ ବିଜୁ ଜନତା ଦଳର ମାଆ ବାପା ନାହିଁ କହି ହୀନମନ୍ୟତାର ପରିଚୟ ଦେଉଛନ୍ତି । ଶ୍ରୀ ନବୀନ ପଟ୍ଟନାୟକଙ୍କୁ ସାରା ବିଶ୍ୱ ସମ୍ମାନ ଜଣାଉଥିବା ବେଳେ ଦେବାଶିଷଙ୍କ ପରି ଜଣେ ସ୍ୱାର୍ଥବାଦୀ ଲୋକ ସେହି ନେତୃତ୍ୱ ଉପରେ ଟିପ୍ପଣୀ ଦେବା ଅତ୍ୟନ୍ତ ହାସ୍ୟାସ୍ପଦ । ଦେବାଶିଷଙ୍କ ମନ୍ତବ୍ୟ ଅପରିପକ୍ୱତାର ପରିଚୟ । ବିଜୁ ଲିଗାସୀର ଦ୍ୱାହି ଦେଉଥିବା ଦେବାଶିଷ ଦିନେ ବିଜୁ ବାବୁଙ୍କୁ ଆକ୍ରମଣ କରିବାକୁ ପଛାଇ ନଥିଲେ । ବିଜୁ ଜନତା ଦଳରୁ ସବୁ ଫାଇଦା ହାସଲ କରି ବିଜେପିରେ ସାମିଲ ହୋଇଥିବା ଦେବାଶିଷ ଯେଉଁ ଟୀକାଟିପ୍ପଣୀ କରୁଛନ୍ତି ସେଥିରୁ କ୍ଷାନ୍ତ ରୁହନ୍ତୁ, ନ ହେଲେ ଓଡ଼ିଶାବାସୀ କେବେ କ୍ଷମା ଦେବେନାହିଁ ।

ଉତ୍କଳ ଦୀପିକା
ଭୁବନେଶ୍ୱର, ୨୯ ମଇ, ଶୁକ୍ରବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀକ୍ଷେତ୍ରରେ ଚିରିଗଲା ପତିତପାବନ ବାନା, ଛିନ୍ନଛତ୍ର ହେଲା ମାନସିକ ବାନା

**ପୁରୀ ୨୮/୦୫ ନ୍ୟୁଜ ବ୍ୟୁରୋ**

ପୁରୀରେ ବୁଧବାର ବିଳମ୍ବିତ ରାତିରେ ହୋଇଥିବା କାଳବୈଶାଖୀ ଜନିତ ବର୍ଷା ଓ ପବନ ଯୋଗୁ ଶ୍ରୀମନ୍ଦିର ନୀଳଚକ୍ରରେ ଅକ୍ଷୟ ଦଣ୍ଡ ଉପରେ ଲାଗିଥିବା ପତିତପାବନ ବାନା ଆଂଶିକ ଚିରି ଯାଇଥିବା ବେଳେ ମାନସିକ ବାନା ଛିନ୍ନଛତ୍ର ହୋଇ ଉଡ଼ିଯାଇଥିଲା। ମାନସିକ ବାନା ମଧ୍ୟରୁ କିଛି ଅଁଳା ବେଢ଼ା ଉପରେ ଥିବା ବଜ୍ରପାତ ନିରୋଧୀ ଆର୍ଣ୍ଟିନାଗୁଡ଼ିକରେ ମାନସିକ ବାନା ଲାଗିଥିବା ବେଳେ କିଛି ପବନରେ ଅଜ୍ଞାତ ସ୍ଥାନକୁ ଉଡ଼ି ଯାଇଥିଲା। ବର୍ଷାପବନ ପରେ ଏହା ଜଣାପଡ଼ିଥିଲା। ପୁରୀରେ କାଳବୈଶାଖୀଜନିତ ବର୍ଷା, ପବନ ଚାହୁଁ ଚାହୁଁ ବଢ଼ିଥିଲା । ଅପରାହ୍ନରୁ ଆକାଶ ମେଘାଛନ୍ନ ରହିଥିବା ବେଳେ ସନ୍ଧ୍ୟା ପରେ ଘନ ଘନ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇଥିଲା । ସେପଟେ ଜୋର୍ ପବନ ଓ ବର୍ଷା ଯୋଗୁଁ ପୁରୀରେ ତାପମାତ୍ରା ପ୍ରାୟ ୨ରୁ ୩ଡିଗ୍ରୀ ହ୍ରାସ ପାଇଥିଲା। ତେବେ ରାତିର ତାପମାତ୍ରା ପ୍ରାୟ ୨୯ ରହିଥିଲେ ହେଁ ୩୬ ଡିଗ୍ରୀ ତାପମାତ୍ରାରେ ରହିବା ଭଳି ଅନୁଭବ ହୋଇଥିଲା ।



ସେହିପରି ପୁଣି ସାରା ରାତି ଅନିଦ୍ରା ମହାପ୍ରଭୁ । ହେଲାନାହିଁ ପହୁଡ଼ ନୀତି। ଶ୍ରୀମନ୍ଦିରରେ ଭିତର ଚନ୍ଦନ ଯାତ୍ରା ଚାଲିଥିବା ବେଳେ ୨ ସପ୍ତାହ ମଧ୍ୟରେ ୩ ରାତି ଅନିଦ୍ରା ହେଲେଣି ମହାପ୍ରଭୁ । ଗତ ସାବିତ୍ରୀ ଅମାବାସ୍ୟା ଅର୍ଥାତ୍ ୧୬ ମେ'ରେ ସାରା ରାତି ଅନିଦ୍ରା ହୋଇଥିଲେ ମହାପ୍ରଭୁ। ତା' ପରେ ବୁଧବାର ବନକଲାଗି ନୀତି ଦିନ ମଧ୍ୟ ରାତି ଅନିଦ୍ରା ହୋଇଥିଲେ ମହାପ୍ରଭୁ। ପୁଣି ଗତ ବୁଧବାର ରାତିରେ ମଧ୍ୟ ପହୁଡ଼ ନୀତି ହୋଇ ନଥିବା ବେଳେ ସାରା ରାତି ଅନିଦ୍ରା ହୋଇଥିଲେ ମହାପ୍ରଭୁ । ବୁଧବାର ମଳ ମାସ ଏକାଦଶୀରେ ମହାପ୍ରଭୁଙ୍କ ଜଳକ୍ରୀଡା ନୀତି ରହିଥିଲା। ଅନ୍ୟାନ୍ୟ ନୀତି ସାରି ବଡ଼ ସିଂହାର ବେଶ ହେବା ବେଳକୁ ଭୋର୍ ୪ଟା ୫୫ ହୋଇଥିଲା। ତେବେ ଭିତର ଚନ୍ଦନ ଯାତ୍ରା ସମୟରେ ପ୍ରାୟ ପ୍ରତ୍ୟେକ ଦିନ ବିଳମ୍ବରେ ଅର୍ଥାତ୍ ଭୋର୍ ୩ଟା କିମ୍ବା ୪ଟା ପାଖାପାଖି ପହୁଡ଼ ନୀତି ହେଉଛି । ଏହାମଧ୍ୟରେ ୩ ରାତି ଠାକୁରଙ୍କ ପହୁଡ଼ ନୀତି ହୋଇନାହିଁ। ଯାହାକୁ ନେଇ ଅସନ୍ତୋଷ ରହିଛି ।

# ରଥଖଳାରେ ହଣା ଚାଲିଛି ପାର୍ଶ୍ୱ ଦଣ୍ଡା, ଆଗକୁ ମୁହାଁଟିରେ ପୋତା ହେବ ଗୁଜ

**ପୁରୀ, ୨୮/୦୫ ନ୍ୟୁଜ ବ୍ୟୁରୋ**

ଚାଲିଛି ଦାରୁବ୍ରହ୍ମଙ୍କ ତିନି ରଥ ନିର୍ମାଣ କାମ। ରଥର ଦଣ୍ଡା କାମ ଜାରି ରହିଛି। ବିଶ୍ୱକର୍ମାମାନେ ବଡ଼ଦାଣ୍ଡରେ କାଠରେ ବାରିସି ଚଳାଇ ଦଣ୍ଡା ତିଆରୁଛନ୍ତି। ୫ ଦଣ୍ଡା କାର୍ଯ୍ୟ ଜାରି ରହିଛି । ଭୋଇସେବକମାନେ ବିଶ୍ୱକର୍ମାଙ୍କ ପରାମର୍ଶ ଅନୁସାରେ ସହଯୋଗ କରୁଛନ୍ତି। କାଠ ବୁଲାଇ ସଜାଡ଼ିବା ପରେ ଉଭୟ ପାର୍ଶ୍ୱର ସାଲ (ମାପ ଅନୁସାରେ କାଟିବା) କରାଯାଉଛି। ପାର୍ଶ୍ୱଦଣ୍ଡା ହଣା ଚାଲିଛି। ପୂର୍ବରୁ ମୁହାଁଟି ତିଆରି ରଥଖଳାରେ ସାଇତା ରହିଛି । ୫ ଦଣ୍ଡା ହଣା ସରିଲେ ବଡ଼ଦାଣ୍ଡରେ ନିର୍ମାଣକାରୀ ଦଣ୍ଡା ଫ୍ରେମ୍ ତିଆରିବେ। ପାଞ୍ଚ ଦଣ୍ଡାରେ ଲାଗିବ ଆଗ-ପଛ ମୁହାଁଟି । ମୁହାଁଟିରେ ୫ଟି ବିନ୍ଧ ହୋଇ ଦଣ୍ଡାରେ ଫିଟିଂ ହେବ ।



ମୁଖ୍ୟ ପାଞ୍ଚ ଦଣ୍ଡାରେ ଲାଗିବ ମୁହାଁଟି । ଆଗ ଓ ପଛ ମୁହାଁଟିରେ ପୋତା ହେବ ଗୁଜ। ୫ ଗୁଜ ଉପରେ ନିରାଡ଼ି ଉଠିବ। ଏହାପରେ ଚତୁଃପାଶ୍ୱର୍ରେ କୁଡୁକା ଲାଗିବ । ପାର୍ଶ୍ୱ ଦଣ୍ଡା ଲାଗିବ। ପାର୍ଶ୍ୱ ମୁହାଁଟି ସ୍ଥାପନ ହେବ । ପାର୍ଶ୍ୱ ମୁହାଁଟିରେ କୋଣ ଗୁଜ ଓ ଜଳଯନ୍ତ୍ର ସ୍ଥାପନ ହୋଇ ପାର୍ଶ୍ୱ ନିରାଡ଼ି ସ୍ଥାପନ ହେବ । ବଡ଼ଦାଣ୍ଡରେ ଫ୍ରେମ୍ ପ୍ରସ୍ତୁତ ହେଲା ପରେ ରଥରେ ଫିଟିଂ ହେବ। ତାଳଧ୍ୱଜ ରଥ ମୁଖ୍ୟ ବିଶ୍ୱକର୍ମା। ନରସିଂହ ମହାପାତ୍ର, ନନ୍ଦିଘୋଷର ମୁଖ୍ୟ ବିଶ୍ୱକର୍ମା। ବିଜୟ କୁମାର ମହାପାତ୍ର ଓ ଦେବଦଳନର ମୁଖ୍ୟ ବିଶ୍ୱକର୍ମା। ନାରାୟଣ ମହାରଣାଙ୍କ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ଜାରି ରହିଛି । ରଥତ୍ରୟର ମୋଟ ୪୨ ଚକ ଓ ୨୧ ଅଖ କାମ ଶେଷ ହୋଇଥିବା ସ୍ଥଳେ ଆଗକୁ ସଂଯୋଗ ହେବ । ଚକ ଓ ଅଖ ଗୁଡିକ ମାପଚୁପ ହେଲେ ରଥର ମୂଳଦୁଆ ପ୍ରସ୍ତୁତ ହେବ।

## ଶୃଙ୍ଖଳିତ ରଥଯାତ୍ରା ପାଇଁ ସମୀକ୍ଷା ବୈଠକ

# ବଡ଼ଦାଣ୍ଡରେ ଖୋଲିବ ୮ଟି ଅତ୍ୟାଧୁନିକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର

**ପୁରୀ,୨୮/୦୫ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ପାଇଁ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି । ଏନେଇ ଏକ ସମୀକ୍ଷା ବୈଠକ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ୩୦ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିରିକ୍ତ ବ୍ୟବସ୍ଥା କରାଯାଉଛି । ଏଥି ସହିତ ୧୦ ଶଯ୍ୟା ବିଶିଷ୍ଟ ୮ଟି ଅତିରିକ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ରହିବ । ଏଥିରେ ଅତିରିକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ ରହିବେ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ବଡ଼ଦାଣ୍ଡ ସମେତ ପୁରୀ ସହରର ପ୍ରମୁଖ ସ୍ଥାନ ଗୁଡିକରେ ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବ। ୫୦ରୁ ଅଧିକ ଆମ୍ବୁଲାନ୍ସ ବିଭିନ୍ନ ସ୍ଥାନରେ ମୁତୟନ କରାଯିବ । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତା ନିଆଯିବ । ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ସ୍ୱାସ୍ଥ୍ୟସେବାର ତଦାରଖ କରିବେ । ଆଇସିୟୁ, ଟ୍ରମା କେୟାର କେନ୍ଦ୍ର ପ୍ରସ୍ତୁତ କରି ରଖାଯିବ। ପୁରୀରେ ଥିବା ସବୁ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରସ୍ତୁତ ରଖାଯିବ। ରେଲୱେ ଷ୍ଟେସନ, ବସଷ୍ଟାଣ୍ଡରେ ଅସ୍ଥାୟୀ



ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯିବ। ଗୁରୁତର ରୋଗୀଙ୍କୁ କଟକ, ଭୁବନେଶ୍ୱର ସ୍ଥାନାନ୍ତର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ଆମ୍ବୁଲାନ୍ସ ଗୁଡ଼ିକ ଯେଭଳି ସୁରୁଖୁରୁରେ ଯାତାୟାତ କରିପାରିବ, ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ରଥଯାତ୍ରା ସମୟରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ୨ ଶହ ଡାକ୍ତରଙ୍କୁ ନିୟୋଜିତ କରାଯିବ। ସେପଟେ ଅପମିଶ୍ରିତ ଓ ଯେପରି ବାସି ଖାଦ୍ୟ ବିକ୍ରି ବନ୍ଦ ହେବ, ସେନେଇ ଖାଦ୍ୟ ନିରାପତ୍ତା ଅଧିକାରୀମାନେ ଯାଞ୍ଚ କରିବେ। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି,'ଚଳିତ ରଥଯାତ୍ରାରେ ଲୋକଙ୍କୁ କିଭଳି ତ୍ୱରିତ ଚିକିତ୍ସାସେବା ଯୋଗାଇ ହେବ, ସେନେଇ ଏକ ମାର୍ଗଦର୍ଶିକା କରାଯାଇଛି। ବଡ଼ଦାଣ୍ଡ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୮ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ରହିବ । ମୋଟ ୮୦ ବେଡ୍ ବିଶିଷ୍ଟ ଏହି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସବୁ ପ୍ରକାର ଚିକିତ୍ସା ସେବା ବ୍ୟବସ୍ଥା ରହିବ। ସବୁ ପ୍ରକାର ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ଉପକରଣ ଓ ସ୍ୱତନ୍ତ୍ର ଡାକ୍ତର ରହିବେ । ଏନେଇ ବୈଠକରେ ଆଲୋଚନା ହୋଇଛି । ଏହାସହ ଆମ୍ବୁଲାନ୍ସ କିଭଳି ଯାତାୟାତ କରିବ, ସ୍ୱେଚ୍ଛାସେବୀଙ୍କୁ କିପରି ତାଲିମ ପ୍ରଦାନ କରାଯିବ ସେନେଇ ସବିଶେଷ ଆଲୋଚନା ହୋଇଛି। ମାର୍ଗଦର୍ଶିକା ଅନୁଯାୟୀ ରଥଯାତ୍ରା, ସୁନାବେଶ ଏବଂ ବାହୁଡ଼ାରେ ସ୍ୱାସ୍ଥ୍ୟସେବା ଲୋକଙ୍କୁ ଯୋଗାଇ ଦିଆଯିବ। ଆଗାମୀ ଜୁନ ୨୯ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଜୁଲାଇ ୧୬ରେ ରଥଯାତ୍ରା ଅନୁଷ୍ଠିତ ହେବ। ଏହି ଦୁଇ ଯାତ୍ରାରେ ଦଇତାପତି ସେବକଙ୍କ ଗୁରୁ ଦାୟିତ୍ୱ ରହିଛି। ଠାକୁରଙ୍କ ପହଣ୍ଡି କିଭଳି ଶୃଙ୍ଖଳିତ ଓ ସୁରକ୍ଷିତ ଢଙ୍ଗରେ ହୋଇପାରିବ, ସେନେଇ ସମୀକ୍ଷା କରିଛନ୍ତି ପୁରୀ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଏକ ବୈଠକରେ ଶ୍ରୀମନ୍ଦିର ଦଇତାପତି ନିଯୋଗର କର୍ମକର୍ତ୍ତା ଯୋଗ ଦେଇଥିଲେ। ୨୦୨୪ ମସିହାରେ ରଥଯାତ୍ରାରେ ଆଡ଼ପ ମଣ୍ଡପ ବିଜେ ବେଳେ ବଡ଼ ଠାକୁର ଶ୍ରୀବଳଭଦ୍ର ରଥରୁ ଚାରମାଳକୁ ଖସି ପଡ଼ିଥିଲେ । ଯେପରି ସେଭଳି ଅଘଟଣ ଆଗାମୀ ଦିନରେ ନ ହେବ ଏବଂ ଶୃଙ୍ଖଳିତ ଢ଼ଙ୍ଗରେ ପହଣ୍ଡି କାର୍ଯ୍ୟ ସମାପନ ହେବ, ସେନେଇ ସମସ୍ତଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ । ପହଣ୍ଡି ପାଇଁ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ସଂଖ୍ୟାରୁ ଯେଭଳି ଅଧିକ ସେବକ ନ ରହିବେ, ସେନେଇ ଆଲୋଚନା ହୋଇଥିଲା। କିପରି ନିର୍ଦ୍ଧାରିତ ସମୟ ଅନୁସାରେ ସମସ୍ତ ନୀତିକାନ୍ତି ପାଳନ ହେବ, ସେନେଇ ମଧ୍ୟ ଆଲୋଚାନା ହୋଇଛି । ତେବେ ମହାପ୍ରଭୁଙ୍କ ସ୍ନାନଯାତ୍ରା, ଅଣସର, ନବଯୌବନ, ନେତ୍ରୋତ୍ସବ ସମସ୍ତ ନୀତି ଶୃଙ୍ଖଳିତ କରିବାକୁ ବାଡଗ୍ରାହୀ ସେବକମାନେ ମତ ରଖିଛନ୍ତି। ଦଇତାପତି ସେବକ ଭବାନୀ ଦାସ ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି, 'ଆଗାମୀ ରଥଯାତ୍ରାରେ କିଭଳି ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି, ଭକ୍ତଙ୍କ ଦର୍ଶନ ସୁରୁଖୁରୁରେ ଶୃଙ୍ଖଳିତ ଭାବରେ ହୋଇପାରିବ, ସେନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା ହୋଇଛି । ସେବାୟତଙ୍କ ମଧ୍ୟରେ ଯେପରି ସମନ୍ୱୟ ରହିବ, ସେନେଇ ଆଲୋଚନା ହୋଇଛି । ଏଥିପାଇଁ ଦଇତାପତି ସେବକମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି।' ଏହି ସମୀକ୍ଷା ବୈଠକରେ ପୁରୀ ମହାନଗର ନିଗମର କମିଶନର, ଅତିରିକ୍ତ ଜିଲ୍ଲାପାଳ, ଏସ୍‌ପି, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ସାମିଲ ହୋଇଥିଲେ ।

# କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ସାଂସଦ ସସ୍ମିତ ପାତ୍ର

## ଓଡ଼ିଶାର ବୌଦ୍ଧ ଐତିହ୍ୟ ସ୍ଥଳଗୁଡିକୁ ଜାତୀୟ ବୌଦ୍ଧ ସର୍କିଟରେ ସାମିଲ କରିବାକୁ ଅନୁରୋଧ



**ଭୁବନେଶ୍ୱର, ୨୮/୦୫ ନ୍ୟୁଜ ବ୍ୟୁରୋ**

ବିଜେଡିର ରାଜ୍ୟସଭା ସାଂସଦ ଡ଼ଃ ସସ୍ମିତ ପାତ୍ର କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଭେଟିଛନ୍ତି। ଓଡ଼ିଶାର ସମୃଦ୍ଧ ବୌଦ୍ଧ ଐତିହ୍ୟ ସ୍ଥଳଗୁଡିକୁ କେନ୍ଦ୍ର ସରକାରଙ୍କ 'ଜାତୀୟ ବୌଦ୍ଧ ସର୍କିଟ୍' ଏବଂ ଆନୁସଙ୍ଗିକ ପର୍ଯ୍ୟଟନ ଯୋଜନାରେ ଆନୁଷ୍ଠାନିକ ଭାବରେ ସାମିଲ କରିବା ପାଇଁ ସସ୍ମିତ ଅନୁରୋଧ କରିଛନ୍ତି । ନୂଆଦିଲ୍ଲୀରେ ହୋଇଥିବା ଭେଟଘାଟ ଅବସରରେ ସସ୍ମିତ ଏକ ସବିଶେଷ ଦାବିପତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଥିବା ମୁଖ୍ୟ ଦାବିଗୁଡିକ ମଧ୍ୟରେ ଓଡ଼ିଶାର ବୌଦ୍ଧ ପୀଠଗୁଡିକର ବିଶ୍ୱସ୍ତରୀୟ ମହତ୍ତ୍ୱ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର। ଯାହା ମଧ୍ୟରେ ହୀରକ ତ୍ରିଭୁଜ (ଡାଇମଣ୍ଡ ଟ୍ରାଙ୍ଗେଲ) ରତ୍ନଗିରି, ଉଦୟଗିରି, ଲଳିତଗିରିର ଐତିହାସିକ ତଥା ବିଶ୍ୱସ୍ତରୀୟ ଗୁରୁତ୍ୱ ଉପରେ ସେ ଉଲ୍ଲେଖ କରିଛନ୍ତି । ଯାହା ମିଳିତ ଭାବରେ ପୂର୍ବ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧ ଧର୍ମ ଶିକ୍ଷାକେନ୍ଦ୍ରର ପ୍ରତିନିଧିତ୍ୱ କରେ । ମହାଯାନ, ବଜ୍ରାୟନ ଭଳି ବୌଦ୍ଧ ପରମ୍ପରାର କ୍ରମବିକାଶ ଓ ଦକ୍ଷିଣ ପୂର୍ବ ଏସିଆ ସହ ପ୍ରାଚୀନ କଳିଙ୍ଗର ସାମୁଦ୍ରିକ ସମ୍ପର୍କକୁ ପ୍ରତିନିଧିତ୍ୱ କରେ ଏହି ହୀରକ ତ୍ରିଭୁଜ । ଏପରିକି ସଂସ୍କୃତି ସଂରକ୍ଷଣରେ ଏହାର ଗୁରୁତ୍ୱକୁ ଦେଖି ବର୍ତ୍ତମାନ ଏହାକୁ ୟୁନେସ୍କୋ ହେରିଟେଜ ସମ୍ଭାବ୍ୟ ତାଲିକାରେ ସ୍ଥାନିତ କରାଯାଇଛି । ଏହା ବ୍ୟତୀତ ଧଉଳି, ଯାହା କଳିଙ୍ଗ ଯୁଦ୍ଧ ପରେ ସମ୍ରାଟ ଅଶୋକଙ୍କ ହୃଦୟ ପରିବର୍ତ୍ତନର ମୂକସାକ୍ଷୀ। ପ୍ରାଚୀନ ପୁଷ୍ପଗିରି ମହାବିହାର ସହ ଜଡିତ ସ୍ଥଳ ଲାଙ୍ଗୁଡିର ରକ୍ଷଣାବେକ୍ଷଣ ଓ ଉନ୍ନତିକୁ ନେଇ ମଧ୍ୟ ସସ୍ମିତ ପାତ୍ର ପ୍ରସ୍ତାବିତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଓଡ଼ିଶାର ସମନ୍ୱିତ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ଅନ୍ତର୍ଜାତୀୟ ପ୍ରଚାର-ପ୍ରସାର ଓ ୟୁନେସ୍କୋ ବିଶ୍ୱ ଐତିହ୍ୟ ମାନ୍ୟତା ପାଇଁ ଆବଶ୍ୟକୀୟ ସହଯୋଗ ଯୋଗାଇ ଦେବାକୁ ସସ୍ମିତ କେନ୍ଦ୍ର ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି । ସସ୍ମିତଙ୍କ ମତରେ ଜାତୀୟ ବୌଦ୍ଧ ପର୍ଯ୍ୟଟନ ରୂପରେଖରେ ଓଡ଼ିଶାକୁ ସାମିଲ କରିବା ଦ୍ୱାରା ଭାରତର ସାଂସ୍କୃତି କୂଟନୀତି ମଜବୁତ ହେବ, ଆକ୍ଟ ଇଷ୍ଟ ପଲିସି ଅଧିକ ସମୃଦ୍ଧ ହେବ । ସମଗ୍ର ଦେଶରେ ଏକ ସନ୍ତୁଳିତ ଐତିହ୍ୟ ପର୍ଯ୍ୟଟନ ବିକାଶକୁ ପ୍ରୋତ୍ସାହନ ମିଳିବ। କେନ୍ଦ୍ରମନ୍ତ୍ରୀ ମଧ୍ୟ ଏ ବିଷୟରେ ସବିଶେଷ ଅନୁଧ୍ୟାନ କରାଯାଇ ଯଥୋଚିତ ପଦକ୍ଷେପ ନିଆଯିବା ନେଇ ଆଶ୍ୱାସନା ଦେଇଥିଲେ।

# ଚଳନ୍ତା କାର୍‌ରୁ ଚକ ବାହାରି ୨ ମୃତ

**ଘଟଗାଁ ୨୮।୫ ନ୍ୟୁଜ ବ୍ୟୁରୋ**

ଚଳନ୍ତା କାରରୁ ବାହାରିଗଲା ଚକ। ଭାରସାମ୍ୟ ହରାଇ ପୋଲ ତଳକୁ ଖସିଲା କାର୍ । ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । କେନ୍ଦୁଝର ଜିଲ୍ଲା ଦୈତାରୀ ଥାନା ଅର୍ନ୍ତଗତ ରାଣୋଳ ଛକ ନିକଟରେ ଦୁର୍ଘଟଣା ଘଟିଛି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୨୮/୦୫/୨୦୨୬
୯,୫୧,୨୩୬/- ଟଙ୍କା
ସୁନା:- ୦୫ ଗ୍ରାମ୍ ୬୫୦ ମିଲିଗ୍ରାମ
ରୂପା:- ୬୬ଗ୍ରାମ୍ ୬୫୦ ମିଲିଗ୍ରାମ

# ସେପ୍ଟେମ୍ବର ସୁଦ୍ଧା ମାଲକାନଗିରି ଜିଲ୍ଲାର ଜମିଜମା ବନ୍ଦୋବସ୍ତ ହେବ : ରାଜସ୍ୱ ମନ୍ତ୍ରୀ



**ଭୁବନେଶ୍ୱର, ୨୮/୦୫ ନ୍ୟୁଜ ବ୍ୟୁରୋ**

ସେପ୍ଟେମ୍ବର ସୁଦ୍ଧା ମାଲକାନଗିରି ଜିଲ୍ଲାର ବକେୟା ଥିବା ଜମିଜମା ମାମଲା ବନ୍ଦୋବସ୍ତ ହେବ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମାଲକାନଗିରି ଜିଲ୍ଲାର ଜମିଜମା ସମ୍ବନ୍ଧୀୟ ଏବଂ ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗ ସଂକ୍ରାନ୍ତରେ ପଦକ୍ଷେପ ନିଆଯିବ। ଲୋକସେବା ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟ ସରକାରଙ୍କ ୧୦ ଦଫା ନିର୍ଦ୍ଦେଶାବଳୀର କାର୍ଯ୍ୟକାରିତା ଓ ବିଭିନ୍ନ ବିଭାଗ ଦ୍ୱାରା ଗୃହୀତ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସମୀକ୍ଷା ହୋଇଛି । ରେଗୁଲେସନ-୨, ୧୯୫୬ ଅଧୀନରେ ଥିବା ୧୬୯ଟି ବକେୟା ମାମଲା ମଧ୍ୟରୁ ଇତିମଧ୍ୟରେ ପ୍ରାୟ ୩୦ଟି ମାମଲାର ନିଷ୍ପତ୍ତି କରାଯାଇଛି। ଏଥିପାଇଁ ମାଲକାନଗିରି ଉପଜିଲ୍ଲାପାଳଙ୍କ ଦ୍ୱାରା ମାମଲାଭିତ୍ତିକ ସ୍ୱତନ୍ତ୍ର କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଛି । ନିୟମିତ ଶୁଣାଣି କରି ବକେୟା ଥିବା ମାମଲାର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଜଣେ ଅତିରିକ୍ତ ଉପଜିଲ୍ଲାପାଳ ନିଯୁକ୍ତି ପାଇଁ ଆସିଥିବା ପ୍ରସ୍ତାବକୁ ବିଚାର କରି ଖୁବ୍‌ଶୀଘ୍ର ନିଯୁକ୍ତି ଦେବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭୂମିହୀନ ଏବଂ ବାସହୀନ ଆଦିବାସୀ ପରିବାରଙ୍କୁ ବସୁନ୍ଧରା ଯୋଜନା ଓ ଜଙ୍ଗଲ ଅଧିକାର ଆଇନ ୨୦୦୬ ଅଧୀନରେ ଜମି ଯୋଗାଇ ଦିଆଯାଇଛି। ବିଗତ ୪ ମାସ ମଧ୍ୟରେ ୯୦ଟି ଆଦିବାସୀ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ଜମି ପ୍ରଦାନ କରାଯାଇଛି । ୯୫ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଓ ୧୪ଟି ଗୋଷ୍ଠୀଗତ ଅଧିକାର ଦାବି ମଧ୍ୟ ଅନୁମୋଦନ ହୋଇଛି। ମାଛକୁଣ୍ଡ ଜଳସେଚନ ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ପରିବାରଙ୍କ ପୁନର୍ବାସ ଓ ଥଇଥାନ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି । ଏହି ପରିପ୍ରେକ୍ଷୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲା ପ୍ରଶାସନ, ପୋଲିସ ଓ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମନ୍ୱୟ ରଖି କାର୍ଯ୍ୟ କରିବା ସହ ଲୋକଙ୍କ ପ୍ରକୃତ ଅଭିଯୋଗକୁ ପ୍ରାଥମିକତା ଦେଇ ସମାଧାନ କରିବା ଏବଂ ପ୍ରତିମାସରେ ଅଗ୍ରଗତି ରିପୋର୍ଟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## 'ଓଡ଼ିଶା ବିଭବ' ପାଠକାର୍ପିତ : ବିକଶିତ ଓଡ଼ିଶା ଭାଷା ଭାବନା ଆଲୋଚନାଚକ୍ର

# ବିନା ଉଦ୍ୟମରେ ଭାଷା ଉତ୍ଥାନ ସମ୍ଭବ ନୁହେଁ: ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ




**ଭୁବନେଶ୍ୱର, ୨୮/୫ ନ୍ୟୁଜ ବ୍ୟୁରୋ**

ଭାଷା ଭିତ୍ତିକ ସ୍ୱତନ୍ତ୍ର ପତ୍ରିକା 'ଓଡ଼ିଶା ବିଭବ'ର ପ୍ରଥମ ସଂସ୍କରଣ ପାଠକାର୍ପିତ ହୋଇଯାଇଛି । ପାଠକାର୍ପଣ ଉତ୍ସବ ଅବସରରେ ଉପସ୍ଥିତ ଅତିଥି ଓଡ଼ିଆ ଭାଷାର ବର୍ତ୍ତମାନ ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଓଡ଼ିଶାରେ ଓଡ଼ିଆ ଭାଷାର ବ୍ୟବହାର କମ୍ ଓ ଅନ୍ୟ ଭାଷାର ବ୍ୟବହାର ଅଧିକ ହେଉଛି। ମାତୃଭାଷା ପ୍ରତି ଓଡ଼ିଆଙ୍କ ଆଦର ବଢ଼ିଲେ, ଓଡ଼ିଆ ଭାଷା ଆହୁରି ସମୃଦ୍ଧ ଓ ସଶକ୍ତ ହେବ ବୋଲି ଉପସ୍ଥିତ ଅତିଥି ବୃନ୍ଦ ମତପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଶ୍ରୀ ପଟ୍ଟନାୟକ ଓଡ଼ିଶାରେ ଓଡ଼ିଆ ଭାଷାର ବାସ୍ତବିକ ସ୍ଥିତିକୁ ନେଇ ଚିନ୍ତା ପ୍ରକାଶ କରିଥିଲେ। ପ୍ରତ୍ୟେକ ଓଡ଼ିଆଙ୍କ ପାଟିରେ ମାତୃଭାଷାର ବ୍ୟବହାର ବଢ଼ିବା ଜରୁରୀ। ଅନ୍ୟ ଭାଷାର ବ୍ୟବହାର କିଛି ଖରାପ କଥା ନୁହେଁ କିନ୍ତୁ ମାତୃଭାଷାର ନିୟମିତ ବ୍ୟବହାର ମଧ୍ୟ ହେବା ଜରୁରୀ। ଆମ ମାତୃଭାଷା ଆମ ଲାଗି ଅସ୍ମିତା ଓ ଏହି ଅସ୍ମିତା ସଶକ୍ତ ହେଲେ ଆମ ଐତିହ୍ୟ ଆହୁରି ଗୌରବାନ୍ୱିତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ତଥା କବି, ଗାଳ୍ପିକ ଓ ଲେଖକ ରକ୍ଷକ ନାୟକଙ୍କ ସଭାପତିତ୍ୱରେ ଗୁରୁବାର ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ଏହି ଉତ୍ସବରେ ପଦ୍ମଶ୍ରୀ ଶ୍ରୀ ପଟ୍ଟନାୟକ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଭାଷାବିତ୍ ଡକ୍ଟର ବସନ୍ତ ପଣ୍ଡା, ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା, ବରିଷ୍ଠ ସାମ୍ବାଦିକ ତଥା ସମ୍ଭକାର ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦାୟଦ ଧୀରେନ୍ଦ୍ର ନାଥ ଦାସ ଓ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦାୟଦ ପ୍ରଭୁ କଲ୍ୟାଣ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ବରେଣ୍ୟ ଅତିଥିଙ୍କ ସହ ପୂର୍ବତନ ବିଧାୟିକା ତଥା ଲେଖିକା ସିପ୍ରା ମଲ୍ଲିକ୍, ବିଶ୍ୱ ଓଡ଼ିଆ ପରିବାର ଅଧ୍ୟକ୍ଷ ସଜ୍ଜନ ଶର୍ମା, ଓଡ଼ିଆ ଭାଷା ଲାଗି ଯୁଦ୍ଧ କରିଥିବା ପବିତ୍ର ମହାରଥା, ସାମ୍ବାଦିକ ପ୍ରଦୀପ ପଟ୍ଟନାୟକ, ଅଧ୍ୟାପକ ଦେବୀଲାଲ ମିଶ୍ର, ଡକ୍ଟର ସତ୍ୟନାରାୟଣ ମିଶ୍ର ପ୍ରମୁଖଙ୍କୁ ଭାଷା ଲାଗି ନିରନ୍ତର ଉଦ୍ୟମ ଜାରି ରଖିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଷା ବଞ୍ଚିଲେ ଆମ ଅସ୍ତିତ୍ୱ ବଞ୍ଚିବ। ତେଣୁ ଏଥିପ୍ରତି ସମସ୍ତେ ଦୃଷ୍ଟି ଦେବା ଜରୁରୀ ଓ ନିଜ ଆଗରେ ନିଜ ମାତୃଭାଷାର ଉଚିତ୍ ସଂଶୋଧନ କରିବା ଆମ ଦାୟିତ୍ୱ ବୋଲି ଅତିଥିମାନେ ଉପସ୍ଥିତ ଶ୍ରୋତାମଣ୍ଡଳୀଙ୍କୁ ନିବେଦନ କରିଥିଲେ। ସାମ୍ବାଦିକ ସ୍ୱପ୍ନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।



ସମ୍ପାଦକୀୟ
ପୃଷ୍ଠା-୪
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ଏଲ୍‌ନିନୋ ରୂପରେ ମାଡ଼ିଆସୁଛି ପ୍ରଳୟ
ହରପ୍ପାଠୁ ବି ପ୍ରାଚୀନ, ୫୦୦୦ ବର୍ଷ ପୁରୁଣା କୃତ୍ରିମ ଦ୍ୱୀପ ଠାବ

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ : ଗାଁ'ରେ ପହଞ୍ଚିନି ପିରିୟଡ୍ କପ୍, ଟାମ୍ପୁନ

**ଭୁବନେଶ୍ୱର,୨୮/୦୫ ନ୍ୟୁଜ ବ୍ୟୁରୋ**

'ସ୍ୱଚ୍ଛ ନିରାପଦ ଋତୁସ୍ରାବ ଅଭ୍ୟାସ' ରାଜ୍ୟରେ ଏକ ଆହ୍ୱାନ। ଏହି ଶାରୀରିକ ଧର୍ମକୁ ନେଇ ଖୋଲାଖୋଲି ଆଲୋଚନା କରିବାକୁ ଲୋକେ ସଂକୋଚ କରୁଛନ୍ତି। ସହରାଞ୍ଚଳରେ ମାନସିକତାରେ ଧୀରେ ଧୀରେ ପରିବର୍ତ୍ତନ ଦେଖାଦେଉଥିବା ବେଳେ ଗ୍ରାମାଞ୍ଚଳରେ ଋତୁସ୍ରାବ ସହ ଜଡ଼ିତ ଅଜ୍ଞାନତା ରହିଛି । ଗାଁ ଗହଳିରେ ମାସିକ ଧର୍ମ ବେଳେ ଆଜି ବି କପଡ଼ା କିମ୍ବା ସରକାରୀ ବ୍ୟବସ୍ଥାରେ ମିଳୁଥିବା ସାନିଟାରୀ ନାପକିନ୍ ବ୍ୟବହାର କରୁଛନ୍ତି । ପରିବେଶ ଉପଯୋଗୀ ସାନିଟାରୀ ବିକଳ୍ପ ଯଥା- ମେନ୍‌ଷ୍ଟ୍ରୁଆଲ୍ କପ୍, ଟାମ୍ପୁନ୍ ଏବଂ ଡିସକ୍ ବିଷୟରେ ରାଜ୍ୟର ଅଧିକାଂଶ ମହିଳା ଜାଣିନାହାନ୍ତି। ଋତୁସ୍ରାବ ସ୍ୱଚ୍ଛତାକୁ ନେଇ କରାଯାଇଥିବା ବିଭିନ୍ନ ସର୍ଭେରୁ ଏହା ଜଣାପଡ଼ିଛି।

ବିଏମସି ୱିମେନ୍ସ ହେଲ୍‌ଥ୍‌ରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଗ୍ରାମାଞ୍ଚଳରେ ୩୧.୬% ମହିଳା ଋତୁସ୍ରାବ ବେଳେ କପଡ଼ା ବ୍ୟବହାର କରନ୍ତି। ୬୧% ମହିଳା ସ୍ୟାନିଟାରି ପ୍ୟାଡ୍ ଓ ୭.୨% ମହିଳା ଉଭୟ କପଡ଼ା ଏବଂ ସାନିଟାରୀ ପ୍ୟାଡ୍ ବ୍ୟବହାର କରୁଥିବା ଜଣାପଡ଼ିଛି। ୪୬% ମହିଳା ମାସିକ ଋତୁ ଆରମ୍ଭ ହେବା ପୂର୍ବରୁ ସେ ବିଷୟରେ ଅବଗତ ନ ଥିଲେ ବୋଲି ସର୍ଭେରେ କୁହାଯାଇଛି। ୧୦ରୁ ୪୯ ବର୍ଷ ବୟସର ୯୨୧ ମହିଳାଙ୍କୁ ନେଇ କରାଯାଇଥିବା ଏହି ସାମ୍ପୁଲ ସର୍ଭେରେ ଏହା ଜଣାପଡ଼ିଛି।



ଋତୁସ୍ରାବକାଳୀନ ସ୍ୱଚ୍ଛତା ପରିଚାଳନା ପ୍ରଜନନ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବା ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ତେବେ ଗ୍ରାମାଞ୍ଚଳରେ ମହିଳା, ଯୁବତୀ ଓ ଛାତ୍ରୀଙ୍କ ମଧ୍ୟରେ ଋତୁସ୍ରାବ ସ୍ୱଚ୍ଛତାକୁ ନେଇ ଏବେବି ସଚେତନତାର ଅଭାବ ରହିଛି ବୋଲି ହେଲଥ୍ ଡେମୋଗ୍ରାଫିକ ଏନଭାର୍ନମେଣ୍ଟାଲ ସିଷ୍ଟମ (ଏଚଡିଇଏସଏସ) ପକ୍ଷରୁ ହୋଇଥିବା ଆଉ ଏକ ଅନୁଧ୍ୟାନରୁ ଜଣାପଡ଼ିଛି।

୧୪ରୁ ୪୯ ବର୍ଷୀୟା ୬୨୨ ଜଣ ମହିଳା, ଯୁବତୀ, କିଶୋରୀଙ୍କୁ ନେଇ ହୋଇଥିବା ଏହି ସର୍ଭେରେ ୮୬.୯ % ସାନିଟାରୀ ପ୍ୟାଡ୍ ବ୍ୟବହାର କରୁଥିବା ଜଣାପଡ଼ିଛି । କିନ୍ତୁ ୪୮.୭% କପଡ଼ା ବ୍ୟବହାରକାରୀ ଏନେଇ ଅଭିଜ୍ଞତା ଉତ୍କୃଷ୍ଟ ବୋଲି ମତ ଦେଇଥିଲେ। ତେବେ ସରକାରୀ ବ୍ୟବସ୍ଥାରେ ମିଳୁଥିବା ପ୍ୟାଡ୍ ବ୍ୟବହାର କରୁଥିବା ୨୯.୭% ସବୁଠାରୁ ଅଧିକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସାନିଟାରୀ ପ୍ୟାଡ୍ ପୋଡ଼ିବା କିମ୍ବା ପୋତିବା ପରିବେଶ ପାଇଁ କ୍ଷତିକାରକ। କିନ୍ତୁ ଏହି ସର୍ଭେରେ ୪୦.୨% ମହିଳାଙ୍କର ସାନିଟାରୀ ସାମଗ୍ରୀକୁ ପୋତି ଦେବା ଏକ ସାଧାରଣ ଅଭ୍ୟାସ । ପୁନଃବ୍ୟବହାର ଯୋଗ୍ୟ ପିରିୟଡ୍ ପ୍ୟାଣ୍ଟି, କପ୍, ଡିସ୍କ ଆଦିର ବ୍ୟବହାର ବିଷୟରେ ସହରାଞ୍ଚଳରେ ଧୀରେ ଧୀରେ ଲୋକେ ଅବଗତ ହେଲେଣି। ଏହା ସାନିଟାରୀ ପ୍ରଦୂଷଣ ରୋକିବା ଦିଗରେ ଏକ ବଡ଼ ଉତ୍ତରଦାୟିତ୍ୱ। କିନ୍ତୁ ଗ୍ରାମାଞ୍ଚଳରେ ଡିସପାଜେବଲ୍ ସାନିଟାରୀ ପ୍ୟାଡ୍ ଏବଂ କପଡ଼ା ହିଁ ସାଧାରଣତଃ ବ୍ୟବହାର ହୋଇଥାଏ। ତେବେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେଇ କପଡ଼ାକୁ ବ୍ୟବହାର କଲେ ବି ଏହା ଅନ୍ୟତମ ପରିବେଶ ଉପଯୋଗୀ ଋତୁସ୍ରାବ ବିକଳ୍ପ ହୋଇପାରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି ।